କଟକ
ଶୁକ୍ରବାର ୧୭ ଜୁଲାଇ, ୨୦୨୬
ପ୍ରାତଃ ସଂସ୍କରଣ

July 17, 2026 Cuttack
Vol - XXIV, Issue - 106
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ


सत्यमेव जयते
भारत सरकार



# ବିକଶିତ ଭାରତ
## ପାଇଁ ଆଧୁନିକ ରେଳ
## ଉନ୍ନତ ଭିତ୍ତିଭୂମି

## ଓଡ଼ିଶାର ୭ଟି ପୁନଃବିକଶିତ ଅମୃତ ଷ୍ଟେସନ
ସହିତ
## ଦେଶବ୍ୟାପୀ ୭୫ଟି ପୁନଃବିକଶିତ ଅମୃତ ଷ୍ଟେସନର
### ଉଦ୍‌ଘାଟନ



ତାଳଚେର


ବଲାଙ୍ଗୀର



ବରପାଲି



କେସିଙ୍ଗା


ପାରଳାଖେମୁଣ୍ଡି



ବିମଳଗଡ଼



ବାରିପଦା

### ଲାଭ

- ସ୍ଥାନୀୟ ସଂସ୍କୃତି ଏବଂ ସ୍ଥାପତ୍ୟ କଳାରୁ ଅନୁପ୍ରାଣିତ ଷ୍ଟେସନ ଭବନର ଡିଜାଇନ
- ଯାତ୍ରୀ ଅନୁକୂଳ ବିଶ୍ୱସ୍ତରୀୟ ସୁବିଧାରେ ସୁସଜ୍ଜିତ
- ଉନ୍ନତ ପାର୍କିଂ ଏବଂ ପ୍ରଶସ୍ତ ପ୍ରତୀକ୍ଷାଳୟର ସୁବିଧା
- ଜଳ ସଂରକ୍ଷଣ, ସୌର ଶକ୍ତି ଓ ସବୁଜ ପରିବେଶର ବ୍ୟବସ୍ଥା
- ପର୍ଯ୍ୟଟନ, ରୋଜଗାର ଓ ବାଣିଜ୍ୟର ବିକାଶକୁ ପ୍ରୋତ୍ସାହନ
- ସିଟି ସେଣ୍ଟର ଭାବେ ବିକଶିତ ହେଉଛି ରେଳଷ୍ଟେସନ

ପ୍ରଧାନମନ୍ତ୍ରୀ
# ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା
(ଭିଡିଓ କନଫରେନ୍ସିଂ ମାଧ୍ୟମରେ)

୧୭ ଜୁଲାଇ, ୨୦୨୬ | ଅପରାହ୍ଣ ୦୩:୩୦ ଘ. | ଜଳନ୍ଧର କ୍ୟାଣ୍ଟ୍ ରେଳ ଷ୍ଟେସନ

### ଗରିମାମୟ ଉପସ୍ଥିତି

| | | | |
|---|---|---|---|
| **ଡ. ହରି ବାବୁ କମ୍ଭମ୍‌ପାଟି**<br>ରାଜ୍ୟପାଳ, ଓଡ଼ିଶା | **ମୋହନ ଚରଣ ମାଝୀ**<br>ମୁଖ୍ୟମନ୍ତ୍ରୀ, ଓଡ଼ିଶା | **ଅଶ୍ୱିନୀ ବୈଷ୍ଣବ**<br>କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ | **ଧର୍ମେନ୍ଦ୍ର ପ୍ରଧାନ**<br>କେନ୍ଦ୍ର ଶିକ୍ଷା ମନ୍ତ୍ରୀ |
| **ଜୁଏଲ ଓରାମ**<br>କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ | **ରବନୀତ ସିଂହ**<br>କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ | **ପ୍ରଭାତୀ ପରିଡ଼ା**<br>ଉପ-ମୁଖ୍ୟମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ତଥା ପର୍ଯ୍ୟଟନ ମନ୍ତ୍ରୀ, ଓଡ଼ିଶା | **କନକ ବର୍ଦ୍ଧନ ସିଂହ ଦେଓ**<br>ଉପ-ମୁଖ୍ୟମନ୍ତ୍ରୀ ଏବଂ କୃଷି, କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ, ଓଡ଼ିଶା |
| **ମନମୋହନ ସାମଲ**<br>ସାଂସଦ, ରାଜ୍ୟସଭା | **ଦିଲ୍ଲୀପ କୁମାର ରାୟ**<br>ସାଂସଦ, ରାଜ୍ୟସଭା | **ସଙ୍ଗୀତା କୁମାରୀ ସିଂହ ଦେଓ**<br>ସାଂସଦ, ଲୋକସଭା | **ନବ ଚରଣ ମାଝୀ**<br>ସାଂସଦ, ଲୋକସଭା |
| **ପ୍ରଦୀପ ପୁରୋହିତ**<br>ସାଂସଦ, ଲୋକସଭା | **ମାଳବିକା ଦେବୀ**<br>ସାଂସଦ, ଲୋକସଭା | **ଡ. ପ୍ରଦୀପ କୁମାର ପାଣିଗ୍ରାହୀ**<br>ସାଂସଦ, ଲୋକସଭା | **ରୁଦ୍ର ନାରାୟଣ ପାଣି**<br>ସାଂସଦ, ଲୋକସଭା |

/RailMinIndia ରେ ଆମକୁ ଅନୁସରଣ କରନ୍ତୁ

# ଭାରତୀୟ ରେଳପଥ
www.indianrailways.gov.in

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ





ରଥରେ ଶ୍ରୀବିଗ୍ରହଙ୍କ ଚିତାଲାଗି ନୀତି



ବଡ଼ଦାଣ୍ଡରେ
ତିନି ରଥ

# ଭକ୍ତ-ଭଗବାନ ଏକାକାର

ପ୍ରତୀକ୍ଷାର ଅନ୍ତ ଘଟିଲା। ଆରମ୍ଭ ହେଲା ଜନ୍ମବେଦୀ ମହୋତ୍ସବ। ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ଖେଳିଗଲା ଶିହରଣ। ଅପୂର୍ବ ଆନନ୍ଦର ସହିତ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଟାଣିନେଲେ ଶ୍ରଦ୍ଧାଳୁ । ଘର୍ଘର ନାଦରେ ବଡ଼ଦାଣ୍ଡରେ ଗଡ଼ିଲା ତିନି ରଥ। ଜଗତର ନାଥ ଜଗନ୍ନାଥଙ୍କ ପ୍ରେମରେ ବିଭୋର ହେଲେ। ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହେଲା ବଡ଼ଦାଣ୍ଡ। ଘଣ୍ଟଘଣ୍ଟା, ଭେରୀ ତୂରୀ ନାଦରେ କମ୍ପିଲା ଚତୁର୍ଦ୍ଦିଗ। ରଥ ଉପରେ ଶ୍ରୀଜିଉଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେକଲେ ଭକ୍ତମଣ୍ଡଳୀ। ଭକ୍ତ-ଭଗବାନ ସମସ୍ତେ ଏକାକାର।



ଶ୍ରୀଶ୍ରୀ ଗଜପତି ମହାରାଜଙ୍କ ଦ୍ୱାରା ରଥରେ ଛେରାପହଁରା











ମଦନମୋହନ ଓ ରାମକୃଷ୍ଣଙ୍କ ରଥ ବିଜେ





ଶୂନ୍ୟ ପହଣ୍ଡିରେ ଚକ୍ରରାଜ ସୁଦର୍ଶନ

ବଡ଼ଦାଣ୍ଡରେ ତିନିଠାକୁରଙ୍କୁ ଦର୍ଶନ କରୁଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ନେତା



ଭକ୍ତମୟ ବଡ଼ଦାଣ୍ଡ

୧୭ ଜୁଲାଇ, ୨୦୨୬

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ


## ବ୍ରିଟେନ ବଜାରରେ ବଢ଼ିବ ଭାରତର ରପ୍ତାନୀ

**ନୂଆଦିଲ୍ଲୀ,୧୬।୭(ନି.ପ୍ର):** ବ୍ରିଟେନ ସହ ହୋଇଥିବା ବାଣିଜ୍ୟ ରାଜିନାମା ଲାଗୁ ଫଳରେ ଭାରତକୁ ଖୁବ୍ ଲାଭ ମିଳିବ। ବର୍ଷକୁ ୯୪୯ ବିଲିୟନ ଡଲାର ମୂଲ୍ୟର ଆମଦାନୀ କରୁଛି ବ୍ରିଟେନ। ଏଥିରେ ଭାରତର ଭାଗିଦାରୀ ମାତ୍ର ୧୩.୪୪ ବିଲିୟନ ରହିଛି। ରାଜିନାମା ଫଳରେ ଭାରତର ଭାଗିଦାରୀ ଆହୁରି ବୃଦ୍ଧି ପାଇବ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା

**ନୂଆଦିଲ୍ଲୀ,୧୬।୭(ନି.ପ୍ର):** ଓଡ଼ିଶା ଗସ୍ତରେ ଆସିଲେ ମହାମହିମ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୟ ଜଗନ୍ନାଥ କହି ଭାଷଣ ଆରମ୍ଭ କରିଥାନ୍ତି। ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରଦ୍ଧାଳୁଙ୍କୁ ମଧ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି। ଶୁଭକାମନା ଜଣାଇ ରାଷ୍ଟ୍ରପତି କହିଛନ୍ତି, ଏହି ମହାପର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଗିନୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ସହିତ ରଥାରୂଢ଼ ହୋଇ ଭକ୍ତମାନଙ୍କ ସହିତ ମିଳିତ ହୁଅନ୍ତି । ଭକ୍ତ ଓ ଭଗବାନଙ୍କ ମିଳନର ଏହି ପର୍ବ ବିଶ୍ୱରେ ବିରଳ। ଏହି ଶୁଭ ଅବସରରେ ଦେଶ ଓ ଦେଶବାସୀଙ୍କ ସୁଖ ସମୃଦ୍ଧି ପାଇଁ ମୁଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ରଥଯାତ୍ରା ଭାରତର କାଳଜୟୀ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଅଭିବ୍ୟକ୍ତି । ଏହା ବିନମ୍ରତା, ସାମୂହିକ ଅଂଶଗ୍ରହଣ ଏବଂ ନିଃସ୍ୱାର୍ଥପର ସେବାକୁ ପ୍ରତିଫଳିତ କରିଥାଏ। ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା । ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ସମୃଦ୍ଧି ପ୍ରଦାନ କରନ୍ତୁ । ମହାପ୍ରଭୁ ସମାଜରେ ଏକତାର ଭାବନାକୁ ଆହୁରି ସୁଦୃଢ଼ କରନ୍ତୁ।

## ୪୮ ଘଣ୍ଟାରେ ପୁରୀରେ ୨୩୩ ମିମି ବର୍ଷା

**ଭୁବନେଶ୍ୱର,୧୬।୭(ନି.ପ୍ର):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଫଳରେ ରାଜ୍ୟରେ ଜାରି ରହିଛି ବର୍ଷା। ଏହି ବର୍ଷା ମଧ୍ୟ ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଭିଜାଇ ଦେଇଛି। କିନ୍ତୁ ବର୍ଷାକୁ ଖାତିର ନକରି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସମବେତ ହୋଇଛନ୍ତି ଶ୍ରୀକ୍ଷେତ୍ରରେ। ୪୮ ଘଣ୍ଟା ମଧ୍ୟରେ ପୁରୀରେ ୨୩୩.୩ ମିମି ବର୍ଷା ରେକର୍ଡ଼ କରାଯାଇଛି। ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଯେ, ଶ୍ରୀଗୁଣ୍ଡିଚା ଯାତ୍ରା କିମ୍ବା ବାହୁଡ଼ା ଯାତ୍ରାରେ ଇନ୍ଦ୍ର ଦେବ କୃପା ବର୍ଷା କରିଥାନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରାରେ ବର୍ଷା ହୋଇଥିବାରୁ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ପାଗ ଶୁଖିଲା ରହିପାରେ।

# ଭକ୍ତିଭାବରେ ଉଚ୍ଛୁଳିଲା ଶ୍ରୀକ୍ଷେତ୍ର





## ବଡଦାଣ୍ଡ ଜନସମୁଦ୍ର

**ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ମାର୍କେଟ ଛକରେ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ମରୀଚିକୋଟ ଛକରେ ଅଟକି ରହିଛି। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ମାତ୍ର ୨-୩ ହାତ ଗଡ଼ିଛି। ଶୁକ୍ରବାର ପୁଣି ତିନିରଥ ଟାଣିବେ ଶ୍ରଦ୍ଧାଳୁ।**

**ପୁରୀ,୧୬।୭(ନି.ପ୍ର):** ବର୍ଷରେ ଗୋଟିଏ ଦିନକୁ ଉତ୍ସୁକତାର ସହ ଅପେକ୍ଷା କରି ରହିଥାନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିରରୁ ବାହାରି ରଥାରୂଢ଼ ହୋଇ ମହାପ୍ରଭୁ ଲୀଳାମୟ ଶ୍ରୀଜଗନ୍ନାଥ ଭାଇଭଉଣୀ ଓ ସୁଦର୍ଶନଙ୍କ ସହ ଭକ୍ତଙ୍କ ମେଳରେ ବଡ଼ଦାଣ୍ଡରେ ଯାତ୍ରା କରିଥାନ୍ତି ଗୁଣ୍ଡିଚା ମନ୍ଦିରକୁ। ଭକ୍ତ ଓ ଭଗବାନଙ୍କର ମହାମିଳନ ହୋଇଥାଏ। ବଡ଼ଦାଣ୍ଡ କେବଳ ପଥ ନୁହେଁ, ଭକ୍ତ ଓ ଭଗବାନଙ୍କର ମହାମିଳନର ପଥ। ଏକାକାର ହୋଇଯାଆନ୍ତି ରଥାରୂଢ଼ ଶ୍ରୀଜିଉ ଓ ଶ୍ରଦ୍ଧାଳୁ। ବିଶ୍ୱାସ ରହିଛି ରଥାରୂଢ଼ ଶ୍ରୀଜିଉଙ୍କୁ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଦିନ ଚର୍ମ ଚକ୍ଷୁରେ ଦର୍ଶନ କଲେ ଏହି ଭବ ସାଗରରୁ ପାର ହେବା ସହିତ ଆଉ ପୁର୍ନଜନ୍ମ ମିଳିନଥାଏ। ଆତ୍ମା ମୋକ୍ଷ ଲାଭ କରିଥାଏ। ଶ୍ରୀକ୍ଷେତ୍ରରେ ଗୁରୁବାର ହୋଇଛି ଭକ୍ତ, ଆନନ୍ଦ ଓ ଆଧ୍ୟାତ୍ମିକତାର ମହାପର୍ବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା।

ବର୍ଷା ଲାଗିରହିଥିବା ସତ୍ତ୍ୱେ ଶ୍ରୀମନ୍ଦିରରେ ସମସ୍ତ ନୀତିକାନ୍ତି ସହ ଆରମ୍ଭ ହୋଇଥିଲା ଶ୍ରୀଜିଉଙ୍କ ପହଣ୍ଡି ବିଜେ। ବଡ଼ଦାଣ୍ଡ ପାଲଟି ଯାଇଥିଲା ଜନସମୁଦ୍ର। ଝରୁଥିବା ବର୍ଷାକୁ ଖାତିର ନକରି ଶ୍ରଦ୍ଧାଳୁ କହିଥିଲେ, ଇଏ ବର୍ଷା ନୁହେଁ, ଇନ୍ଦ୍ର ଦେବଙ୍କ କୃପା ବର୍ଷା। ଘଣ୍ଟଘଣ୍ଟି , କାହାଳୀ, ଜୟଜଗନ୍ନାଥ, ହରିବୋଲ ଧ୍ୱନିରେ ଉଠିଥିଲା ପଡ଼ିଥିଲା ବଡ଼ଦାଣ୍ଡ। ଧାଡ଼ି ପହଣ୍ଡିରେ ରଥାରୂଢ଼ ହୋଇଥିଲେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଓ ଦେବୀ ସୁଭଦ୍ରା। ସବାଶେଷରେ ହୋଇଥିଲା କାଳିଆ ସାଆନ୍ତଙ୍କ ପହଣ୍ଡି। ତାଳଧ୍ୱଜ ରଥରେ ଶ୍ରୀବଳଭଦ୍ର, ଦେବଦଳନ ରଥରେ ମାଆ ସୁଭଦ୍ରା, ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ ବିଜେ ହୋଇଥିଲେ। ରଥରେ ମଧ୍ୟ ରଥରେ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଥିଲା ଗଜପତି ମହାରାଜଙ୍କ ଛେରାପହଁରା ନୀତି। (ପୃଷ୍ଠା୫)

## ଭିଡ଼ରେ ଅଣନିଃଶ୍ୱାସୀ ହୋଇ ୨ ଶ୍ରଦ୍ଧାଳୁ ମୃତ

**ପୁରୀ,୧୬।୭(ନି.ପ୍ର):** ଶ୍ରୀକ୍ଷେତ୍ରରେ ଅଘଟଣ ଘଟିଛି ରଥଯାତ୍ରାରେ। ଭିଡ଼ରେ ଅଣନିଃଶ୍ୱାସୀ ହୋଇ ୨ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି। କେତେଜଣ ପୀଡ଼ିତ ଶ୍ରଦ୍ଧାଳୁଙ୍କୁ ପୁରୀ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହସ୍‌ପିଟାଲ ଯାଇ ସ୍ଥିତି ଅନୁଧ୍ୟାନ କରିବାସହ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ କଥା ବୁଝିବାକୁ।

ସୂଚନା ଅନୁଯାୟୀ, ବର୍ଷା ଲାଗିରହିଥିବାବେଳେ ଶ୍ରୀଜିଉଙ୍କ ପହଣ୍ଡି ସମୟରେ ବର୍ଷାର ପ୍ରକୋପ ସାମାନ୍ୟ କମିଯାଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କର ଆହୁରି ଭିଡ଼ ବଢ଼ିଥିଲା। ମରୀଚିକୋଟ ଛକ ନିକଟରେ ପ୍ରବଳ ଭିଡ଼ରେ ସାମାନ୍ୟ ଠେଲାପେଲା ହୋଇଥିଲା। କେତେଜଣ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ସେମାନେ ବ୍ୟାଗ, ଚପଲ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ତଳେପଡ଼ିଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସରେ ସେମାନଙ୍କୁ ନିଆଯାଇଥିଲା ପୁରୀ ହସ୍‌ପିଟାଲକୁ। ଡାକ୍ତର ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଶ୍ରଦ୍ଧାଳୁ କେନ୍ଦୁଝର ଜିଲ୍ଲାର ଅନିଲ ଦାସ ବୋଲି ଜଣାପଡ଼ିଛି। ଅନ୍ୟ ଆହତମାନଙ୍କୁ ଚିକିତ୍ସା କରାଯାଉଛି। କେତେଜଣ ଶ୍ରଦ୍ଧାଳୁ ମଧ୍ୟ ଖଣ୍ଡିଆଖାବରା ହୋଇଯାଇଛନ୍ତି। ଜଣେ ଶ୍ରଦ୍ଧାଳୁ ଗୁରୁତର ଥିଲେ ଏବଂ ହସ୍‌ପିଟାଲରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରାଯାଇଥିଲା।

## ନନ୍ଦିଘୋଷ ଟାଣିଲେ ମୁଖ୍ୟମନ୍ତ୍ରୀ

**ପୁରୀ,୧୬।୭(ନି.ପ୍ର):** ଶ୍ରୀକ୍ଷେତ୍ର ରଥଯାତ୍ରାରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ, ବିଧାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମଧ ଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଏବଂ ପ୍ରଗତି ପ୍ରବାହ ସମେତ ରାଜ୍ୟ ପ୍ରକାଶନର ନୂତନ ସଂସ୍କରଣ ଉନ୍ମୋଚନ କରିଥିଲେ। ବରିଷ୍ଠ କ୍ୟାବିନେଟ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଏହା ଉନ୍ମୋଚିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସିଂହଦ୍ୱାରରେ ଏକ ଟଙ୍କ ତୋରାଣି ବଣ୍ଟନ କେନ୍ଦ୍ର ମଧ ଉଦ୍‌ଘାଟନ କରିଥିଲେ। ଏପରିକି ଭକ୍ତ ଓ ତୀର୍ଥଯାତ୍ରୀମାନଙ୍କୁ ସେ ଟଙ୍କ ତୋରାଣି ବଣ୍ଟନ କରୁଥିବା ଦେଖାଯାଇଥିଲା।ବଲିଉଡ ସିଙ୍ଗର ସୋନୁ ନିଗମ ବି ପହଞ୍ଚିଥିଲେ ମହାପ୍ରଭୁଙ୍କ ଦର୍ଶନ ପାଇଁ। ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ସହ ସେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

## ଟିଏମ୍‌ସି ରାଜ୍ୟସଭା ସାଂସଦ କୋଏଲ ମଲ୍ଲିକଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୬।୭(ନି.ପ୍ର):** ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ରାଜ୍ୟସଭା ସାଂସଦ କୋଏଲ ମଲ୍ଲିକ ଦଳରୁ ଇସ୍ତଫା ଦେଇଛନ୍ତି। ଟିଏମ୍‌ସି ଚିଫ୍ ମମତା ବାନାର୍ଜୀଙ୍କୁ ଆଉ ଏକ ବଡ଼ ଝଟ୍‌କା ମିଳିଛି। ଦଳରୁ ଇସ୍ତଫା ଦେଇଥିବା ଚତୁର୍ଥ ସାଂସଦ କୋଏଲ ମଲ୍ଲିକ। ସେ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟରେ ତାଙ୍କର ଇସ୍ତଫାପତ୍ର ଦାଖଲ କରିଛନ୍ତି। କୋଏଲ ମଲ୍ଲିକ ଏପ୍ରିଲରେ ଟିଏମ୍‌ସିରୁ ରାଜ୍ୟସଭା ସାଂସଦ ହୋଇଥିଲେ। ସୂତ୍ର ଅନୁଯାୟୀ, ଟିଏମ୍‌ସି ରାଜ୍ୟସଭା ସାଂସଦ କୋଏଲ ମଲ୍ଲିକ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି ପି ରାଧାକୃଷ୍ଣନଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। କୋଏଲ ମଲ୍ଲିକଙ୍କ ଇସ୍ତଫା ପରେ ରାଜ୍ୟସଭାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦଙ୍କ ସଂଖ୍ୟା ନଅକୁ ହ୍ରାସ ପାଇଛି।

## ଶାନ୍ତି ପାଇଁ ଆଲୋଚନା କର, ନହେଲେ ବଡ଼ ଆକ୍ରମଣ : ଟ୍ରମ୍ପ

**ୱାଶିଂଟନ,୧୬।୭(ଏଜେନ୍ସି):** ହର୍ମୁଜ ପ୍ରଣାଳୀରେ ଆରମ୍ଭ ହୋଇଯାଇଛି ଅବରୋଧ । ଫଳରେ ବୈଶ୍ୱିକ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ହର୍ମୁଜ ଉପରେ ତା'ର ଅଧିକାର ରହିଛି ବୋଲି ଇରାନ ଦାବି କରୁଛି। ହର୍ମୁଜ ଦେଇ ଯାତାୟାତ କରୁଥିବା ମାଲ୍‌ବାହୀ ଜାହାଜଗୁଡ଼ିକରୁ ଟୋଲ୍ ଆଦାୟ କରିବା ପାଇଁ ଜିଦ୍ ଧରି ବସିଛି। ଜିଦ୍‌ରୁ ହଟୁନାହିଁ। ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଶାନ୍ତି ପାଇଁ ଆଲୋଚନା କରି, ନହେଲେ ବଡ଼ଧରଣର ଆକ୍ରମଣ ହେବ।

ଇରାନ ବିରୋଧରେ ଯୁଦ୍ଧକୁ ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି ଟ୍ରମ୍ପ । ସେ କହିଛନ୍ତି, ଇରାନ ଯଦି ଶାନ୍ତି ଆଲୋଚନା ଆରମ୍ଭ ନକରେ ତେବେ ଆଗାମୀ ସପ୍ତାହରୁ ଇରାନ ଜନସାଧାରଣଙ୍କ ବ୍ୟବହାର୍ଯ୍ୟ ଭିତ୍ତିଭୂମି ଉପରେ ବଡ଼ ଧରଣର ଆକ୍ରମଣ କରାଯିବ। ଇରାନର ସମସ୍ତ ପ୍ରମୁଖ ବିଦ୍ୟୁତ ପ୍ରକଳ୍ପ ଓ ବଡ଼ ବଡ଼ ସେତୁକୁ ବୋମାମାଡ଼ କରି ଉଡ଼ାଇ ଦିଆଯିବ।

ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ଆମେରିକା ସହ କୌଣସି ଶାନ୍ତି ଆଲୋଚନା କରାଯିବାର ଆବଶ୍ୟକତା ନାହିଁ ବୋଲି ଇରାନର ବରିଷ୍ଠ ନେତୃତ୍ୱ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଉଭୟ ଦେଶ ମଧ୍ୟରେ କ୍ରମାଗତ ଆକ୍ରମଣ ଓ ପ୍ରତିଆକ୍ରମଣ ଜାରି ରହିଛି। ଆମେରିକୀୟ ସେନା ଇରାନ ଉପରେ ଆକ୍ରମଣ ସହ ତା'ର ଉପକୂଳବର୍ତ୍ତୀ ଅଞ୍ଚଳରେ ପୁନର୍ବାର ସାମୁଦ୍ରିକ ଅବରୋଧ ଜାରି ରଖିଛି। ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ମଧ୍ୟପ୍ରାଚ୍ୟରେ ୨୦ରୁ ଅଧିକ ଯୁଦ୍ଧପୋତ ଓ ଶତାଧିକ ସାମରିକ ବିମାନ ମୁତୟନ କରାଯାଇଛି।

## ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ

**ଅନୁଗୁଳ,୧୬।୭(ନି.ପ୍ର):** ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିଛି ଛେଣ୍ଡିପଦା ଥାନା ପୋଲିସ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦୀର୍ଘସମୟ ଧରି ଏକ କାର୍‌କୁ ଗୋଡ଼ାଇବା ପରେ ପୋଲିସକୁ ଏହି ସଫଳତା ମିଳିଛି। ଏହି ମାମଲାରେ ଦୁଇଜଣଙ୍କୁ ମଧ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ବ୍ରାଉନସୁଗାର ଚାଲାଣ ହେଉଥିବା କାର୍‌କୁ ଗୋଡ଼ାଇ ଗୋଡ଼ାଇ ପୋଲିସ ଛେଣ୍ଡିପଦା ମଶାଣି ନିକଟରେ ଧରିଥିଲା। ଗିରଫ ଅଭିଯୁକ୍ତ ଦୁଇ ଜଣ ଜଳେଶ୍ୱର ଶାସନବାଡ଼ାର ସେକ୍ ସହିଦ ଓ ଛେଣ୍ଡିପଦା ଥାନା ବାଲିପଟା ଗାଁର ରଞ୍ଜିତ କୁମାର ସାହୁ ବୋଲି ଜଣାପଡ଼ିଛି। କାର୍‌ରୁ ୩୦.୨୫ ଗ୍ରାମରୁ ଅଧିକ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ପାଖାପାଖି ହେବ। ବ୍ରାଉନସୁଗାର କାରବାରରେ ଆଉ କେଉଁମାନେ ଜଡ଼ିତ ଏବଂ ବ୍ରାଉନସୁଗାର କେଉଁଠୁ ଆସୁଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ଏନେଇ ପୋଲିସ ପଚରାଉଚରା କରୁଛି।

## ତିରୁପତି ମନ୍ଦିରକୁ ୨୪ ଘଣ୍ଟାରେ ୯୭ କୋଟିର ଦାନ

**ତିରୁପତି,୧୬।୭(ଏଜେନ୍ସି):** ଆନ୍ଧ୍ରପ୍ରଦେଶର ତିରୁପତି ଭେଙ୍କଟେଶ୍ୱର ମନ୍ଦିରକୁ ୨୪ ଘଣ୍ଟାରେ ୯୭ କୋଟିର ଦାନ ରେକର୍ଡ଼ ସୃଷ୍ଟି କରିଛି। ଏହି ମନ୍ଦିର ବିଶ୍ୱର ସବୁଠାରୁ ଧନୀ ମନ୍ଦିରମାନଙ୍କ ମଧ୍ୟରୁ ଅନ୍ୟତମ। ମନ୍ଦିର ପକ୍ଷରୁ ନୂତନ ଦାନ ନୀତି କାର୍ଯ୍ୟକାରୀ ହେବା ପରେ ମିଳିଛି ଏହି ବିପୁଳ ପରିମାଣର ଦାନ। ଜୁଲାଇ ୧୫ ମଧ୍ୟରାତ୍ରିରୁ ମନ୍ଦିର ପ୍ରଶାସନ ତଥା ତିରୁମାଳା ତିରୁପତି ଦେବସ୍ଥାନମ୍ ପକ୍ଷରୁ ଏକ ନୂତନ ଦାନ ନୀତି କାର୍ଯ୍ୟକାରୀ କରାଯାଇଥିଲା। ଏହି ନୂଆ ନିୟମ ଲାଗୁ ହେବା ପୂର୍ବରୁ ଦାନ କରି ଆଜୀବନ ସୁବିଧା ହାସଲ କରିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଲାଗିଯାଇଥିଲା। ୨୪ ଘଣ୍ଟାରେ ଦାତାମାନେ ପ୍ରାୟ ୯୭ କୋଟି ଟଙ୍କା ଦାନ କରିଥିଲେ। ତେବେ ଏହି ନୂଆ ନିୟମରେ ଏକ ସର୍ତ୍ତ ଥିଲା ଯେ, ଯେଉଁମାନେ ଜୁଲାଇ ୧୫ ମଧ୍ୟରାତ୍ରି ପୂର୍ବରୁ ଦାନ କରିବେ, ସେମାନେ ପୂର୍ବଭଳି ଆଜୀବନ ସୁବିଧା ପାଇବେ। ଏହି କାରଣରୁ ପୁରୁଣା ସୁବିଧାର ଲାଭ ଉଠାଇବା ପାଇଁ ଶେଷ ମୁହୂର୍ତ୍ତରେ ଭକ୍ତମାନେ କୋଟି କୋଟି ଟଙ୍କା ଦାନ କରିଥିଲେ। ମନ୍ଦିରରେ ମଧ ଗତ କିଛି ବର୍ଷ ଧରି ଦାତାଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇ ଚାଲିଛି।

## ୭୫ ଅମୃତ ଭାରତ ଷ୍ଟେସନ ଉଦ୍‌ଘାଟନ କରିବେ ମୋଦୀ


## ଓଡ଼ିଶାରେ ରହିଛି ୭ଟି ଷ୍ଟେସନ

**ସମ୍ବଲପୁର,୧୬।୭(ନି.ପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୭୫ଟି ଅମୃତ ଭାରତ ଷ୍ଟେସନର ଉଦ୍‌ଘାଟନ କରିବେ। ରେଳ ଭିତ୍ତିଭୂମିର ଆଧୁନିକୀକରଣ କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ। ଜୁଲାଇ ୧୭ରେ ହେବ ଏହି ଶୁଭ ଉଦ୍‌ଘାଟନ। ଏହି ଷ୍ଟେସନଗୁଡ଼ିକର ନବକଳେବର ହୋଇଛି।

କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଏହି ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ, ସମାବେଶୀ ଏବଂ ଭବିଷ୍ୟତର ଆବଶ୍ୟକତାକୁ ଚାହିଁ ବିକଶିତ କରାଯାଇଛି । ଏହି ମେଗା ପ୍ରକଳ୍ପରେ ଓଡ଼ିଶାର ୭ଟି ପ୍ରମୁଖ ଷ୍ଟେସନ ରହିଥିବା ଜଣାଯାଇଛି- ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼। ଏହି ୭ଟି ଷ୍ଟେସନର ନବୀକରଣ ପାଇଁ ପ୍ରାୟ ୧୦୯ କୋଟି ଟଙ୍କା ବ୍ୟୟ କରାଯାଇଛି । ସ୍ଥାନୀୟ ଐତିହ୍ୟକୁ ବଜାୟ ରଖିବା ସହ ଯାତ୍ରୀମାନଙ୍କୁ ଆଧୁନିକ ସେବା ଯୋଗାଇଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ।



ଯାତ୍ରୀଙ୍କ ସୁବିଧା ପାଇଁ ଆକର୍ଷଣୀୟ ନୂଆ ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣ ପାଇଁ ପ୍ରବେଶ ପଥକୁ ପ୍ରଶସ୍ତ କରାଯାଇଛି। ଷ୍ଟେସନଗୁଡ଼ିକରେ ଲିଫ୍ଟ ସୁବିଧା ସହ ନିର୍ମାଣ କରାଯାଇଛି ୧୨ ମିଟର ଚଉଡ଼ାର ପାଦଚଲା ପୋଲ। ଏହା ଦ୍ୱାରା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ସହଜରେ ଯାତାୟାତ କରିପାରିବେ। ଯାତ୍ରୀଙ୍କ ଆରାମଦାୟକ ଯାତ୍ରା ପାଇଁ ପ୍ଲାଟଫର୍ମଗୁଡ଼ିକରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷା ଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି। ଏହାସହ ଷ୍ଟେସନ ବାହାରେ ଗହଳି ନିୟନ୍ତ୍ରଣ ପାଇଁ ପାର୍କିଂ ଜାଗାକୁ ଅଧିକ ପ୍ରଶସ୍ତ ଓ ବ୍ୟବସ୍ଥିତ କରାଯାଇଛି। (ଅଧିକ ବିବରଣୀ ପୃଷ୍ଠା: ୬)

**ଅନୁଚିହ୍ନ**

ସେବା ଭାବ ଏକ ଦିବ୍ୟ ଗୁଣ ।
ମୁଁ ଏ ସଂସାରରେ ନିମିତ୍ତ ମାତ୍ର– ଏହା ଯେ ବୁଝିଛି
ସେ ହିଁ ଦିବ୍ୟ ଗୁଣର ଅଧିକାରୀ ।

## ସମ୍ପାଦକୀୟ


# ରହସ୍ୟମୟ ପିକ୍‌ଏକ୍ସ ମାଉଣ୍ଟେନ

ହର୍ମୁଜ ପ୍ରଣାଳୀକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ପୁଣି ବୃଦ୍ଧି ପାଇଛି ପ୍ରବଳ ଉତ୍ତେଜନା । ଶାନ୍ତି ପାଇଁ ଯେଉଁ ଅଙ୍କ କଷା ଚାଲିଥିଲା ତାହା ଭୁଲ୍ ହୋଇଯାଇଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପାଇଁ ସବୁଠାରୁ ସୁରକ୍ଷିତ ମନେ କରାଯାଉଥିବା 'ପିକ୍‌ଏକ୍ସ ମାଉଣ୍ଟେନ' ଉପରେ ଭୟଙ୍କର ହମ୍‌ଲା କରିବାକୁ ଚେତାବନୀ ଦେଇଛନ୍ତି। ପିକ୍‌ଏକ୍ସ ମାଇଣ୍ଟେନ ଇରାନର ରହସ୍ୟମୟ ପରମାଣୁ ପରିସର । ଟ୍ରମ୍ପଙ୍କ ଚେତାବନୀ ପରେ ପିକ୍‌ଏକ୍ସ ମାଇଣ୍ଟେନକୁ ନେଇ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଜୋର୍ ଧରିଛି ଚର୍ଚ୍ଚା । ଅଲ୍ ଜଜୀରା ଅନୁଯାୟୀ, ତେହରାନର ଦକ୍ଷିଣ ପାର୍ଶ୍ୱରେ ରହିଛି ପିକ୍‌ଏକ୍ସ ମାଇଣ୍ଟେନ । ଇରାନର ଏହି ପରମାଣୁ ପରିସରରେ ଗ୍ରାନାଇଟ୍ ଚଟାଣ ନିକଟରେ ଶହେ ମିଟର ତଳେ ରହିଛି ଦୁଇଟି ଅଣ୍ଡରଗ୍ରାଉଣ୍ଡ ସୁଡ଼ଙ୍ଗ । ଭୂମି ତଳେ ଖୁବ୍ ଗହୀରରେ ଥିବାରୁ ଏହି ସ୍ଥାନକୁ ନଷ୍ଟ କରିବା ସେତେ ସୁବିଧାଜନକ ନୁହେଁ । ଏହା ଅତି କଠିନ ବ୍ୟାପାର । ଏପରିକି ଏହାକୁ ନଷ୍ଟ କରିବା ପାଇଁ ଶକ୍ତିଶାଳୀ ବୋମା ନିକ୍ଷେପ କଲେ ମଧ୍ୟ ବୋମାର ପ୍ରଭାବ ପଡ଼ିବନାହିଁ । ଆମେରିକା ଗୋଇନ୍ଦା ସଂସ୍ଥା ଆଶଙ୍କା କରୁଛି ଯେ, ଏହି ରହସ୍ୟମୟ ଗୁପ୍ତ ସ୍ଥାନରେ ଇରାନ ତା'ର ପରମାଣୁ କାର୍ଯ୍ୟ ଜାରି ରଖିବାକୁ ଚେଷ୍ଟା କରୁଛି । ତା' ନିକଟରେ ଥିବା ୟୁରାନିୟମର ହିସାବ ଦେଉନାହିଁ । ଏହି ସ୍ଥାନକୁ ଯଦି ନଷ୍ଟ କରାନଯାଏ ତେବେ ଇରାନର ପରମାଣୁ କାର୍ଯ୍ୟକ୍ରମ ଆରାମରେ ଆଗେଇ ଚାଲିବ ବୋଲି ଆମେରିକା କହୁଥିବାବେଳେ ଇରାନ କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି । ଇରାନ ପକ୍ଷରୁ କୁହାଯାଇଛି ଯେ, ଏହି ସ୍ଥାନରେ କେବଳ ଉନ୍ନତ ସେଣ୍ଟ୍ରିଫ୍ୟୁଜ୍‌ର ନିର୍ମାଣ ଓ ଆସେମ୍ବଲ୍ କାର୍ଯ୍ୟ ଚାଲୁଛି । ଟ୍ରମ୍ପ କିନ୍ତୁ ଇରାନର କଥା ମାନିବାକୁ ନାରାଜ । ସେ କହିଛନ୍ତି, ଆମ ନିକଟରେ କ୍ୟାମେରା ରହିଛି, ମାଟି ତଳେ ଯେତେ ଗହୀରରେ ଯାହା ହେଉଛି କ୍ୟାମେରାରୁ ସବୁ ଜଣାପଡ଼ିବ ଏବଂ ଯଦି ଏଭଳି କିଛି ଚାଲେ ତେବେ ଆମେ ସେଠାରେ ତୁରନ୍ତ ପହଞ୍ଚି ଯାହା କରିବା କଥା କରିବୁ ।



# ମହାମୁକାବିଲା

ବିଶ୍ୱ ଉତ୍ସୁକତାର ସହ ମହାମୁକାବିଲାକୁ ଅପେକ୍ଷା କରିଛି । ଫିଫା ବିଶ୍ୱ କପ୍ ୨୦୨୬ର ଫାଇନାଲ ମ୍ୟାଚ୍ ୟୁରୋପ-ୟୁରୋପ ନା ଲାଟିନ ଆମେରିକା-ୟୁରୋପ ମଧ୍ୟରେ ହେବ ଏହାକୁ ମଧ୍ୟ ସମସ୍ତେ ଅପେକ୍ଷା କରିଥିଲେ । ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ହେବ ଏହି ମହାମୁକାବିଲା। ଏଥର ଫିଫା ର୍ୟାଙ୍କିଙ୍ଗ୍‌ସରେ ଥିବା ପ୍ରଥମ ଚାରିଟି ଟିମ୍ ପ୍ରବେଶ କରିଥିଲେ ବିଶ୍ୱ କପ୍ ସେମିଫାଇନାଲରେ । ଫିଫା ବିଶ୍ୱ କପ୍ ଇତିହାସରେ ତୃତୀୟଥର ପାଇଁ ମଧ୍ୟ ଚାରିଟି ପୂର୍ବତନ ଚାମ୍ପିୟନ ଟିମ୍‌କୁ ସେମିଫାଇନାଲରେ ଦେଖିବାକୁ ମିଳିଥିଲା । ପୂର୍ବରୁ ଆର୍ଜେଣ୍ଟିନା ତିନିଥର ଚାମ୍ପିୟନ ହୋଇଥିବାବେଳେ ଫ୍ରାନ୍ସ ଦୁଇଥର, ଇଂଲଣ୍ଡ ଓ ସ୍ପେନ ଥରେ ଲେଖାଏ ଚାମ୍ପିୟନ ହୋଇଛନ୍ତି । ମହାମୁକାବିଲାରେ ସ୍ପେନ୍ ଦ୍ୱିତୀୟଥର ଚାମ୍ପିୟନ ହେବାକୁ ଆଶା ବାନ୍ଧିଥିବାବେଳେ ପୂର୍ବଥରର ଚାମ୍ପିୟନ ଆର୍ଜେଣ୍ଟିନା ଲଗାତାର ଦ୍ୱିତୀୟଥର ଓ ମୋଟ୍ ଚାରିଥର ଚାମ୍ପିୟାନ ହେବା ଲକ୍ଷ୍ୟରେ ରହିଛି । ଆର୍ଜେଣ୍ଟିନା ମଧ୍ୟ ୧୯୯୦ ପରେ ଏଥର ଚତୁର୍ଥଥର ପାଇଁ ବିଶ୍ୱ କପ୍‌ରେ ସେମିଫାଇନାଲରେ ପ୍ରବେଶ କରିଥିଲା (୨୦୧୪, ୨୦୨୨, ୨୦୨୬) । ଫିଫା ବିଶ୍ୱ କପ୍ ଇତିହାସରେ ଗତ ୯୨ ବର୍ଷରେ (୨୦୨୨ ଯାଏ) ମାତ୍ର ଆଠଟି ଦେଶ ଟ୍ରଫି ଜିତିପାରିଛନ୍ତି– ବ୍ରାଜିଲ ପାଞ୍ଚଥର, ଇଟାଲୀ ଚାରିଥର, ଜର୍ମାନୀ ଚାରିଥର, ଆର୍ଜେଣ୍ଟିନା ତିନିଥର, ଫ୍ରାନ୍ସ ଦୁଇଥର, ଉରୁଗୁଏ ଦୁଇଥର, ଇଂଲଣ୍ଡ ଥରେ ଓ ସ୍ପେନ୍ ଥରେ । ଏଥର ବିଶ୍ୱ କପ୍‌ରେ ସବୁଠାରୁ ପପୁଲାର ଖେଳାଳି ଭାବେ ଉଭା ହୋଇଛନ୍ତି ଆର୍ଜେଣ୍ଟିନାର ଲିଓନେଲ ମେସି । ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଗତଥର ଚାମ୍ପିୟନ ହୋଇଥିଲା, ଏଥର ବି ଫାଇନାଲରେ ପ୍ରବେଶ କରିଛି । ମେସି ମଧ୍ୟ ବିଶ୍ୱ କପ୍ ଇତିହାସରେ ଏଯାବତ୍ ସର୍ବାଧିକ ୨୧ଟି ଗୋଲ୍ ସ୍କୋର କରିଛନ୍ତି। ଏଥର ବିଶ୍ୱ କପ୍‌ରେ ସେ (ସେମିଫାଇନାଲ ସୁଦ୍ଧା) ସ୍କୋର କରିଛନ୍ତି ଆଠଟି ଗୋଲ୍ ଏବଂ ଚାରିଟି ଗୋଲ୍ ସ୍କୋରରେ ତାଙ୍କର ସହାୟତା ରହିଛି। ସୁନାର ଜୋତା ପାଇଁ ସେ ପ୍ରମୁଖ ଦାବିଦାର ।



# ସର୍ବଦା ମୂଳକୁ ଦେଖିବା

ଜଣେ ସାଧାରଣ ଏବଂ ସରଳ ଜାପାନୀ ଲୋକ ଯାହାଙ୍କ ନାମ ହୋଣ୍ଡା ଥିଲା। କାରଗୁଡ଼ିକର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ସେ ଏକ ପ୍ରକାର ପିଷ୍ଟନ ତିଆରି କଲେ। ସେ ନିଶ୍ଚିତ ଥିଲେ ଯେ, ତାଙ୍କ ତିଆରି ପିଷ୍ଟନ ଭଲ କାମ କରିବ। ଟୋୟଟା କମ୍ପାନୀକୁ ସେ ନିଜର ଡିଜାଇନ୍ କଥା କହିଲେ, ତାଙ୍କ ସହିତ ନ ଭେଟି ଇଞ୍ଜିନିୟରମାନେ ତାଙ୍କ ଜିନିଷ ନେବାକୁ ମନା କରିଦେଲେ। କିନ୍ତୁ ହୋଣ୍ଡା ନିରାଶ ହେଲେ ନାହିଁ। ଟୋୟଟା ଇଞ୍ଜିନିୟରମାନଙ୍କୁ ନିଜ ଜିନିଷ ଦେଖାଇବା ପ୍ରଚେଷ୍ଟାକୁ ସେ ଛାଡ଼ିଲେ ନାହିଁ। ଜିନିଷ ଦେଖି ସେମାନେ ହସିବା ଆରମ୍ଭ କଲେ। ଶେଷରେ ଟୋୟଟା ହୋଣ୍ଡାଙ୍କର ପିଷ୍ଟନ ଅର୍ଡ଼ର କଲେ। ହୋଣ୍ଡା ନିଜର ସମସ୍ତ ଟଙ୍କା, ଜିନିଷ, ଜ୍ଞାନ ଏବଂ ପରିଶ୍ରମ ଦେଇ ଏକ କାରଖାନା ତିଆରି କଲେ। ଯେଉଁ କାରଖାନାରୁ ପିଷ୍ଟନ୍ ତିଆରି ହୋଇପାରିବ । ସେହି ସମୟରେ ଭୂମିକମ୍ପ ହୋଇ ତାଙ୍କ କାରଖାନାଟି ଉଜୁଡ଼ିଗଲା। ତଥାପି ହୋଣ୍ଡା ନିରାଶ ହେଲେନାହିଁ। ପୁନର୍ବାର ପିଷ୍ଟନ ପାଇଁ କାରଖାନା ତିଆରି କଲେ। ୨ୟ ବାର କାରଖାନା ତିଆରି ହେବା ପରେ ଯେବେ ପିଷ୍ଟନ ତିଆରି ହେବାକୁ ଯାଉଛି ବିଶ୍ୱଯୁଦ୍ଧ-୨ ଘୋଷଣା ହୋଇ ଜାପାନ ଦେଶର ପ୍ରାୟ ସବୁ କାରଖାନା ଧ୍ୱଂସ ହୋଇଗଲା। ହୋଣ୍ଡାଙ୍କ ପାଖରେ ଧନ ସହିତ ନିଜ ଲୋକ, ସାଙ୍ଗମାନେ ମଧ୍ୟ ନଥିଲେ। ତଥାପି ନିରାଶ ହେଲେନାହିଁ ହୋଣ୍ଡା। ୩ୟ ଥର ପାଇଁ ହୋଣ୍ଡା ନିଜର କାରଖାନା ତିଆରି କଲେ। ଆଜିକା ତାରିଖରେ ହୋଣ୍ଡା କାର୍ କମ୍ପାନୀ ଟୋୟଟାଠାରୁ ଅଧିକ। କାର୍ ବିକ୍ରୀ କରେ। ଲଗାତାର ପରିଶ୍ରମ ଏବଂ ସମ୍ମାନର ଯଦି କଥା ପଡ଼େ, ତେବେ ହୋଣ୍ଡାଙ୍କ କଥା ମନେପଡ଼େ। ସଫଳ ଲୋକମାନେ ସର୍ବଦା ସମସ୍ୟା ସମାଧାନର ବାଟ ଦେଖାନ୍ତି ।




# ରଥଯାତ୍ରାର ଆଠଟି ଅଙ୍ଗ



**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**

ଲୀଳାମୟ ଶ୍ରୀପୁରୁଷୋତ୍ତମ, ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀଜଗନ୍ନାଥ, ଜ୍ୟେଷ୍ଠ ଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ତଥା ଶ୍ରୀସୁଦର୍ଶନଙ୍କୁ ନେଇ ପୁଣ୍ୟ ନୀଳାଚଳ ଧାମରେ ମାନବୀୟ ଲୀଳା କରି ଆସୁଛନ୍ତି। ମହାପ୍ରଭୁ ନୀଳାଦ୍ରି ଠାକୁର ପତିତଜନଙ୍କୁ ଉଦ୍ଧାର କରିବା ପାଇଁ ପ୍ରତି ବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଭାଇ, ଭଉଣୀ ଓ ଶ୍ରୀସୁଦର୍ଶନଙ୍କ ସହ ନବଦିନାତ୍ମିକ ଯାତ୍ରା କରିଥାନ୍ତି । ଏହି ଯାତ୍ରାକୁ ରଥଯାତ୍ରା, ଘୋଷଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରାଦି ନାମରେ ନାମିତ କରାଯାଇଛି। ଯାତ୍ରାର ଆଠ ଅଙ୍ଗକୁ ଅଷ୍ଟାଙ୍ଗ ବିଧି କୁହାଯାଏ। ପ୍ରଥମ ବିଧି ହେଲା ସ୍ନାନ ଉତ୍ସବ, ଦ୍ୱିତୀୟଟି ଅନବସର, ତୃତୀୟ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ, ଚତୁର୍ଥ ଶ୍ରୀଗୁଣ୍ଡିଚା, ପଞ୍ଚମ ହେରାପଞ୍ଚମୀ, ଷଷ୍ଠ ଆଡ଼ପ ପର୍ବ, ସପ୍ତମ ବାହୁଡ଼ା ଯାତ୍ରା ଏବଂ ଅଷ୍ଟମଟି ନୀଳାଦ୍ରି ବିଜେ। ରଥଯାତ୍ରାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ଯଥା– ଅନ୍ତର୍ବେଦୀ, ମହାବେଦୀ ମହୋତ୍ସବ, ଆଡ଼ପ ଉତ୍ସବ, ଦକ୍ଷିଣମୁଖୀ ଉତ୍ସବ ଓ ନୀଳାଦ୍ରି ବିଜେ। ଏହାକୁ ଗୁଣ୍ଡିଚା ପଞ୍ଚକ କୁହଯାଏ।

ଉପରୋକ୍ତ ଅଷ୍ଟ ଅଙ୍ଗ ମଧ୍ୟରୁ ଚତୁର୍ଥ ଅଙ୍ଗ ବା ଶ୍ରୀଗୁଣ୍ଡିଚା ଦିନ ଚତୁର୍ଦ୍ଧାମୂର୍ତ୍ତି ତିନି ଗୋଟି ସୁସଜ୍ଜିତ ରଥରେ ଜନ୍ମ ସ୍ଥାନକୁ ନବଦିନ ପାଇଁ ଯାତ୍ରା ଆରମ୍ଭ କରନ୍ତି। ଉକ୍ତ ନଅ ଦିନ ମଧ୍ୟରୁ ସାଧାରଣତଃ ଘୋଷଯାତ୍ରା ଓ ବାହୁଡା ଯାତ୍ରାକୁ ବାଦଦେଲେ ସାତ ଦିନ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁମାନେ ଅବସ୍ଥାନ କରିଥାନ୍ତି। ଏହି ମନ୍ଦିର ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଟରାଣୀ ତଥା ଶ୍ରୀଜଗନ୍ନାଥଙ୍କ ମା' ଗୁଣ୍ଡିଚା ଦେବୀଙ୍କ ନାମରେ ନାମିତ ହୋଇଛି। କିନ୍ତୁ ଦାରୁବ୍ରହ୍ମଙ୍କ ବିଗ୍ରହ ନିର୍ମାଣ ପୂର୍ବରୁ ଏହା ଏକ ମଣ୍ଡପ ଥିଲା ବୋଲି କଥିତ ରହିଛି। ପୁରାଣମାନଙ୍କରେ ଏହି ମଣ୍ଡପକୁ ଆଡ଼ପ ମଣ୍ଡପ ବୋଲି ବର୍ଣ୍ଣନା କରା ନ ଯାଇ ଯଜ୍ଞବେଦୀ ଓ ମହାବେଦୀ ବୋଲି ଉଲ୍ଲେଖ କରାଯାଇଛି। ଶ୍ରୀଚୈତନ୍ୟ ଚରିତାମୃତରେ ଏହି ସ୍ଥାନକୁ ନିତ୍ୟ ବୃନ୍ଦାବନ କୁହାଯାଏ।

ଶ୍ରୀଜଗନ୍ନାଥଙ୍କ ପାବନ ରଥଯାତ୍ରା ମଧ୍ୟ ଜ୍ୟୋତିଷିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘୋଷଯାତ୍ରା ଠାରୁ ବାହୁଡା ପର୍ଯ୍ୟନ୍ତ ଅବଧିକୁ ବୈଦିକ ଜ୍ୟୋର୍ତିବିଦମାନେ ଅନ୍ୟ ଏକ ମତ ପ୍ରଦାନ କରିଛନ୍ତି। ସେହିମାନଙ୍କ ମତ ଅନୁସାରେ



ଜ୍ୟୋତିଷିକ ତତ୍ତ୍ୱରେ ଗ୍ରହଜଗତ ନଅଟି ଗ୍ରହ ଯଥା– ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁଙ୍କୁ ନେଇ ଗଢିତ। ଯେତେବେଳେ ଚତୁର୍ଦ୍ଧାମୂର୍ତ୍ତି ଆଷାଢ଼ ମାସ ଶୁକ୍ଳଦ୍ୱିତୀୟା ତିଥିରେ ରଥାରୁଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ଘୋଷଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି ଏହି ଯାତ୍ରା ମଧ୍ୟରେ ଶ୍ରୀଜଗନ୍ନାଥ ସପ୍ତାହର ପ୍ରତ୍ୟେକ ବାରଙ୍କୁ ଆବୃତ୍ତ କରିଥାନ୍ତି। ସେହିଦିନଗୁଡିକ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ। ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର। ଏ ମାସର ଶୁକ୍ଳ ତୃତୀୟା ତିଥିରେ ଯେଉଁ ବାର ପଡ଼େ, ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକ ଗ୍ରହଙ୍କ ରୂପେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ଯେପରି ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ରବିବାର ହେଲେ ତୃତୀୟା ଦିନଟି ସୋମବାର ହୋଇଥାଏ। ଉକ୍ତ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହବ୍ୟାପି ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ଗ୍ରହ ସ୍ୱରୂପରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ସୋମବାର ଚନ୍ଦ୍ର, ମଙ୍ଗଳବାର ମଙ୍ଗଳ, ବୁଧବାର ବୁଧ, ଗୁରୁବାର ବୃହସ୍ପତିଙ୍କ ସ୍ୱରୂପରେ, ଶୁକ୍ରବାର ଶୁକ୍ରଙ୍କ ସ୍ୱରୂପରେ, ଶନିବାର ଶନି ଓ ରବିବାର ରବିଙ୍କ ସ୍ୱରୂପରେ ପୂଜା ପାଆନ୍ତି। କିନ୍ତୁ ରାହୁ ଓ କେତୁ ଛାୟାଗ୍ରହ ହେତୁ ଏମାନଙ୍କ ସ୍ୱତନ୍ତ୍ର ବାର ନ ଥାଏ। ତେଣୁ ପ୍ରଥମ ଘୋଷଯାତ୍ରା ଓ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଣ୍ଣୟ କରି ଗ୍ରହରାଜ ରୂପେ ପୂଜା କରାଯାଏ ।

ଶ୍ରୀବିଗ୍ରହମାନେ ଆଡ଼ପ ମଣ୍ଡପରେ ଅବସ୍ଥାନ କରିବା ସମୟରେ ଦର୍ଶନାର୍ଥୀ ଓ ଭକ୍ତମାନେ ସେଠାରେ ସମବେତ ହେବା ପୂର୍ବକ ବ୍ରତ ପାଳନ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ ଓ ତ୍ରିକାଳ ଦର୍ଶନ କରିବାର ପ୍ରଶସ୍ତି ରହିଛି। ସେଭଳି ସନ୍ଧ୍ୟା ବା ରାତ୍ରିକାଳୀନ ଦର୍ଶନରେ ମହାପୂଣ୍ୟ ହୋଇଥାଏ ବୋଲି ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି। ଯଥା: ଦିବତଦ୍ ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଗୁଣଂ ଭବେତ୍

ସପ୍ତାହଂ ଯୋ ନରୋନାରୀ ନ ସା ପ୍ରାକୃତ ମାନୁଷୀ । (ସ୍କନ୍ଦ/୩୪ ଅଧ୍ୟାୟ)

ଅତ୍ର ସ୍ଥଳେ ନକ୍ତକାଳେ ଯେ ପଶ୍ୟନ୍ତି ସୁପୂଜିତାନ୍

ବୈକୁଣ୍ଠ ଭୁଧ୍ୱନେ ନିତ୍ୟଂ ତେ ବସନ୍ତି ନ ସଂଶୟଃ । (ବାମଦେବ ସଂହିତା, ୧୭ ଅଧ୍ୟାୟ) ଶାସ୍ତ୍ରାନୁଯାୟୀ ନବମୀ ଦିନ ମହାବେଦୀ ବା ଆଡ଼ପ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଦର୍ଶନ କଲେ ଅତ୍ୟନ୍ତ ପୁଣ୍ୟ ମିଳିଥାଏ। ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ଯେ, ନୀଳାଚଳରେ ଶ୍ରୀବିଗ୍ରହମାନଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ପୂଜା ବା ଦର୍ଶନ କଲେ ଯେଉଁ ଫଳ ମିଳିଥାଏ, ସେହି ଫଳ ମହାବେଦୀରେ ଗୋଟିଏ ଦିନ ଦର୍ଶନ କଲେ ପ୍ରାପ୍ତ ହୁଏ। ବିଶେଷତଃ ରାତ୍ରିକାଳୀନ ଏକ ଦିନର ଦର୍ଶନରେ ଉକ୍ତ ଫଳ ଦଶଗୁଣ ପରିବର୍ଦ୍ଧିତ ହୋଇଥାଏ। ଏଣୁ କୁହାଯାଇଛି: ନୀଳାଦ୍ରୌ ଶତବର୍ଷାଣି ଆଡ଼ପେ ମଣ୍ଡପେ ଦିନୋ ଏହି ଉକ୍ତିକୁ ସ୍ମରଣ କରି ସନ୍ଧ୍ୟା ଦର୍ଶନ ଦିନ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ, ଦୀପ ପ୍ରଜ୍ୱଳନ, ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରିଥାନ୍ତି। ଏହି ପ୍ରଥା ବହୁ ପୁରାତନ ସମୟରୁ ପ୍ରଚଳିତ। ବିଶ୍ୱାସ ରହିଛି ଯେ ଉକ୍ତ ନବମୀ ତିଥିରେ ଭକ୍ତରାଜ ଶ୍ରୀହନୁମାନ ଏଂ ଶ୍ରୀରାମଙ୍କ ପରମ ମିତ୍ର ଶ୍ରୀବିଭୀଷଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସନ୍ଧ୍ୟା ସମୟରେ ଆସିଥାନ୍ତି। ଉକ୍ତଦିନ ଠାକୁରମାନଙ୍କ ବଡ଼ ସିଂହାର ନୀତି ବଢିବାପରେ ଶ୍ରୀମୁଖରେ ଖଣ୍ଡୁଆ ପକାଯାଇ ପୁଷ୍ପାଳକମାନେ ବାହାରକୁ ଆସିଥାନ୍ତି। ଏହାପରେ କୋଠ ସୁଆଁସିଆ ସିଂହାସନଠାରେ ଚାରମାଳ ବନ୍ଧା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଦଇତାପତିମାନେ ଗୁପ୍ତ ନୀତି ପାଇଁ ପ୍ରସ୍ତୁତ ହୋଇଥାନ୍ତି।

ମୋ: ୯୮୬୧୩୩୪୮୬୮

# 'ମୁଦଲ ପାଞ୍ଜି'ରୁ ମାଦଳା ପାଞ୍ଜି



**ଡ. ଅରୁନ୍ଧତୀ ଦେବୀ**

ମହାପ୍ରଭୁଙ୍କ ନୀତିକାନ୍ତି, ସେବକ, ସେବାୟତ ଓ ଧର୍ମ ଧାରଣା ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ସର୍ବପ୍ରଥମେ ମାଦଳା ପାଞ୍ଜିକୁ ହିଁ ଲୋଡ଼ା ପଡ଼ିଥାଏ। ଭାରତର ଅନ୍ୟ ପ୍ରମୁଖ ଦେବାଳୟରେ ଏପରି ଏକ ତଥ୍ୟ ଉପଲବ୍ଧ ବିଶାଳ ଗ୍ରନ୍ଥ ଅଛି କି ନାହିଁ ଆମେ ଜାଣିନାହୁଁ, କିନ୍ତୁ କେହି କେହି ସିଂହଳର ଧାତୁବଂଶ, କାଶ୍ମୀରର ରାଜତରଙ୍ଗିଣୀ ଓ ଆସାମର ବୁରୁଞ୍ଜି ସହିତ ତୁଳନା ରଖିଥାନ୍ତି। ଶ୍ରୀମନ୍ଦିରର ନିୟମିତ ତଥ୍ୟ ରହିଥିବା ମାଦଳା ପାଞ୍ଜିରେ ମହାପ୍ରଭୁଙ୍କ ସେବା ପୂଜା ଠାରୁ ସେବାୟତ, ଦଇତାମାନଙ୍କ ଅଧିକାର ଓ ପାଉଣା, ନକ୍ଷତ୍ର, ବାର, ମନ୍ଦିର ସମ୍ପର୍କିତ କୀର୍ତ୍ତି, ମନ୍ଦିରର ପ୍ରଶାସନ ସମ୍ପର୍କରେ ବିଧିବଦ୍ଧ ଭାବେ ବିବରଣୀ ସବୁ ଲିପିବଦ୍ଧ ହୋଇଥାଏ। ଅନେକ ମତ ରଖିଛନ୍ତି, ମାଦଳା ପାଞ୍ଜିର ଆରମ୍ଭ ଏକାଦଶ ଶତାବ୍ଦୀରୁ ହୋଇଥିଲା। ଜଗନ୍ନାଥ ଗବେଷକ ଡ. ଆର୍ତ୍ତ ବଲ୍ଲଭ ମହାନ୍ତି ଏହାର ପ୍ରାଚୀନତା ସ୍ୱୀକାର ପୂର୍ବକ ତାଙ୍କ ଲୋକପ୍ରିୟ ପୁସ୍ତକ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ'ର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି – From the 12th Century onwards the development of the language is traceable.

ଏପରି ନାମକରଣ କିପରି ହେଲା? କେତେଜଣ ଐତିହାସିକ କହିଛନ୍ତି– ଦେଉଳକରଣ ଓ ଚଢ଼ାଉକରଣଙ୍କ ଘରେ ମର୍ଦ୍ଦଳ ଆକାରରେ ଲିଖିତ ତାଳପତ୍ର ପାଞ୍ଜି ବନ୍ଧା ହୋଇ ସାଇତା ରହିଥିବାରୁ କାଳକ୍ରମେ ଏହା 'ମାଦଳା ପାଞ୍ଜି'ର ନାମ ବହନ କରିଛି। ଶ୍ରୀଜଗନ୍ନାଥଙ୍କ ଭକ୍ତଗଣ ଶ୍ରୀବିଗ୍ରହଙ୍କୁ ମାଦଳା ଠାକୁର ବୋଲି ଅତ୍ୟନ୍ତ ଆବେଗରେ ଅଭିହିତ କରିଥାନ୍ତି। ଏହି ମାଦଳା ଠାକୁରଙ୍କ ମନ୍ଦିର ବିଷୟରେ ଲିଖିତ ପାଞ୍ଜି 'ମାଦଳାପାଞ୍ଜି' ହେବା ଅନୁମାନ କରାଯାଇପାରେ। ପୁନଶ୍ଚ 'ମୁଦଲ' ଶବ୍ଦର ଅର୍ଥ ହେଲା ରାଜାଙ୍କର ଆଦେଶନାମା। ରାଜାଙ୍କର ଆଦେଶରେ ଏହି ପାଞ୍ଜି ଲେଖା ଆରମ୍ଭ ହୋଇଥିବାରୁ 'ମୁଦଲ ପାଞ୍ଜି' ଉଚ୍ଚାରଣ ସୌକର୍ଯ୍ୟରେ ମାଦଳା ପାଞ୍ଜି ଭାବରେ ନାମିତ ହୋଇଥାଇପାରେ। ଅନ୍ୟ ଏକ ମତରେ ଓଡ଼ିଶାରେ ଶାସନ କରିଥିବା କେତେକ ରାଜବଂଶ ଦକ୍ଷିଣ ଭାରତରୁ ଆସିଥିଲେ ବୋଲି ଇତିହାସ ସାକ୍ଷ୍ୟ ପ୍ରଦାନ କରିଥାଏ। ଦକ୍ଷିଣର ଏକ ଭାଷା 'ତେଲୁଗୁ'ରେ 'ମୋଦଲି'ର ଅର୍ଥ ହେଲା ପ୍ରଥମରୁ। ଯେଉଁ ପାଞ୍ଜି ଆରମ୍ଭରୁ ଲେଖାଯାଇଛି ଅର୍ଥାତ୍ 'ମୋଦଲିପାଞ୍ଜି' ବା ମୋଦଳାପାଞ୍ଜି ଅଥବା ମାଦଳାପାଞ୍ଜି ହେବ କି?

ରାଜା ମଦନ ମହାଦେବଙ୍କଠାରୁ ପ୍ରଥମ ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ ଅର୍ଥାତ ତ୍ରୟୋଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ମାଦଳାପାଞ୍ଜିରେ ଯେଉଁ ବିବରଣୀ ଅଛି, ତାହା ସଂପୂର୍ଣ୍ଣ ସତ୍ୟ ଓ ବିଶ୍ୱାସଯୋଗ୍ୟ। କେଶରୀବଂଶ ରାଜତ୍ୱ ବିଷୟରେ କେହି କେହି ଐତିହାସିକ ସନ୍ଦିହାନ। ସେମାନେ କୁହନ୍ତି, ୮୦୦ ଖ୍ରୀଷ୍ଟାବ୍ଦ ପରେ ମହାଶିବଗୁପ୍ତ ବା ଯଯାତି



ଓଡ଼ିଶାରେ ରାଜତ୍ୱ କରିଥିଲେ। କିନ୍ତୁ ମାଦଳା ପାଞ୍ଜିରେ ଯଯାତି ପ୍ରାୟ ୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଉଲ୍ଲେଖ ଅଛି। ଲଲାଟକେଶରୀ ଓ ଉଦ୍ୟତ ବା ବସୁକଳ୍ପ କେଶରୀ ରାଜାମାନଙ୍କର କୀର୍ତ୍ତି, ଶିଳାଲିପି ଓ କିମ୍ବଦନ୍ତୀକୁ ଅଗ୍ରାହ୍ୟ କରି ହେବନାହିଁ। ମହାଶିବଗୁପ୍ତ ଯେ ଯଯାତି କେଶରୀ ଏହା କହିବା ଭ୍ରମ। ମାତ୍ର ମାଦଳାପାଞ୍ଜି ମାନଙ୍କରେ ମଧ୍ୟ କେଶରୀ ବଂଶ ରାଜାମାନଙ୍କର ସମୟ ଓ କ୍ରମରେ ତାରତମ୍ୟ ଦେଖାଯାଏ। ସୋମବଂଶ, କେଶରୀବଂଶ ରାଜାମାନଙ୍କ ମଧ୍ୟରେ ଭଞ୍ଜବଂଶ, କରବଂଶ ରାଜାମାନେ ଗୃହୀତ ହେବା ସମ୍ଭବପର। ମାଦଳାପାଞ୍ଜି ପାଠ କଲେ ଜଣାଯାଏ, ଚୁଡ଼ଗଙ୍ଗଦେବଙ୍କ ପରକାଳରୁମାଦଳାପାଞ୍ଜି ଲେଖା ହୋଇଛି। ଶ୍ରୀଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳରେ ମାଦଳା ପାଞ୍ଜିର କେତେକ ଅଂଶ ଉଦ୍ଧୃତ ହୋଇଛି। ସେଥିରେ ସୋମବଂଶୀ ଓ କେଶରୀବଂଶର କେତେକ ରାଜାଙ୍କର ନାମ ଦେଖାଯାଏ। ତାହା ମାଦଳା ପାଞ୍ଜିରେ ପରିଦୃଷ୍ଟ ହୁଏନାହିଁ। ବୋଧହୁଏ ଅନ୍ୟ କୌଣସି ପାଞ୍ଜି ଗ୍ରହଣ କରିଛନ୍ତି। ରାମଚନ୍ଦ୍ରଦେବଙ୍କ ଠାରୁ ଭୋଇବଂଶ ରାଜତ୍ୱ କଲେ। ତାହା ମାଦଳାପାଞ୍ଜିରେ ଯଦୁବଂଶ ବୋଲି ଲିଖିତ ହୋଇଛି। କିନ୍ତୁ ପଟିଆ ରାଜବଂଶାବଳୀରେ ଲିଖିତ ଅଛି ଯେ, ରାମଚନ୍ଦ୍ରଦେବ କଟକ ଜିଲ୍ଲାସ୍ଥିତ ଶୁକ୍ଳେଶ୍ୱର ନିବାସୀ ବୀର ବେହୁରକ ନାମକ ଜଣେ ନାଗସ ଗୋତ୍ରୀୟ କରଣଙ୍କର ସନ୍ତାନ ଥିଲେ ଓ ରାଜାଙ୍କର ଅନୁଗ୍ରହରୁ ଗାଦି ପାଇଥିଲେ। ସେହି ବଂଶରୁ ପଟିଆ ରାଜବଂଶ, ଚୋଡ଼ଙ୍ଗ ବକସିବଂଶ ଏବଂ ଭୋଇବଂଶ ଉଦ୍ଭୂତ ହୋଇଥିଲେ। ମାଦଳା ପାଞ୍ଜିରୁ ହିଁ ଅନେକ ତଥ୍ୟ ମିଳିଥାଏ।

ମୋ: ୯୯୩୭୧୭୨୮୧୦

# ଛେଳିଗଡ଼ ଜଳଭଣ୍ଡାର ପ୍ରକଳ୍ପ ଗଜପତି ଓ ଗଞ୍ଜାମର ଜଳଉତ୍ସ ଉନ୍ନୟନର ଏକ ନୂଆଦିଗ



**କେ ସତ୍ୟନାରାୟଣ ରେଡ୍ଡୀ**
**ବରିଷ୍ଠ ସାମ୍ବାଦିକ**

ଆମେ ଆଲୋଚନା କରିବା ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଜଳସମ୍ପଦ ପ୍ରକଳ୍ପ ତଥା ଗଜପତି ଜିଲ୍ଲାର ଛେଳିଗଡ଼ ଜଳଭଣ୍ଡାର ପ୍ରକଳ୍ପ। ଯାହା ଜଳଉତ୍ସ ଉନ୍ନୟନର ଏକ ନୂଆଦିଗ ଆଡ଼କୁ ଗତି କରୁଛି। ଏହା ଅବିଭକ୍ତ ଗଞ୍ଜାମ ଜିଲ୍ଲାର କୃଷି, ପାନୀୟ ଜଳ, ଶିଳ୍ପ, ପରିବେଶ ଏବଂ ବିକାଶ ଦିଗରେ ଏକ ନୂଆ ଆଧାର ହୋଇ ଠିଆ ହେବ ।

ପାଣି ହେଉଛି ଜୀବନର ଆଧାର। କୃଷି, ପାନୀୟ ଜଳ, ଶିଳ୍ପ, ପରିବେଶ ଏବଂ ବିକାଶ ସବୁକିଛି ପାଣି ଉପରେ ନିର୍ଭର କରେ। ସେହି ଦୃଷ୍ଟିରୁ ଛେଳିଗଡ଼ ପ୍ରକଳ୍ପ କେବଳ ଏକ ଡ୍ୟାମ ନୁହେଁ, ବରଂ ଦକ୍ଷିଣ ଓଡ଼ିଶାର ଭବିଷ୍ୟତ ବିକାଶର ଏକ ମଜଭୁତ ମୂଳଦୁଆର ପ୍ରତୀକ ଭାବେ ବିବେଚନା କରାଯାଏ ।

ଏହି ପ୍ରକଳ୍ପ ଗଜପତି ଜିଲ୍ଲାର ଆର୍. ଉଦୟଗିରି ଅଞ୍ଚଳରେ ରାମ ନଦୀ ଉପରେ ନିର୍ମାଣ କରାଯାଉଛି। ଏଠାରେ ସଂରକ୍ଷିତ ଜଳକୁ ଏକ ସୁଡ଼ଙ୍ଗ ମାଧ୍ୟମରେ ଘୋଡାହାଡ଼ ଡ୍ୟାମକୁ ସ୍ଥାନାନ୍ତର କରାଯିବ, ଯାହା ଏହି ପ୍ରକଳ୍ପର ଏକ ବିଶେଷ ଦିଗ ।

ଏହି ପ୍ରକଳ୍ପର ପ୍ରମୁଖ ଉଦ୍ଦେଶ୍ୟ ହେଉଛି– ପ୍ରଥମତଃ କୃଷକମାନଙ୍କୁ ବର୍ଷସାରା ଜଳ ସେଚନ ଯୋଗାଇବା, ଦ୍ୱିତୀୟତଃ ବ୍ରହ୍ମପୁର ସହର ସହିତ ଆଖପାଖ ଅଞ୍ଚଳକୁ ନିରାପଦରେ ପାନୀୟ ଜଳ ଯୋଗାଇବାରେ ସହାୟକ ହେବ ବୋଲି କୁହାଯାଇଛି । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ପ୍ରାୟ ୬,୨୬୦ ହେକ୍ଟର ଚାଷ ଜମି ଜଳ ସେଚନ ପାଇଁ ସୁବିଧା ପାଇବ ବୋଲି ଆଶା କରାଯାଉଛି। ଏହା ଗଜପତି ଓ ଗଞ୍ଜାମ ଜିଲ୍ଲାର ହଜାର ହଜାର କୃଷକଙ୍କ ପାଇଁ ଏକ ଆଶୀର୍ବାଦ ସଦୃଶ ହେବ ବୋଲି କୁହାଯାଇପାରେ। ଯେଉଁ ଜମିରେ ଆଜି କେବଳ ବର୍ଷା ଉପରେ ନିର୍ଭର କରି ଚାଷ ହେଉଛି, ସେଠାରେ ଭବିଷ୍ୟତରେ ବର୍ଷକୁ ଦୁଇ କିମ୍ବା ତିନୋଟି ଫସଲ ଚାଷ କରିବାର ସୁଯୋଗ ସୃଷ୍ଟି ହେବା ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପର ଆଉ ଏକ ବଡ଼ ସଫଳତା ହେଉଛି ପାନୀୟ ଜଳ ଯୋଗାଣ। ଆଗାମୀ ଦିନରେ ଦ୍ରୁତ ଗତିରେ ବଢୁଥିବା ଜନସଂଖ୍ୟାକୁ ଧ୍ୟାନରେ ରଖି ବ୍ରହ୍ମପୁର ସହର ପାଇଁ ଦୀର୍ଘମିଆଦି ଭାବେ ପାନୀୟ ଜଳର ବ୍ୟବସ୍ଥା କରିବାରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହା ସହିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅନେକ ପରିବାର ମଧ୍ୟ ନିରାପଦରେ ପାନୀୟ ଜଳ ପାଇପାରିବେ।



ଏହି ପ୍ରକଳ୍ପ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ଅଧିକା ଶକ୍ତିଶାଳୀ କରିବ। ନିର୍ମାଣ ସମୟରେ ରୋଜଗାର ସୃଷ୍ଟି ହେବା ସହିତ ଭବିଷ୍ୟତରେ ପର୍ଯ୍ୟଟନ, ମାଛଚାଷ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହୋଇପାରେ। ତେବେ ପ୍ରତ୍ୟେକ ବଡ଼ ପ୍ରକଳ୍ପ ପରି ଏହାର ମଧ୍ୟ କିଛି ଚ୍ୟାଲେଞ୍ଜ ରହିଛି। ପରିବେଶ ସୁରକ୍ଷା, ବନ ସଂରକ୍ଷଣ, ପ୍ରଭାବିତ ପରିବାରଙ୍କ ଥଇଥାନ ବ୍ୟବସ୍ଥା ଏବଂ ସେମାନଙ୍କ ଜୀବିକାର ସୁରକ୍ଷା ଉପରେ ସରକାର ଓ ପ୍ରଶାସନଙ୍କୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଉନ୍ନତି ସହିତ ସାମାଜିକ ନ୍ୟାୟ ଓ ପରିବେଶର ସନ୍ତୁଳନ ରକ୍ଷା କରିବା ହିଁ ପ୍ରକୃତ ସଫଳତା ବୋଲି କୁହାଯାଏ । ଏହି ପ୍ରକଳ୍ପର ପରିକଳ୍ପନା ଏବଂ ଆରମ୍ଭ କରିବା ସମୟରେ ବହୁତ ଚାଲେଞ୍ଜ ସୃଷ୍ଟି ହୋଇଥିଲା। ଏପରି କି ସେହି ଅଞ୍ଚଳର ପ୍ରଭାବିତ ବସ୍ତି ପରିବାର ଏବଂ ଅଞ୍ଚଳବାସୀ ବାରମ୍ବାର ଜନଆନ୍ଦୋଳନ କରିଆସୁଛନ୍ତି। ତାକୁ ସମାଧାନ କରିବା ପାଇଁ ବିଭିନ୍ନ ସମୟରେ ସରକାର ଓ ପ୍ରସାଶନଠାରେ ସ୍ଥାନୀୟ ଅଞ୍ଚଳର ନେତୃବୃନ୍ଦ, ସାମାଜିକ ସୁରକ୍ଷା ଗୋଷ୍ଠୀ, ନିର୍ବାଚିତ ଜନପ୍ରତିନିଧି ଓ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହିତ ଆଲୋଚନା ମାଧ୍ୟମରେ କୌଣସି ଜଣେ ବ୍ୟକ୍ତି ବି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ପ୍ରସାଶନ ପକ୍ଷରୁ ଚେଷ୍ଟା ଜାରୀ ରହିଅଛି। ଏହି ପ୍ରକଳ୍ପର ସବୁଠାରୁ ବଡ ଚାଲେଞ୍ଜ ଏକ ଟର୍‌ମିନାଲ କାର୍ଯ୍ୟକ୍ଷମ ହେବା, ଯାହାକି ୨୦୧୯ ଠାରୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇ ୨୦୨୪ ବେଳକୁ ସମ୍ପୂର୍ଣ୍ଣ ହୋଇଥିଲା ।

ଏହି ସମୟ ମଧ୍ୟରେ ଡ୍ୟାମ ନିର୍ମାଣ କରାଯିବା ସ୍ଥାନ ଚୟନ, ରୂପରେଖ ପ୍ରଦାନ ଏବଂ ପରିବେଶ ଅନୁମତି ସମ୍ପୂର୍ଣ୍ଣ ହୋଇପାରିଥିଲା। ଯାହା ଦ୍ୱାରା ବର୍ତ୍ତମାନ ଡ୍ୟାମ କାମ ଚାଲୁଛି। ଅଳ୍ପ କିଛି ଦିନ ତଳେ ଏହି ପ୍ରକଳ୍ପକୁ ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ ବିଭାଗ ଆୟୁକ୍ତ (ଆର୍.ଡି.ସି.) ଙ୍କ ଅଧ୍ୟକ୍ଷତାରେ ଯେଉଁ ଏକ ସ୍ଥାୟୀ କମିଟି ଗଠନ ହୋଇଛି, ତା'ର ବୈଠକ ଜୁଲାଇ ୧୦ ତାରିଖରେ ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଯେଉଁ ସମୀକ୍ଷା ବୈଠକ ବସିଥିଲା, ତା'ର ବ୍ୟବଧାନ ବହୁତ ବିଳମ୍ବରେ ହୋଇଥିଲା। ଯଦି ଏହି ଛେଳିଗଡ଼ ଜଳସେଚନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତି ତିନି ମାସରେ ଥରେବୈଠକ ହୁଏ, ତେବେ ଛେଳିଗଡ଼ ପ୍ରକଳ୍ପର ବହୁବିଧ ଉନ୍ନତି ହୋଇ ପାରିବ। ଛେଳିଗଡ଼ ଜଳଭଣ୍ଡାର ପ୍ରକଳ୍ପ କେବଳ ଇଟା, ବାଲି ସିମେଣ୍ଟ ଓ କଂକ୍ରିଟର ଏକ ନିର୍ମାଣ ନୁହେଁ। ଏହା ହେଉଛି ହଜାର ହଜାର କୃଷକଙ୍କ ସ୍ୱପ୍ନ, ଲକ୍ଷ ଲକ୍ଷ ଲୋକଙ୍କ ପାନୀୟ ଜଳର ଉତ୍ସ ଏବଂ ଦକ୍ଷିଣ ଓଡ଼ିଶାର ସମୃଦ୍ଧ ଭବିଷ୍ୟତ ପାଇଁ ଏକ ନୂଆ ଅଧ୍ୟାୟର ଆଶା।

ଆସନ୍ତୁ, ଆମେ ସମସ୍ତେ ବଦ୍ଧପରିକର ହେବା। ଆହୁରି ମଧ୍ୟ ଏପରି ଏକ ବିକାଶମୂଳକ ପ୍ରକଳ୍ପକୁ ସ୍ୱାଗତ କରିବା ସହିତ ପରିବେଶ, ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ପ୍ରତି ମଧ୍ୟ ସମସ୍ତେ ସଚେତନ ହେବା ନିହାତି ଜରୁରୀ ବୋଲି କୁହାଯାଇଛି।

ମୋ: ୯୯୩୭୪୩୩୧୭୦

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ୫ଟି ସ୍କୁଲର ବିକଳ ଚିତ୍ର: ୩୨୫ ଛାତ୍ରଛାତ୍ରୀଙ୍କ ପାଇଁ ୪ ଶ୍ରେଣୀଗୃହ



ଜଗନ୍ନାଥ ପ୍ରସାଦ,୧୬।୭ (ନି.ପ୍ର): ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବାଙ୍କତରା ପିଏମ୍ ଶ୍ରୀ ରୟତ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ଦେଖିବାକୁ ମିଳିଛି ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର। ୫ଟି ଯୋଜନାରେ ସାମିଲ ହୋଇ ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି କରାଯାଇଥିଲେ ମଧ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ।ନିମ୍ନମାନର କାମ ଯୋଗୁଁ ମାତ୍ର ଦୁଇ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟର ବିଭିନ୍ନ ଅଂଶ ଖସିବା ଆରମ୍ଭ କରିଥିବା ଅଭିଯୋଗ ହୋଇଛି।ସବୁଠାରୁ ବଡ଼ ସମସ୍ୟା ହେଉଛି ଶ୍ରେଣୀଗୃହର ଘୋର ଅଭାବ। ବିଦ୍ୟାଳୟରେ ୧୧ଟି ଶ୍ରେଣୀର ପ୍ରାୟ ୩୨୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୪ଟି ଶ୍ରେଣୀଗୃହରେ ପାଠପଢ଼ା ଚାଲିଛି। ଫଳରେ ଦୁଇଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବାହାରେ ଅସ୍ଥାୟୀ ଟିଣ ସେଡ୍ ତଳେ ବସି ପାଠ ପଢ଼ିବାକୁ ପଡୁଛି। ଖରାଦିନେ ପ୍ରବଳ ଗରମରେ ସିଝୁଥିବା ବେଳେ ବର୍ଷାଦିନେ ଭିଜିଭିଜି ପାଠ ପଢ଼ିବାକୁ ବାଧ ହେଉଛନ୍ତି ଛାତ୍ରଛାତ୍ରୀ। ବାରମ୍ବାର ଅଭିଯୋଗ ପରେ ବିଦ୍ୟାଳୟ ପାଇଁ ୩ଟି ନୂତନ ଶ୍ରେଣୀଗୃହ ନିମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିଲେ ମଧ ଏପର୍ଯ୍ୟନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏହା ହସ୍ତାନ୍ତର କରାଯାଇନାହିଁ। ଫଳରେ ଶ୍ରେଣୀଗୃହ ସମସ୍ୟା ଅପରିବର୍ତ୍ତିତ ରହିଛି ଏବଂ ଶିକ୍ଷାଦାନ ବ୍ୟାହତ ହେଉଛି।

ଏ ସମ୍ପର୍କରେ ନବନିଯୁକ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସେ ନୂତନ ଭାବେ ଯୋଗଦାନ କରିଥିବାରୁ ନୂତନ ଶ୍ରେଣୀଗୃହ କାହିଁକି ହସ୍ତାନ୍ତର ହୋଇନାହିଁ ସେ ସମ୍ପର୍କରେ ଅବଗତ ନାହାନ୍ତି। ତେବେ ବିଦ୍ୟାଳୟରେ ୧୮ ଜଣ ଶିକ୍ଷକ ଥିଲେ ମଧ ଶ୍ରେଣୀଗୃହ ଅଭାବ ଯୋଗୁଁ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହେଉଥିବା ସେ ସ୍ବୀକାର କରିଛନ୍ତି। ଅନ୍ୟପକ୍ଷରେ, ନିକଟରେ ଏହି ପରିସରରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ହେଲେ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ପରିବେଶରେ ସୁଧାର ଆସିବ ବୋଲି ଆଶା କରାଯାଉଛି।ସ୍ଥାନୀୟ ଅଭିଭାବକ ଓ ବୁଦ୍ଧିଜୀବୀମାନେ ତୁରନ୍ତ ନୂତନ ଶ୍ରେଣୀଗୃହ ହସ୍ତାନ୍ତର ସହ ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।

# ମାଧବ ସେବା କ୍ଲିନିକ: ୨୧ ଟଙ୍କାରେ ସ୍ୱାସ୍ଥ୍ୟ ସେବା






ଦଶପଲ୍ଲା,୧୬।୭(ନି.ପ୍ର): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ଗ୍ରାମ ପଞ୍ଚାୟତର ବଡ଼ସାହି ପୁସ୍ତକାଗାର ରେ ମାଧବ ସେବା ନାମରେ କ୍ଲିନିକ ଖୋଲିଛି। ତେବେ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ସେବା ଆରମ୍ଭ ହୋଇଛି। ଡାକ୍ତର ଅନ୍ତର୍ଯ୍ୟାମୀ ସାହୁଙ୍କ ପୃଷ୍ଠ ପୋଷକରେ ଏହି ସେବା ମାତ୍ର ୨୧ ଟଙ୍କା ପ୍ରଦାନ କରାଯାଉଛି। ଯଦ୍ୱାରା ପଞ୍ଚାୟତର ଆଖ ପାଖରେ ଥିବା ସମସ୍ତ ଜନସାଧାରଣ ଓ ଗରିବ ଲୋକ ଏହା ଦ୍ୱାରା ଲାଭ ଉଠାଇ ପାରିବେ। ଡ଼କ୍ଟର ସାହୁଙ୍କ ଏ ପ୍ରକାର ସେବା ସତରେ ଅବର୍ଣ୍ଣନୀୟ। ଗୁରୁବାର ଠାରୁ ଏ ରୋଗୀ ସେବା ପ୍ରଦାନ ଆରମ୍ଭ ହୋଇଛି। ଡାକ୍ତର ସାହୁ ନିଜର ସମୟ ବାହାର କରି ଏହି ସେବା ପ୍ରଦାନ କରିବେ ବୋଲି ମତ ରଖିଛନ୍ତି। ପ୍ରଥମ ଦିନରେ ୨୩ ଜଣ ରୋଗୀ ସେବା ପାଇଥିବା ଜଣାପଡିଛି। ସବୁଠାରୁ ରୋଚକ କଥା ହେଉଛି ଏହି ୨୧ ଟଙ୍କାକୁ ଠାକୁରଙ୍କ ମନ୍ଦିରକୁ ପ୍ରଦାନ କରାଯିବ। ଭବିଷ୍ୟତରେ ଭିନ୍ନ ଭିନ୍ନ ବିଭାଗର ଡାକ୍ତରଙ୍କୁ ଆଣି ଏ ସେବା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ତେବେ ଡାକ୍ତର ସାହୁଙ୍କ ଏ ପ୍ରକାର ପ୍ରୟାସ ପାଇଁ ମଧଖଣ୍ଡ ଜନସାଧାରଣ ତାଙ୍କୁ କୃତଂଜ୍ଞତା ପ୍ରଦାନ କରିଛନ୍ତି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବୁଗୁଡା,୧୬।୭(ନି.ପ୍ର): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ ଗ୍ରାମର ଜନୈକା ମହିଳା ବିଷଧର ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ଜଗନ୍ନାଥ ସ୍ୱାଇଁଙ୍କ ପତ୍ନୀ ଝୁମୁରି ସ୍ୱାଇଁ (୩୫)। ବୁଧବାର ରାତିରେ ଝୁମୁରି ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ଯନ୍ତ୍ରଣାଦାୟକ ବିନ୍ଧା ହେବାରୁ ସେ ତାଙ୍କର ବଡ ଯାଆଙ୍କୁ ଏହା ଜଣାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏକ ଅଟୋରେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ କେସ୍ ନଂ ୨୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

# ଜଙ୍ଗଲ ସୁରକ୍ଷା ପାଇଁ ଗାମିଶ୍ରୀ ଗ୍ରାମ ପୁରସ୍କୃତ



ଦଶପଲ୍ଲା,୧୬।୭(ନି.ପ୍ର): ଜଙ୍ଗଲ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପ୍ରତି ସମସ୍ତେ ନିଜ ନିଜର ସମୟ ଦେବା ଦରକାର। ତେବେ ବିଗତ ଦିନରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପୋଖରୀଗୋଚ୍ଛା ସେକ୍ସନର ଗାମିଶ୍ରୀ ଗ୍ରାମର ଫୁଲ ସୁନ୍ଦରୀ ଇଡିସି ଏହି ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପୁରସ୍କୃତ ହୋଇଛି। ପଚାଶ ହଜାର ଟଙ୍କା ପୁରସ୍କାର ମିଳିଛି ବୋଲି ସୂଚନା ମିଳିଛି। ଖଣ୍ଡପଡା ବ୍ଲକ ପଠାଣି ସାମନ୍ତ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବନ ବିଭାଗର ଏକ କାର୍ଯ୍ୟକ୍ରମରେ ଏ ପୁରସ୍କାର ମିଳିଥିବା ଜଣାପଡିଛି। ପୁରସ୍କାର ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ପ୍ରଦାନ କରିଥିବା ବେଳେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ ଡିଏଫଓ ଦେବାର୍ଚ୍ଚନ ବେହେରା, ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ତିନିରଥ



ଛତ୍ରପୁର,୧୬।୭(ନି.ପ୍ର): ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ପାରମ୍ପରିକ ରଥଯାତ୍ରା ସମାହିତ ହୋଇଯାଇଛି। ତାଡେପଲ୍ଲୀ ସାହିସ୍ଥ ରାଜାଘରର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସକାଳ ୯ ଘଣ୍ଟା ସମୟରେ ଚତୃର୍ଦ୍ଧା ଦିଅଁଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇ ଅପରାହ୍ନ ସାଢ଼େ ତିନି ଘଣ୍ଟା ସମୟରେ ଛେରା ପହଁରା ନୀତି ରାଜା କୈଳାସ ଚନ୍ଦ୍ର ଦେଓଙ୍କ ଦ୍ୱାରା ସମାହିତ ହୋଇଥିଲା । ଅପରାହ୍ନ ୪ ଘଣ୍ଟା ସମୟରେ ରଥଟଣା ଆରମ୍ଭ ହୋଇଥିବା ବେଳେ ମଝି ବଜାର ଠାରେ ଥିବା ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚି ଚତୃର୍ଦ୍ଧା ଦିଅଁଙ୍କ ପହଣ୍ଡି ବିଜେ କରି ଶ୍ରୀ ଜୀଉଙ୍କ ସିଂହାସନ ଆରୋହଣ ନୀତି ସହ ରାଜ ଆଳତୀ ଅନୁଷ୍ଠିତ ହୋଇଥିଲା। ସେହିପରି ମୁଖ୍ୟବଜାରର ଦାସୀରି ଜଗନ୍ନାଥ ମନ୍ଦିରର ବିଜେ ଶ୍ରୀ ପତିତପାବନ ଠାକୁର ମଝିବଜାର ଠାକୁ ପହଞ୍ଚି ଥିବା ବେଳେ ସୀତାରାମପଲ୍ଲୀର ପଣ୍ଡାରଥ ରିକାପଲ୍ଲୀ ଅଞ୍ଚଳରେ ଥିବା ଆଡ଼ପଘରକୁ ପତିତପାବନ ଶ୍ରୀଜୀଉ ସିଂହାସନ ବିଜେ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ଠାରୁ ଏହି ସମସ୍ତ ଦିଅଁଙ୍କର ଧାରାବାହିକ ଭାବେ ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ ଆଦି ଦଶ ଅବତାର ଅନୁଷ୍ଠିତ ହେବାର ପରମ୍ପରା ରହିଛି । ମୋଟା ମୋଟି ଭାବେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ ର ମିଳିତ ସହଯୋଗରେ ଚଳିତ ବର୍ଷ ର ଶ୍ରୀ ଗୁଣ୍ଡିଚା-ରଥଯାତ୍ରା ଶୃଙ୍ଖଳିତ ଭାବେ ସମାହିତ ହୋଇଛି । ଶ୍ରୀ ଗୁଣ୍ଡିଚା-ରଥଯାତ୍ରାରେ ମଝିବଜାର ଛକ ନିକଟରେ ଗଞ୍ଜାମ ଜିଲ୍ଲାପାଳ ଡ଼ି. କୀର୍ତ୍ତିଭାସନ ଯୋଗଦେଇ ରଥାରୂଢ଼ ଶ୍ରୀ ଜଗନ୍ନାଥ ଓ ବଳଭଦ୍ର ଓ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ଦର୍ଶନ କରି ଆତ୍ମ ସନ୍ତୋଷ ଲାଭ କରିଛନ୍ତି। ଏପରିକି ଛତ୍ରପୁର ସହରରେ ଅନୁଷ୍ଠିତ ହୋଇଥିବା ଶ୍ରୀ ଗୁଣ୍ଡିଚା-ରଥଯାତ୍ରାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶ୍ରୀ ଜୀଉ ଙ୍କ ଦର୍ଶନ କରି ଠାକୁରଙ୍କ ବିଭୂକୃପା ଲାଭ କରିଛନ୍ତି।

## ବନବିଭାଗ ପକ୍ଷରୁ ଶାଗୁଆନ ଓ ଶାଳକାଠ ଜବତ

ଭାପୁର,୧୬।୭(ନି.ପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଧାନଚେଙ୍ଗଡ଼ା ଅଧୀନ କଳଟାଙ୍ଗୀ ଗ୍ରାମରେ ବନବିଭାଗ ପକ୍ଷରୁ ବୁଧବାର ବାର ଦିନ ଚଢ଼ାଉ କରାଯାଇ ଶାଗୁଆନ ଶାଳକାଠ ଜବତ କରାଯାଇଛି । ବୁଧବାର ଅପରାହ୍ନ ରେ ବନବିଭାଗ କର୍ମଚାରୀମାନେ କଳଟାଙ୍ଗୀ ଗ୍ରାମର ଯଦୁମଣି ମକୁଟଙ୍କ ଘରେ ଚଢ଼ାଉ କରି ସେଠାରୁ ୧୦୦ ଖଣ୍ଡ ଶାଗୁଆନ କାଠ ଓ ୪୦ ଖଣ୍ଡ ଶାଳ କାଠ ଦୁଆରବନ୍ଧ ଜବତ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି



ବନବିଭାଗ ଅନୁମାନ କରୁଛି । ଚଢ଼ାଉରେ ବନବିଭାଗ ଏସିଏଫ ସତ୍ୟଜିତ କର, ଖଣ୍ଡପଡା ରେଞ୍ଜର ଦିଲୀପ କୁମାର ପଟ୍ଟନାୟକ, ଭାପୁର ବନପାଳ ସୁବାଷ ଚନ୍ଦ୍ର ନାୟକ ଓ ଫରେଷ୍ଟ ଗାଡ ସାମିଲ ଥିଲେ ।

# ରଥଯାତ୍ରା ଉପଲକ୍ଷେ ବୃକ୍ଷ ରୋପଣ

ପାପଡାହାଣ୍ଡି,୧୬।୭(ନି.ପ୍ର): ପବିତ୍ର ରଥଯାତ୍ରା ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡ଼କ୍ରିଭଟା ଗ୍ରାମରେ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟାବାଳ ଫୋରେଷ୍ଟ ଗାର୍ଡ ସଦା ସାନ୍ତା ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ଡଙ୍ଗରା ସରପଞ୍ଚ କୌଶଲ୍ୟା ମାଝୀ, ପୂର୍ବତନ ସରପଞ୍ଚ ତୁଲାରାମ ମାଝୀ, ସମିତି ସଭ୍ୟା ମଙ୍ଗରୁ ଭତରା, ୱାର୍ଡ ସଭ୍ୟା ଭଗବତୀ ଭତରା, ପରିବେଶ ପ୍ରେମୀ ରାଜୁ ଭତରା ପ୍ରମୁଖ ଯୋଗ ଦେଇ ବୃକ୍ଷର ଉପକାରିତା ଓ ପରିବେଶ ଜଳବାୟୁ ସନ୍ତୁଳନ ପ୍ରଭାବ ଉପେର କହିଥିଲେ। ଏହି ଗଛକୁ ଯତ୍ନ ନେବା ସହ ଫଳ ଫଳିଲେ ଗ୍ରାମବାସୀ ଉପକୃତ ହେବେ ବୋଲି କହିଥିଲେ। ଏହି ଅବସରରେ ଡ଼କ୍ରିଭଟା ଗ୍ରାମର ରାସ୍ତା କଡ଼ରେ ୧୨୦୦ ରୁ ଉର୍ଦ୍ଧ ପାଣି, ଧୋଉରା,



ପଣସ, ଆମ୍ବ, କଦମ୍ବ, ତେନ୍ତୁଳି, ପିଜୁଳି, ଜାମ୍ଫ୍ରା, ଶୀତାଫୋଲ, ଅମୃତଭଣ୍ଡା, ସଜନା, ଗଛ ଲଗା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନ ବିଭାଗ ଏବଂ ଭିଏସଏସ ସଭ୍ୟସଭ୍ୟାଙ୍କ ପକ୍ଷରୁ ସହଯୋଗ କରିଥିଲେ । ଏହି ଅବସରରେ ଡକ୍ରିଭଟା ସୟଂ ସହାୟକ ଗୋଷ୍ଠୀ ଦ୍ୱାରା ୩୦୦୦ ମାଛ ଜାଅଁଳା ମଧ ପାଖରୀରେ ଛଡ଼ାଯାଇଥିଲା ।

# ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା



**ବିଜେପୁର,୧୬।୭(ନି.ପ୍ର):** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ବରଗଡ଼ ଜିଲ୍ଲାର ଭଟଲିରେ ଦଧିବାମନ ମହାପ୍ରଭୁଙ୍କ ପବିତ୍ର ନନ୍ଦିଘୋଷ ରଥଯାତ୍ରା ଗୁରୁବାର ମହାଆଡ଼ମ୍ବରରେ ପାଳିତ ହୋଇଛି। ପ୍ରବଳ ବର୍ଷା ସତ୍ତ୍ୱେ ଭକ୍ତଙ୍କ ଉତ୍ସାହ ଓ ଭକ୍ତିରେ କୌଣସି ଭଟ୍ଟା ପଡ଼ିନଥିଲା। ସକାଳୁ ଭଟଲି ସହର ଜୟ ଦଧିବାମନ ଧ୍ୱନି, ଘଣ୍ଟ, ଶଙ୍ଖ ଓ ହରିବୋଲରେ ମୁଖରିତ ହୋଇଉଠିଥିଲା। ଭଟଲି ସମେତ ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭଟଲି ପୀଠରେ ପହଞ୍ଚି ରଥଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ବିଧିବଦ୍ଧ ଅନୁଯାୟୀ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବା ପରେ ଦଧିବାମନ ମହାପ୍ରଭୁ ସୁସଜ୍ଜିତରେ ମନ୍ଦିରରୁ ବାହାରି ପୁରୁଣା ମାଉସୀ ମନ୍ଦିର ନିକଟରେ ଥିବା ନନ୍ଦିଘୋଷ ରଥରେ ବିଜେ କରିଥିଲେ। ରଥ ଉପରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା, ଆରତୀ ଓ ଅନ୍ୟାନ୍ୟ ଧାର୍ମିକ ନୀତି ସମ୍ପନ୍ନ ହେବା ପରେ ନବଜାତ ଶିଶୁମାନଙ୍କ ରଥ ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରାପ୍ତି ପରେ ଡାହୁକମାନେ ଭକ୍ତିରସାତ୍ମକ ପାରମ୍ପରିକ ଗୀତ ପରିବେଷଣ କରିଥିଲେ। ଘଣ୍ଟ, ଶଙ୍ଖ, ହୁଳହୁଳି, ମୃଦଙ୍ଗ, ଝାଞ୍ଜ ଓ ହରିବୋଲ ଧ୍ୱନିରେ ସମଗ୍ର ଭଟଲି ଅଞ୍ଚଳ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଚଳିତ ବର୍ଷ ଭଟଲି ରଥଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ହେଉଛି ପୁରୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ପବିତ୍ର ଚକ ଭଟଲିକୁ ଆସୁଥିଲା। ରଥଯାତ୍ରା ଉପଲକ୍ଷେ ସନ୍ଧ୍ୟାରେ ଭୁବନେଶ୍ୱର ଓ ପୁରୀରୁ ଆସିଥିବା ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶୀ ନୃତ୍ୟ, ଭଜନ, ସଂକୀର୍ତ୍ତନ, ଜଗନ୍ନାଥ ଭଜନ ଓ ବିଭିନ୍ନ ଭକ୍ତିମୂଳକ ପରିବେଷଣ ମାଧ୍ୟମରେ ଦର୍ଶକଙ୍କୁ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରାଯିବ। ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀଙ୍କ ବ୍ୟାପକ ସହଯୋଗର ବ୍ୟବସ୍ଥା କରାଯାଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ସମଗ୍ର ରଥଯାତ୍ରା ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଥିଲା।

**ଦଶରଥପୁର,(ନି.ପ୍ର):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ଦାମୋଦରପୁର-ଗୁଣ୍ଡିଚାନଗରରେ ଶହେ ବର୍ଷରୁ ଅଧିକ ହେବ ବିଶ୍ୱ ନିଅନ୍ତା ଠାକୁର ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ପାରମ୍ପରିକ ରୀତିନୀତିରେ ପୂଜା ପାଇ ଆସୁଥିବାବେଳେ ୩ବର୍ଷ ଧରି ରଥଯାତ୍ରା ଅନୁଷ୍ଠିତ ହେଉଛି। ସମସ୍ତ ନୀତି ନିୟମ ନିଷ୍ଠାର ସହ ପାଳନ କରି ଗୁରୁବାର ଅପରାହ୍ନରେ ମନ୍ଦିରରୁ ବାହାରି ଚତୁର୍ଦ୍ଧା ମୂର୍ତ୍ତି ଶହ ଶହ ଭକ୍ତଙ୍କ ଗହଣରେ ରଥାରୁଢ଼



ହୋଇଥିଲେ। ସମାଜସେବୀ ଜଗଦିଶ ଶଙ୍କର ସାହୁ ଛେରା ପହଁରା କରିବା ପରେ ଜୟ ଜଗନ୍ନାଥ ଧ୍ୱନିରେ ହଜାର ହଜାର ଭକ୍ତ ମିଳି ମିଶି ରଥ ଟାଣି ଟାଣି ମାଉସୀ ମା ମନ୍ଦିର ଗୁଣ୍ଡିଚା ନଗରକୁ ଆଣିଥିଲେ। ମା ଭଉଣୀ ମାନଙ୍କ ଭଜନ କୀର୍ତ୍ତନ ସହିତ ଆଲୋକ ତୋରଣ ଭକ୍ତଙ୍କ ମନ ମୋହିଥିଲା। ମନ୍ଦିର ବାହାରେ ଭକ୍ତଙ୍କ ସହିତ ୩ ଠାକୁରଙ୍କ ମିଳନ ଭାଷାରେ ପ୍ରକାଶ କରିବା କଷ୍ଟକର ଥିଲା। ପାଗ ଅନୁକୂଳ ଥିବାରୁ ଏବର୍ଷ ପାଖାପାଖି ୧୦ହଜାର ଭକ୍ତ ରଥଯାତ୍ରାରେ ସାମିଲ ହୋଇଥିଲେ।

**ବୁଗୁଡା,(ନି.ପ୍ର):** ଚଳିତ ବର୍ଷ ବୁଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ପବିତ୍ର ରଥଯାତ୍ରା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବଡଦାଣ୍ଡରେ ପୁରୋହିତ ରାମାନୁଜ ମହାପାତ୍ର ଓ ପଦ୍ମ ଚରଣ ଦାଶଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ସଂପାଦନ ହୋଇଥିଲା । ତା'ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ଭକ୍ତରାମ ଦାସଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ। ପରେ ବଳଦେବ, ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର



ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା। ରଥ ଉପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା । ଏହାପରେ ଭକ୍ତମାନେ ଉତ୍ସାହର ସହ ହରିବୋଲ ହୁଳହୁଳି ପକାଇ ଠାକୁରଙ୍କ ରଥ ଟାଣି ମାଉସୀ ମାଆ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ମନ୍ଦିର ପରିଚାଳନା କମିଟିର ସଂପାଦକ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ, ମନ୍ଦିରର ପୂଜକ ଗୋଷ୍ଠୀ ଏବଂ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୃତୟନ ହୋଇଥିଲେ। ସେହିପରି ବୁଗୁଡ଼ା ଅଞ୍ଚଳର ଗୋଲିଆ, କାଦପଡା, କତକଲା, ବୀରଧନଞ୍ଜୟପୁର, ହରିଶରଣପୁର, ଆଦିପୁର, ଅନ୍ତରପଡା, ସଦାଶିବପୁର, ରାମଗଡ ଆଦି ଗ୍ରାମରେ ମଧ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**କଣାସ,(ନି.ପ୍ର):** କଣାସର ବିଭିନ୍ନ ଗାଁ ଦାଣ୍ଡରେ ଗଡିଛି କୁନିରଥକୁ ଟାଣିଟାଣି ନେଲେ କୁନି ଭକ୍ତ। ଘଣ୍ଟ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଗାଁ ଦାଣ୍ଡ। ଗଡସାହି ପଞ୍ଚାୟତର ଗଡସାହି ଓ ଖଣ୍ଡହତା ପଞ୍ଚାୟତର ସୁହାଗପୁର ଗାଁରେ ରଥ ଯାତ୍ରା ବେଶ



ଧୁମ୍‌ଧାମ୍‌ରେ ପାଳିତ ହେଇଥିଲା। ଗଡସାହିରେ କୃଷ୍ଣଚନ୍ଦ୍ର ବଳିଆରସିଂହ ଛେରା ପହଁରା କରିଥିଲେ। ରଥ ଗଡସାହିରୁ ବାହାରି ମର୍ଦ୍ଦାପଲ୍ଲୀ ଓ ଜଙ୍କିଆ ଗାଁ ପରିକ୍ରମା କରିଥିଲା।ବଡଗୋଠରେ ଠାକୁର ଅନନ୍ତ ନାରାୟଣ ଦେବଙ୍କ ରଥ ଯାତ୍ରା ମଧ ଅନୁଷ୍ଠିତ ହେଇଥିଲା।

ଦୋକନ୍ଦାରୁ ରଥ ବାହାରି କଣାସ ବଜାର ବାଲିଘାଇ ଛକ, ସହାନା, ରାହାନ୍ଦିଆ ଓ ସିରେଇ ଦେଇ ଜଙ୍ଗାର ଛକରେ ପହଞ୍ଚିବ। ତିନିଠାକୁରଙ୍କୁ ରଥରେ ବସାଇ ଭକ୍ତମାନେ ପ୍ରାୟ ୪ କିମି ରାସ୍ତା ଟାଣି ନେଇଥିଲେ।

**ଦଶପଲ୍ଲା,(ନି.ପ୍ର):** ଦଶପଲ୍ଲା ଏନଏସି ଓ ଏହାର ଆଖ ପାଖ ଅଞ୍ଚଳରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ସୁଦର୍ଶନଙ୍କ ସହିତ ଜଗନ୍ନାଥ ମହାପ୍ରଭୁ ପହଣ୍ଡି ହୋଇ ରଥାରୂଢ଼ ହୋଇଥିଲେ। ପରେ ଦଶପଲ୍ଲା ଗଜପତି ମହାରାଜା ଦିଗବିଜୟୀ ସିଂ ଦେଓଭଞ୍ଜ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ।



ରଥାରୂଢ଼ ମହାପ୍ରଭୁଙ୍କ ସମସ୍ତ ନିତିକାନ୍ତୀ ପରେ ହଜାର ହଜାର ଭକ୍ତଙ୍କ ଦ୍ୱାରା ରଥଟଣା ହୋଇଥିଲା। ଏହି ଯାତ୍ରାରେ ଦଶପଲ୍ଲା ପୋଲିସ, ବିଦ୍ୟୁତ ବିଭାଗ, ଦମକଳ ବାହିନୀ ଓ ଜଗନ୍ନାଥ କମିଟି ସହୋଯୋଗରେ ଶାନ୍ତିଶୃଙ୍ଖଳା ସହ ଡାକ୍ତରଖାନା ଛକ ନିକଟସ୍ଥ ଗୁଣ୍ଡିଚା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । ପୂର୍ବରୁ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ହୋଇଥିଲା। ରଥଯାତ୍ରା ଦିନ ସନ୍ଧ୍ୟା ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏଥି ସହିତ ସାତପାଟଣା ଓ ମଧଖଣ୍ଡ ଗ୍ରାମରେ ମଧ ମହାପ୍ରଭୁଙ୍କ ରଥଯାତ୍ରା ପାଳିତ ହୋଇଥିଲା।

**ଭାପୁର,(ନି.ପ୍ର):** ନୟାଗଡ ଜିଲ୍ଲା ଭାପୁର ବ୍ଲକ ସାଦରମାହୁକୁମାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଳନ ହୋଇଯାଇଛି । ଫତେଗଡ ପୋଲିସ ଥାନା ଅଧିକାରୀ ଅଜୟ କୁମାର ସାହୁ ନିଜେ ଉପସ୍ଥିତ ରହି ପୋଲିସ ଫୋର୍ସ ସହ ଜଗନ୍ନାଥଙ୍କ ରଥକୁ କଡନ କରି ବାଇ ପାସ ସ୍ଥିତ ମାଉସୀମା ମନ୍ଦିର ପାଖରେ ନେଇ ପହଞ୍ଚ ଥିଲେ । ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ଭାପୁର ବ୍ଲକ ବିଡ଼ିଓ ସାରଦା ପ୍ରସାଦ ପଣ୍ଡା ଏହି ରଥଯାତ୍ରା ରେ ସାମିଲ ହୋଇଥିଲେ ।ଭାପୁର ଅଗ୍ନିଶମ ବାହିନୀ ଓ ଡାକ୍ତର ଖାନାର ସମସ୍ତ ଷ୍ଟାଫଙ୍କ ଠାରୁ ଆରମ୍ଭ କରି ଇଲେକ୍ଟ୍ରି ଡିପାର୍ଟମେଣ୍ଟଙ୍କ ବହୁତ ସହଯୋଗ ରହିଥିଲା । ରଥଯାତ୍ରା କମିଟି ପକ୍ଷରୁ ସୁମନ୍ତ ସାର, ପ୍ରଭାକର ସାହୁଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ ର ହାତ ବଢ଼ାଇଥିଲେ । ଭାପୁର ବ୍ଲକ ର ଆଖପାଖ ଗ୍ରାମରୁ ବହୁ ଲୋକଙ୍କ ସମାଗମ ହେବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅତି ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଥିଲା ।



**ଆସିକା,(ନି.ପ୍ର):** ଗୁରୁବାର ଆସିକାରେ ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରା । ଅପରାହ୍ନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି କରାଇ ରଥରେ ବିଜେ କରାଯାଇଥିଲା ।ରଥଯାତ୍ରା ଦେଖିବା ପାଇଁ ଆସିକା ସହର ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଉଥିଲା ଆସିକା ଅଞ୍ଚଳ । ଭକ୍ତମାନେ ପ୍ରଭୁଙ୍କ ରଥକୁ ଦଉଡ଼ି ଲଗାଇ ଟାଣିଥିଲେ । ମନ୍ଦିର କମିଟି ଏବଂ ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା



କଡ଼ାକଡ଼ି କରାଯାଇଥିଲା । ମେଡିକାଲ ଟିମ୍ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମଧ ମୁତୟନ ହୋଇଥିଲେ। ସେହିଭଳି ଆସିକା ଚିନିଶିଳ୍ପ ଏବଂ ଖମ୍ବେଶ୍ୱରୀ ପାଟଣାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା ।

**ଭଞ୍ଜନଗର,(ନି.ପ୍ର):** ବ୍ରିଟିଶ ଶାସନ ସମୟରେ ସ୍ଥାପିତ ମାଧବରିଡା ଆନିକଟ ସ୍ଥିତ ତ୍ରିବେଣୀ ଆଶ୍ରମରେ ପ୍ରଥମ ଥର ପାଇଁ କାଠ ରଥରେ ବିଜେ କରି ରଥଯାତ୍ରାରେ ବାହାରିଲେ ପ୍ରଭୁ ଶ୍ରୀଜଗନ୍ନାଥ। ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଏହି ସ୍ଥାନରେ ଚଳିତ ବର୍ଷର ରଥଯାତ୍ରା ଦେଖିବାକୁ ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମନ୍ଦିର ପ୍ରତିଷ୍ଠାର



ଦୀର୍ଘ ୩୪ ବର୍ଷ ପରେ କାଠ ରଥ ନିର୍ମାଣ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମହଲରେ ଖୁସି ଦେଖିବାକୁ ମିଳିଥିଲା । ଅପରାହ୍ନରେ ପହଣ୍ଡି ବିଜେ ପରେ ରଥରେ ବିଜେ କରିଥିଲେ ମହାପ୍ରଭୁ । ପରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥ ଟଣା ହୋଇଥିଲା । ମାଧବରିଡା ଗାଁରେ ପ୍ରଥମ ଥର ପାଇଁ ମାଉସୀ ମା ମନ୍ଦିର ନିର୍ମାଣ ହୋଇଥିଲା। ପ୍ରକାଶ ଥାଉକି ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ପ୍ରଥମେ ଶଗଡ଼ରେ ବିଜେ କରି ରଥଯାତ୍ରା ହେଉଥିଲା। ପରେ ପରେ ଅଟୋରେ ବିଜେ କରି ରଥଯାତ୍ରା ହେଲା। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ଜନପ୍ରତିନିଧି ଏବଂ ମଠର ସାଧୁସନ୍ଥଙ୍କ ଉଦ୍ୟମରେ କାଠର ରଥ ନିର୍ମାଣ ହେଲା । ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା ।


## AFFIDAVIT

By virtue of an affidavit sworn before the Executive Magistrate, Keonjhar, dated-13.07.2026,I, TAPAN KUMAR NAIK, S/o-Alekh Charan Naik of Vill-Talagaon, Po-Trilochanpur, Ps-Ghasipura, Dist-Keonjhar, Pin-758015, declare that I have changed the name of my minor son from DIBYARANJAN NAIK (old name) to SARBESWAR NAIK (new name). Henceforth, he will be known as SARBESWAR NAIK for all future purposes.

**Tapan Kumar Naik**
Deponent

## AFFIDAVIT

By virtue of an affidavit sworn before the Executive Magistrate, Keonjhar, dated-13.07.2026,I, DIPA DEHURI of Vill-Erida, Po-Tana, Ps-Kanjipani, Dist-Keonjhar, Pin-758019, declare that I have changed my name from RUPA DEHURI (old name) to DIPA DEHURI (new name). Henceforth, I shall be known as DIPA DEHURI for all future purposes.

**Dipa Dehuri**
Deponent

## AFFIDAVIT

By virtue of an affidavit No.369, Dt.7.07.2026, sworn before the Executive Magistrate, Puri, I, Manoj Behera, S/o-Late Amar Behera, At-Jagulaipadar, Po-Kalapadar, Ps-Gadisagoda, Dist-Puri-752017, declare that I have changed the name of my minor son from Skail Behera (old name) to Talent Behera (new name). Henceforth, he will be known as Talent Behera for all future purposes.

**Manoj Behera**
Deponent

## AFFIDAVIT

By virtue of an Affidavit Sworn before Executive Magistrate Bhubaneswar, Dated-13.07.2026. I Anuara Begum (New name) Address of At/Po - Talbarkote. Ps-Sadar Dhenkanal, Dist-Dhenkanal. Odisha.Pin-759027.Declare that I have changed my name from Anwara Begum(Old name) to Anuara Begum(New name) Henceforth,I shall be known as Anuara Begum for all purposes.

**Anuara Begum**
**(New Name)**

## AFFIDAVIT

By virtue of an Affidavit Sworn before Executive Magistrate Bhubaneswar, Dated-13.07.2026. I Ekram Mohammad (New name), Address of At/Po-Talbarkote. Ps-Sadar Dhenkanal, Dist-Dhenkanal, Odisha, Pin-759027, Declare that I have changed my name from Sk. Ekram Mohammad (Old name) to Ekram Mohammad(New name) Henceforth, I shall be known as Ekram Mohammad for all purposes.

**Ekram Mohammad**
**(New Name)**

## ବାଙ୍କୋଇ ମେଡିକାଲରେ ପାଣି ପଶିଲା, ରୋଗୀ ହନ୍ତସନ୍ତ



ବୋଲଗଡ,୧୬।୭(ନି.ପ୍ର): ବୋଲଗଡ ବ୍ଲକ ବାଙ୍କୋଇ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶି ଲହଡି ଭାଙ୍ଗୁଛି। ଫଳରେ ରୋଗୀ ହନ୍ତସନ୍ତ ହେଉଥିବା ଜଣାପଡିଛି। ଗତ ୩ଦିନ ଧରି ଲଘୁଚାପ ଜନିତ ବର୍ଷା ଯୋଗୁଁ ଏପରି ଘଟିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଟି ରାସ୍ତା ଠାରୁ ୨ଫୁଟ ତଳକୁ ରହିଛି। ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅପରପକ୍ଷରେ ନୂତନ କୋଠା ନିର୍ମାଣ ଚାଲିଛି। ଫଳରେ ବହୁ ଆବର୍ଜନା ପଡ଼ିରହିଛି। ଫଳରେ ଜଳ ଜମି ରହିଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଅସିତ ମୋହନ ମହାପାତ୍ର ଘଟଣାକୁ ସ୍ୱୀକାର କରିଛନ୍ତି। ନୂତନ କୋଠା ସମ୍ପୂର୍ଣ୍ଣ ହୋଇଗଲେ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରକାଶ କରିଛନ୍ତି। ତୁରନ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## କାଙ୍କଣ ଶିଖରୀ ଜଳରାଶୀରେ ରଥଯାତ୍ରା



ଚିଲିକା,୧୬।୭(ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ନଉରୀ ଗ୍ରାମ ନିକଟ କାଙ୍କଣ ଶିଖରୀ ଦ୍ୱୀପରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଜଳରାଶିରେ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କର ଡଙ୍ଗା ମାଧ୍ୟମରେ ଏକ ଭିନ୍ନ ପ୍ରକାରର ରଥ ଯାତ୍ରା ଆୟୋଜିତ ହୋଇଯାଇଛି। ସମଗ୍ର ବିଶ୍ୱରେ ସ୍ଥଳ ପଥରେ ରଥ ଯାତ୍ରା ହେଉଥିବା ବେଳେ କାଙ୍କଣ ଶିଖରୀରେ ଜଳରାଶିରେ ରଥଯାତ୍ରା ହେଉଅଛି। ଇତିହାସରେ ଅଛି ତଳି ଖାଁ ପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିବା ବେଳେ ପ୍ରଭୁ ଜଗନ୍ନାଥଙ୍କୁ କାଙ୍କଣ ଶିଖରୀରେ ଗୁପ୍ତ ଭାବରେ ଲୀଳା କରିଥିଲେ। ସେଉଁ ସ୍ଥାନ ଏକ ଦ୍ୱୀପ ଏବଂ ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ଅଛି। ଭକ୍ତ ସ୍ଥାନରେ କେବଳ କାଙ୍କଣ ଫଳ ଫଳୁଥିଲା ଯାହା ଫଳରେ ପ୍ରଭୁଙ୍କୁ କାଙ୍କଣ ଫଳ ଭୋଗ ଭାବରେ ଲାଗୁଥିଲା। ସେହି ଦିନ ଠାରୁ ଏହା କାଙ୍କଣ ଶିଖରୀ ଭାବରେ ପରିଚିତ। ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରୀତିନୀତି ଏଠାରେ ହୋଇଆସୁଛି। ଏହି ପ୍ରରିପ୍ରେକ୍ଷିରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଥ ଯାତ୍ରା ଆଜି ଜଳରାଶୀ ମଧ୍ୟରେ ହୋଇଥିଲା। ତିନିଠାକୁରଙ୍କ ଅନୁଷ୍ଠି ପରେ ଡଙ୍ଗା ମାଧ୍ୟମରେ ଜଳରାଶିରେ କାଙ୍କଣ ଦ୍ୱୀପ ଚତୁଃପାର୍ଶ୍ୱରେ ପରିକ୍ରମା କରିଥିଲେ। ଏହି ରଥ ଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ ବିଭିନ୍ନ ଅଂଚଳରୁ ଆସିଥିଲେ। ଏହି ରଥଯାତ୍ରାରେ ସୁଶାନ୍ତ କୁମାର ସାହୁ, ନଉରି ଗ୍ରାମବାସୀ, ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ଡିଏଫଓ ଅମ୍ଳାନ କୁମାର ନାୟକ, ଖୋର୍ଦ୍ଧା ଉପଜିଲ୍ଲାପାଳ, ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ, ଚିଲିକା ବିଡ଼ିଓ ପୁନମ ମହାପାତ୍ର, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



କେନ୍ଦ୍ରାପଡ଼ା,୧୬।୭(ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶନାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡା ମାଧ୍ୟମରେ ଜିଲ୍ଲା ସ୍ତରୀୟ ବିଶ୍ୱ ଜନ ସ୍ୱାସ୍ଥ୍ୟ ଦିବସ ପାଳନ ଗତକାଲି କେନ୍ଦ୍ରାପଡା ପୁରୁଣା ମେଡିକାଲ ସ୍ଥିତ ତାଲିମ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଗତ ଆର୍ଥିକ ବର୍ଷ ୨୦୨୫–୨୬ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସବ୍–ଡିଭିଜନାଲ ହସ୍ପିଟାଲ୍ ପଟ୍ଟାମୁଣ୍ଡାଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଟକୁରା, ମହାକାଳପଡ଼ା, ରାଜକନିକା, ରାଜନଗର ଏବଂ ଉନ୍ନୟନ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ଉତ୍ତମ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ମାନପତ୍ର ସହ ଟ୍ରଫି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ସର୍ଜନ ହିସାବରେ ପୁରୁଷ ବନ୍ଧ୍ୟାକରଣ ପାଇଁ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଓ ମହିଳା ବନ୍ଧ୍ୟାକରଣ ପାଇଁ ଡାକ୍ତର ରଶ୍ମିକାନ୍ତ ପାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସେହିପରି ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି ମ୍ୟାନେଜର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡ଼ ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭେକ୍ସିନ୍ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବ୍ଲକ୍ ସ୍ତରରୁ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଉଭୟ ହସ୍ପିଟାଲ୍ ମ୍ୟାନେଜର, ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ଓ ପି.ପି.ସି ରେ କାର୍ଯ୍ୟରତ ପୂର୍ବତନ ତଥା ବର୍ତ୍ତମାନ ନର୍ସ ଅଫିସରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଚଳିତ ବର୍ଷ କିପରି ଭାବେ ବିଶ୍ୱ ଜନ ସଂଖ୍ୟା ସ୍ଥିରତା ପକ୍ଷ ଯଥା ୧୧ ରୁ ୨୪ ଜୁଲାଇ ମଧ୍ୟରେ ଏବଂ ଏହି ଆର୍ଥିକ ବର୍ଷ ୨୦୨୬– ୨୦୨୭ କିପରି ଭଲ ଭାବେ ପରିବାର ନିୟୋଜନ କାର୍ଯ୍ୟକ୍ରମ କ୍ଷେତ୍ର ସ୍ତରରେ ହୋଇପାଇବ ତାହା ବିଷୟରେ ସଂପୂର୍ଣ୍ଣ ଆଲୋଚନା ଅଧିକାରୀ ଓ ଅତିଥିମାନେ କରିଥିଲେ। ଉଭୟ ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ମାଧ୍ୟମରେ ଗୋଟିଏ ସୁସ୍ଥ ପରିବାର ଗଠନ ଓ କିପରି ବୃଦ୍ଧି ହୋଇପାରିବ ସେ ବିଷୟରେ ମଧ୍ୟ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଓ ଡାକ୍ତର ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଡ଼ ମନୋରଂଜନ ସାହୁ, ଫାଇନାନ୍ସିଆଲ୍ ଅଧିକାରୀ ଆସୁତୋସ ତ୍ରିପାଠୀ,ଏମ୍ ଓ ଇନ୍ ଚାର୍ଜ –ଡାକ୍ତର ନିରାକାର ପରିଡ଼ା, ଡାକ୍ତର ନିରଞ୍ଜନ କର, ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି, ଡାକ୍ତର ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ପରିବାର ନିୟୋଜନ ଉପରେ ବକ୍ତବ୍ୟ ରଖିଥିଲେ। ଅଂଶଗ୍ରହଣକାରୀ ତଥା ସେବାପ୍ରଦାନକାରୀ ହିସାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଙ୍କୁମଧ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚଳିତ ବର୍ଷ ସବୁଠୁ ଭଲ କାର୍ଯ୍ୟ କରିଥିବା ଉପଯୁକ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ଜିଲ୍ଲାସ୍ତରରୁ ସମ୍ବର୍ଦ୍ଧନା କରାଯିବା ସହିତ ସ୍ୱାସ୍ଥ୍ୟ ବ୍ଲକ୍‌କୁ ସେମାନଙ୍କ ଅବଦାନ ନିମନ୍ତେ ମାନପତ୍ର ଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ସଠିକ୍ ଭାବରେ ଗୋଷ୍ଠୀ ସ୍ତରରେ କୌଣସି ଯୋଗ୍ୟ ଦମ୍ପତି କୌଣସି ପରିବାର ନିୟୋଜନ ପଦ୍ଧତି ବିନା ଯେପରି ନ ରୁହନ୍ତି ସେଥିପାଇଁ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦିଆଯାଇଥିଲା। ବିଶ୍ୱ ଜନ ସଂଖ୍ୟା ପାଇଁ ଡେପୁଟି ମ୍ୟାନେଜର ଡ଼.ପ୍ରଧାନଙ୍କ ଦ୍ୱାରା ଲିଖିତ ସଙ୍ଗୀତ କୁ ଏମ୍.ଓ, ଇନ୍‌ଚାର୍ଜ ପାଟକୁରା ଡାକ୍ତର ନିରଞ୍ଜନ କର ଗୋଟେ ଏ ଆଇ ଗ୍ରୁପ୍ ଦ୍ୱାରା ସଙ୍ଗୀତ ଅଡିଓ ର ରୂପ ଦେଇଥିଲେ ତାହା ସମସ୍ତଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ଜିଲ୍ଲା ସ୍ତରରୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କନ୍‌ସଲଟାଣ୍ଟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଏ ଏନ୍ ଏମ୍ ତାଲିମ କେନ୍ଦ୍ର ର ପ୍ରିନ୍ସିପାଲ ଅନ୍ୟ ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ପ୍ରଧାନ, ଡେପୁଟି ମ୍ୟାନେଜର ସଂଯୋଜନା କରିଥିବା ବେଳେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସୂଚନା ଅଧିକାର କର୍ମଶାଳା

ବୋଲଗଡ,୧୬।୭(ନି.ପ୍ର): ବୋଲଗଡ ବ୍ଲକ ଭଏସ ଅଫ ମିଡ଼ିଆ ଶାଖା ଆନୁକୂଲ୍ୟରେ ସୂଚନା ଅଧିକାର କର୍ମଶାଳା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନୀଲ କୁମାର ନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଗଣତନ୍ତ୍ର ପାଇଁ ସୂଚନା ଅଧିକାର ଏକ ପ୍ରମୁଖ ଅସ୍ତ୍ର ବୋଲି ପ୍ରକାଶ କରିଥିଲେ। ଜନସାଧାରଣ ପ୍ରତିଟି ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଜାଣିବାର ଅଧିକାରକୁ ସୂଚନା ଅଧିକାର ଆଇନ ୨୦୦୫ପ୍ରଦାନ କରିଛି। ଏଣୁ ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହେବା ଜରୁରୀ। ଏହା ଦୁର୍ନୀତି ହଟାଇବାରେ ସହାୟକ ହେବ ବୋଲି ଆଶା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ସୂଚନା ଅଧିକାର ଆନ୍ଦୋଳନ ର କଣ୍ଟକିତ ଯାତ୍ରା ସମ୍ପର୍କରେ ବିଶଦ ଭାବରେ ବୁଝାଇଥିଲେ। ପ୍ରାକ୍ତନ ବିଚାରପତି ଜଷ୍ଟିସ ସୁରେନ୍ଦ୍ର କୁମାର ପାଢ଼ୀ ସମାଜସେବୀ ପୁର୍ଣଚନ୍ଦ୍ର ନାୟକ ପରିବେଶବିତ ଧନେଶ୍ୱର ବିଧାର ଭଏସ ଅଫ ମିଡ଼ିଆ ରାଜ୍ୟ ସଭାପତି ପ୍ରଭାତ ମିଶ୍ର ଶିକ୍ଷାବିତ ଗୋପୀନାଥ ଖାଡ଼ଙ୍ଗା। ତହସିଲଦାର ବିଜୟ କୁମାର ସେଠି, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଆମ ସରକାର ସମ୍ପାଦକ ଦେବୀ ପ୍ରସାଦ ମିଶ୍ର ଓ ସୂଚନା ଅଧିକାର କର୍ମୀ ଶାନ୍ତନୁ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିକଟସ୍ଥ ପଡିଆରେ ଚାରରୋପଣ କରାଯାଇଥିଲା। ପ୍ରତ୍ୟେକ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ସଂଘର ସଦସ୍ୟ ଦେବବ୍ରତ ହୋତା ନିରଞ୍ଜନ ସେଠି ପ୍ରଫୁଲ୍ଲ ସିଂ ଦୀପକ ପାହାଡ଼ସିଂ ଯଦୁନାଥ ସାମନ୍ତରାୟ ଏକେ ଖାନ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ନୀଳକଣ୍ଠେଶ୍ୱର ମାତୃ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରି ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ବହୁ ସାମ୍ବାଦିକଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସମ୍ପାଦକ ସତ୍ୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## ଲବଣଗିରି ରଥଯାତ୍ରା: ପାହାଡ଼ ଉପରୁ ରଥରେ ବସି ଗଡ଼ି ଗଡ଼ି ଆସନ୍ତି ଚତୁର୍ଦ୍ଧାମୂର୍ତ୍ତି



ଜଟଣୀ,୧୬।୭(ନି.ପ୍ର): ଭାଇ ଭଉଣୀ ସହ ପାହାଡ଼ ଉପରୁ ଗଡି ଗଡି ଆସନ୍ତି ମହାପ୍ରଭୁ ଜଗନ୍ନାଥ। ଆଗ ପଟରୁ ଭକ୍ତମାନେ ଭିଡ଼ନ୍ତି ଏବଂ ପଛଆଡୁ ଭକ୍ତ ମାନେ ଟାଣନ୍ତି।ରଥର ଆଗରେ ଲାଗେ, ରଥ ପଛରେ ଲାଗେ ଦଉଡି। ଖାଲି ଓଡିଶା ନୁହେଁ ବରଂ ଏଭଳି ଦୃଶ୍ୟ ସାରା ଭାରତ ବର୍ଷରେ ବିରଳ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଲବଣଗିରି ଜଗନ୍ନାଥ ମନ୍ଦିରରେ ଏଭଳି ଏକ ଅନନ୍ୟ ପରମ୍ପରା ଦେଖିବାକୁ ମିଳେ। ଜଟଣୀରୁ ସୁନ୍ଦରପଦା ରାସ୍ତାରେ ଏହି ଲବଣଗିରି ପାହାଡ଼ ଅବସ୍ଥିତ। ୨୦୦୦ ମସିହାରେ ଏହି ପାହାଡ଼ରେ ଜଗନ୍ନାଥ ମନ୍ଦିରର ଏକ ଭଗ୍ନାବଶେଷ ମିଳିଥିଲା। ପରେ ସେଠାରେ ଜଗନ୍ନାଥ ଆଶ୍ରମ ପ୍ରତିଷ୍ଠା କରି ଚତୁର୍ଧାମୂର୍ତ୍ତି ଙ୍କୁ ପୂଜାର୍ଚ୍ଚନା କରାଯିବା ସହ ୨୦୦୧ ମସିହାରୁ ଏଠାରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ୨୦୨୪ ମସିହା ପର୍ଯ୍ୟନ୍ତ ପାହାଡ଼ ଉପରୁ ଗୋଟିଏ ରଥରେ ବସି ଶ୍ରୀ ବିଗ୍ରହମାନେ ତଳକୁ ଗଡି ଗଡି ପାଞ୍ଚଗାଁ ନିକଟ ମାଉସୀ ମା ମନ୍ଦିରକୁ ଯାଇଥାନ୍ତି। ୨୦୨୫ ପରେ ୩ ରଥ ନିର୍ମାଣ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଯାତ୍ରା ଅନୁଷ୍ଠିତ ହେଉଛି। ପାହାଡ଼ ଉପରୁ ରଥ ଗଡ଼ିବା ବେଳେ ରଥକୁ ଆଗ ପଟରୁ ଭକ୍ତମାନେ ଟାଣିବା ସହ ପଛପଟରେ ମଧ୍ୟ ଦଉଡି ସାହାଯ୍ୟରେ ଭକ୍ତମାନେ ଭିଡି ଧରିଥାନ୍ତି।ଉଭୟ ପଟେ ଦଉଡି ବାନ୍ଧି ରଥ ଟାଣିବା ପରମ୍ପରା ଅନ୍ୟ କୌଣସି ଜାଗାରେ ଦେଖିବାକୁ ମିଳେ ନାହିଁ। ଲବଣଗିରି ଜଗନ୍ନାଥ ମନ୍ଦିର କମିଟି ଦେଇଥିବା ସୂଚନା ଅନୁସାରେ ୨୦୦୧ ମସିହାରେ ଯେତେବେଳେ ରଥଟଣା ଆରମ୍ଭ କରିବାକୁ ଯୋଜନା ହେଲା, ପାହାଡ଼ ଉପରୁ କିଭଳି ଭାବେ ରଥ ଟଣାଯିବା ତାହାକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କରିଥିଲେ। ରଥ ଦ୍ରୁତ ଗତିରେ ଗଡିଯାଇ ଦୁର୍ଘଟଣା ଘଟିବା ଆଶଙ୍କା ରହିଥିଲା। ହଠାତ ଜଣେ ସନ୍ୟାସୀ ଲବଣଗିରି ଠାରେ ପହଞ୍ଚି ଉଭୟ ପଟରେ ଦଉଡି ବାନ୍ଧି ରଥ ଟଣା କାର୍ଯ୍ୟକ୍ରମ କରିବାକୁ ଉପଦେଶ ଦେଇଥିଲେ।ଯାହାକୁ ସମସ୍ତେ ଗ୍ରହଣ କରିବା ସହ ସେହିଦିନ ଠାରୁ ରଥ ଆଗରେ ଦଉଡି ଏବଂ ରଥ ପଛରେ ଦଉଡି ବାନ୍ଧି ରଥ ଟାଣୁଛନ୍ତି। ଅପରାହ୍ନରେ ବର୍ଷା ପାଗରେ ନିର୍ଦ୍ଧାରିତ ସମୟ ଅନୁସାରେ ସମସ୍ତ ନୀତିକାନ୍ତି ସମାପନ ହେବା ସହ ପହଣ୍ଡି ବିଜେ, ଛେରା ପହଁରା ଏବଂ ରଥ ଟଣା ହୋଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏୟାରଫିଲଡ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଶାନ୍ତି ଶୃଙ୍ଖଳାର ସହ ରଥଟଣା ଶେଷ ହୋଇଛି।

# ରଥଯାତ୍ରା ପାଳିତ

**ଦାରିଙ୍ଗବାଡି,୧୬।୭(ନି.ପ୍ର):** ସାରା ରାଜ୍ୟ ଆଜି ପ୍ରଭୁ ଶ୍ରୀ ଜଗନ୍ନାଥ ପାଇଁ ଚଳ ଚଞ୍ଚଳ ଓ ଉତ୍ସବ ମୁଖର ହୋଇଉଠିଛି, ଓଡ଼ିଆଙ୍କ ଆରାଧ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଓ ରଥଟଣା ପାଇଁ ପୁରୀ ବଡ଼ ଦାଣ୍ଡ ରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇ ଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର କାଟିଙ୍ଗିଆ ଓ ଗଦାପୁର ଠାରେ ପାରମ୍ପରିକ ତଥା ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁସାରେ ରଥଯାତ୍ରା ବହୁ ଆଡମ୍ବରରେ ପାଳନ କରାଯାଇଛି। ଗୁରୁବାର ଦିନ ଭୋର ସକାଳ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ରଥ ପ୍ରତିଷ୍ଠା କରାଯିବା ସହ ମହାପ୍ରଭୁଙ୍କ ପହଣ୍ଡି ବିଜେ ହୋଇଥିଲା। ପରେ ଗଦାପୁରର ରାଜା ସାହେବଙ୍କ ବଂଶଜ କ୍ଷୀରୋଦ ଚନ୍ଦ୍ର ଦେଓ ପାରମ୍ପରିକ ଛେରା ପହଁରା କରିବା ସହ ରଥରେ ଶ୍ରୀଜଗନ୍ନାଥ ବିଜେ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରଦ୍ଧାଳୁମାନେ ରଥ ଟଣା କାର୍ଯ୍ୟ ଆରମ୍ଭ କରିଥିଲେ। ସେହିପରି କାଟିଙ୍ଗିଆରେ ମଧ୍ୟ ରଥ ଯାତ୍ରା ପାଳନ କରାଯାଇଛି। ଏହା ପ୍ରାୟ ୧୮୦୦ଖ୍ରୀଷ୍ଟାବ୍ଦରୁ ମହାରାଜ ହରିହର ସିଂହଙ୍କ ଅମଳରୁ ଅଦ୍ୟାବଧି ପାଳନ କରାଯାଉଥିବା ନେଇ ଗ୍ରାମବାସୀ କହିଛନ୍ତି। କାର୍ଯ୍ୟକ୍ରମରେ କନ୍ଧମାଳ ସମେତ ପଡୋଶୀ ଜିଲ୍ଲା ରାୟଗଡା, ଗଜପତି ଓ ଗଞ୍ଜାମ ଜିଲାରୁ ରଥଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଛନ୍ତି ଜଣାପଡ଼ିଛି। ବ୍ରାହ୍ମଣୀଗାଁ ଥାନା ଅଧିକାରୀ ବିଜୟ କୁମାର ହାଇବୁରୁଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।



**ଟିକାବାଲି :** କନ୍ଧମାଳ ଜିଲ୍ଲା ଟିକାବାଲି ଠାରେ ରଥଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଟିକାବାଲି ବ୍ଲକର ତଥା ଚକାପାଦପଦ ଏବଂ ଘୁ. ଉଦୟଗିରି ବ୍ଲକ ଅଞ୍ଚଳରୁ ହଜାରେ ହଜାରେ ଶ୍ରଦ୍ଧାଳୁ ଟିକାବାଲିର ଚାଲିଥିବା ରଥଯାତ୍ରା ଦେଖିବା ସହ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମାଞ୍ଚଳରୁ ଶତାଧିକ ସଂକୀର୍ତନ ମଣ୍ଡଳୀ ଏବଂ କଳାକାର ମାନେ ଉପସ୍ଥିତ ରହି ରଥଯାତ୍ରାକୁ ଆଡମ୍ବର କରିଥିଲେ। ଏହି ରଥଯାତ୍ରା ଉପଲକ୍ଷେ ଟିକାବାଲି ଗ୍ରାମ୍ୟ କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ରଥଯାତ୍ରା ଯେପରି ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହେବ ସେଥି ନିମନ୍ତେ ଟିକାବାଲି ପୋଲିସ ପକ୍ଷରୁ ଥାନା ଅଧିକାରୀ ଶୁବାରଞ୍ଜନ ସିଙ୍ଗାଙ୍କ ନେତୃତ୍ୱରେ କଡା ପୋଲିସ ପ୍ରହରା ବ୍ୟବସ୍ଥା କରାଯାଇଥିଲା। ରଥ ଯାତ୍ରା ଆରମ୍ଭ ପୂର୍ବରୁ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ବିଷ୍ଣୁ ଗୋବିନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚେରା ପହଁରା କାର୍ଯ୍ୟ ସମ୍ପନ୍ନ କଲାପରେ ରଥଯାତ୍ରା ଆରମ୍ଭ କରାଯାଇଥିଲା। ଏହି ରଥଯାତ୍ରାରେ ତହସିଲଦାର ଶ୍ରୀ ହରିଚନ୍ଦ୍ର ପ୍ରଧାନ ମାଜିଷ୍ଟ୍ରେଟ ଭାବେ ଯୋଗେ ଦେଇ କାର୍ଯ୍ୟକୁ ତଦାରଖ କରିଥିଲେ।



**ଜି.ଉଦୟଗିରି :** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଠାରେ ପାରମ୍ପରିକ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁସାରେ ରଥଯାତ୍ରା ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମହା ଆଡମ୍ବରରେ ପାଳନ କରାଯାଇଛି। ସକାଳୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ମଧ୍ୟାହ୍ନ ସମୟରେ ରଥ ପ୍ରତିଷ୍ଠା କରାଯାଇଥିଲା। ଅପରାହ୍ନରେ ଗୋଲାସାହି ତ୍ରୀନାଥ ମନ୍ଦିର ରୁ ଟାହିଆ ବରଣ ହୋଇ ଆସିଥିଲା। ତାପରେ ଶ୍ରୀଜିଉଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ତତ ପରେ ରାଜା କେ.ରାମକୃଷ୍ଣ ପାତ୍ର ପାରମ୍ପରିକ ଛେରା ପହଁରା କରିବା ସହ ରଥରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏସବୁ କାର୍ଯ୍ୟ ସରିବା ପରେ ଭକ୍ତ ଗୋଟିକ ପରେ ଗୋଟିଏ ଏପରି ତିନି ରଥ ଟାଣିବା ଆରମ୍ଭ କରିଥିଲେ। ଶେଷରେ ସୁଚାରୁ ରୁପେ ଚୁଆଁ ସାହି ନିକଟସ୍ଥ ମାଉସୀ ମାଙ୍କ ମନ୍ଦିରରେ ରଥ ପହଞ୍ଚିଥିଲା। ଆଜିର ଏହି ରଥଯାତ୍ରା ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିବା ବେଳେ ସ୍ଥାନୀୟ ପୋଲିସ ଭିଡକୁ ନିୟନ୍ତ୍ରଣ କରିଥିବା ସହ ବନପାଳ ତାଲିମ କେନ୍ଦ୍ରର ପ୍ରଶିକ୍ଷାର୍ଥୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ସମୀର କୁମାର ପାଢ଼ୀ, ଉପସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ, ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, କୋଷାଧକ୍ଷ ଗଣେଶ ପାଢ଼ୀ, ପ୍ରଶାନ୍ତ ମୁନି, ପିତାମ୍ବର ସାହୁ, ଅଜିତ କୁମାର ପଣ୍ଡା, ବିନୋଦ ବିହାରୀ ଦାଶ, ଦଣ୍ଡପାଣି ପାଢ଼ୀ, କାଳୁଚରଣ ପଣ୍ଡା,ପ୍ରତାପ ପଣ୍ଡା, ହେମନ୍ତ କୁମାର ପାଣିଗ୍ରାହୀଙ୍କ ସହ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ, ଶ୍ରୀକାନ୍ତ ଆଚାର୍ଯ୍ୟ, ଅଚ୍ୟୁତ ପଣ୍ଡା, ମାନସ ପଣ୍ଡା, ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସହିତ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଥାନା ଭାର ପ୍ରାପ୍ତ ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ସହିତ ଅନ୍ୟ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ।



## ଭାଇ ଭଉଣୀଙ୍କୁ ସାଥିରେ ନେଇ ରଥରେ ବିଜେ ହେଲେ ଜଗତର ନାଥ



ପାଲଲହଡା,୧୬।୭(ନି.ପ୍ର): ପାଲଲହଡା ସଦରମହକୁମା ରାଜା ରାଜୁଆଡ଼ ଅମଳରୁ ଆରମ୍ଭ ହୋଇଥିବା ରଥଯାତ୍ରାରେ ପ୍ରବଳ ବର୍ଷା ସତ୍ୱେ ହଜାର ହଜାର ଭକ୍ତଙ୍କ ସମାଗମ। ଆଜି ସକାଳୁ ପ୍ରବଳ ବର୍ଷା ସତ୍ୱେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଆଜି ମହାପ୍ରଭୁଙ୍କ ନୀତିକାନ୍ତି ପରେ ରଥ ଉପରକୁ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ରଥ ଉପରକୁ ପହଣ୍ଡି କରି ଅଣାଯାଇଥିଲା। ପ୍ରଶାସନ ଓ ପୋଲିସ ପ୍ରଶାସନର କଡା ସୁରକ୍ଷା ଭିତରେ ଶାନ୍ତି ଶୃଙ୍ଖଳା ସହ ରଥ ଟଣା ଶେଷ ହୋଇଥିଲା। ଦେବତ୍ତର ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଦେବତ୍ତର ବିଭାଗର ଅଧ୍ୟକ୍ଷ ପାଲଲହଡା ଉପଜିଲ୍ଲାପାଳ ପ୍ରବଳ ବର୍ଷାରେ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ରଙ୍କ ସମସ୍ତ ନୀତିକାନ୍ତ ପରେ ଭକ୍ତଙ୍କ ସଙ୍ଗେ ରହି ରଥ ଟାଣି ଥିଲେ। ପାଲଲହଡା ବିଧାୟକ ଅଶୋକ ମହାନ୍ତି ମଧ୍ୟ ଉପସ୍ଥିତ ରହି ରଥ ଟାଣିଥିଲେ। ଆଜି ମହାପ୍ରଭୁ ଶ୍ରୀମନ୍ଦିରରୁ ସାଥିରେ ଭାଇ ଭଉଣୀଙ୍କୁ ଧରି ମାଉସୀ ମା ମନ୍ଦିରକୁ ଯାତ୍ରା କରିଥିଲେ। ମହାପ୍ରଭୁ ନଅ ଦିନ ଧରି ମାଉସୀ ମା'ଙ୍କ ମନ୍ଦିରରେ ରହିବେ। ଏହି ପରିପେକ୍ଷୀରେ ପ୍ରଶାସନ ପକ୍ଷରୁ ନଅ ଦିନ ଧରି ମାଉସୀ ମା ମନ୍ଦିରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ସ୍ଥିର କରାଯାଇଛି। ସେହିପରି ପାଲଲହଡା ବ୍ଲକର ଝାରବେଡା ଠାରେ ମଧ୍ୟ ଆଜକୁ ୧୬ ବର୍ଷ ରୁ ଉର୍ଦ୍ଧ ହେବ ରଥଯାତ୍ରା ଧୁମଧାମରେ ପାଳିତ ହେଉଅଛି। ଏଠାରେ ମଧ୍ୟ ବିଭିନ୍ନ ଗ୍ରାମରୁ ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥ ଟାଣି ଆନନ୍ଦ ନେଇଥାନ୍ତି।

## ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ



କୋରୁକୋଣ୍ଡା,୧୬।୭(ନି.ପ୍ର): ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆଜି ମାଲକାନଗିରି ଜିଲ୍ଲା ବାଲିମେଳାରେ ଶ୍ରୀ ଶ୍ରୀ ଜଗନ୍ନାଥ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାଲିମେଳା ଜଗନ୍ନାଥ ମନ୍ଦିରରୁ ତିନି ଠାକୁର ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପହଣ୍ଡି ବିଜେ ଏବଂ ଛେରାପହଁରା ପରେ ରଥ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ବାଲିମେଳା ବଡ଼ ଦାଣ୍ଡ ଗୁଞ୍ଜରିତ ହୋଇ ଉଠିଥିଲା। ହଜାର ହଜାର ଭକ୍ତ ରଥର ରଶି ଟାଣିଥିଲେ। ବାଲିମେଳା ସମେତ ଆଖପାଖ ଗ୍ରାମରୁ ପ୍ରାୟ ୫ ହଜାରୁ ଉର୍ଦ୍ଧ ଭକ୍ତ ତିନି ଠାକୁରଙ୍କ ଦର୍ଶନ କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା, ଟ୍ରାଫିକ, ସଫେଇ ଓ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ରଥ ନିକଟରେ ମେଳା, ଭଜନ ଓ ଆନନ୍ଦ ବଜାରରେ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ସମଗ୍ର ବାଲିମେଳା ଆଜି ଭକ୍ତିମୟ ପରିବେଶରେ ମାତିଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଓରକେଲ ଥାନା ଅଧିକାରୀ ଶ୍ରୀ ଦେବ ଦତ୍ତ ମଲ୍ଲିକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା ଯାହା ଫଳରେ ଶାନ୍ତି ଶୃଙ୍ଖଳାର ସହ ରଥ ଟଣା ହୋଇଥିଲା।

## ବେଆଇନ ଗୋ–ଚାଲାଣ ଫଣ୍ଡ, ୧୫ ଗୋରୁ ଉଦ୍ଧାର

ବୌଦ୍ଧ,୧୬।୭(ନି.ପ୍ର): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଥାନାପଡ଼ା ରାସ୍ତାଦେଇ ବାହାର ରାଜ୍ୟକୁ ଗୋରୁ ଚାଲାଣ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ଖବରପାଇ ବାଉଁଶୁଣୀ ଓ ବୌଦ୍ଧର ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ମାଡ଼ି ବସିଥିଲେ। ଘଟଣା ସ୍ଥଳରୁ ୨ ଜଣକୁ କାବୁ କରିଥିବା ବେଳେ ଅନ୍ୟ କେତେଜଣ ଫେରାର୍ ମାରିଥିଲେ। କାବୁ କରିଥିବା ୨ ଜଣଙ୍କୁ ପଚରଉଚରା ପରେ ଠିକ୍ ଉତ୍ତର ଦେଇନପାଇବାରୁ ବାଉଁଶୁଣୀ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ୨ ଜଣଙ୍କୁ ଅଟକ ରଖିଥିଲା। ଅଟକ ଥିବା ୨ଜଣ ଗୋମାଫିଆ ହେଲେ ବାଉଁଶୁଣୀ ଥାନା ଅନ୍ତର୍ଗତ ବୁରୋମାଲ୍ ଗ୍ରାମର କର୍ମୁକର ଭୋଇନା (୩୭) ଓ ଅନ୍ୟଜଣେ ମନମୁଣ୍ଡା ଥାନା ଅନ୍ତର୍ଗତ ପଥର୍ଲା ଗ୍ରାମର ବିନୋଦ ମହାନନ୍ଦିଆ (୩୫) ବୋଲି ସୁଚନା ମିଳିଛି। ଏନେଇ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ବାଉଁଶୁଣୀ ପୋଲିସ୍ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ଏବଂ ସୁରକ୍ଷିତ ଉଦ୍ଧାର ହୋଇଥିବା ଗୋରୁ ମାନଙ୍କୁ ଗୋଶାଳାକୁ ନିଆଯାଇଛି।

# ଉଇଲ କିଶନ ନଗରରେ ପାଳିତ ହେଲା ରଥଯାତ୍ରା: ଛେରା ପହଁରା କଲେ ସନାତନ ବିଶ୍ୱାଳ



ଖୋର୍ଦ୍ଧା,୧୬।୭(ନି.ପ୍ର): ଖୋର୍ଦ୍ଧା ଗୁରୁଜଙ୍ଗ ନିକଟସ୍ଥ ଉଇଲ କିଶନ ନଗର ଗ୍ରାମରେ ପବିତ୍ର ରଥଯାତ୍ରା ମହୋତ୍ସବ ଭକ୍ତି, ଆଧ୍ୟାତ୍ମିକ ପରିବେଶ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ଦର୍ଶନ ପାଇଁ ସକାଳୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗ୍ରାମର ଶ୍ରୀଶ୍ରୀ ଚନ୍ଦ୍ର ଭଗବାନ ମଠ ଠାରେ ସମାଗମ ହୋଇଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ବେଦମନ୍ତ୍ର, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ଗ୍ରାମବାସୀଙ୍କ କହିବାନୁସାରେ, ଛୋଟ ଛୋଟ ପିଲାଙ୍କ ଉଦ୍ୟମରେ କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ଏକ ବିଶାଳ ସାମୂହିକ ଧାର୍ମିକ ମହୋତ୍ସବରେ ପରିଣତ ହୋଇଛି। ପ୍ରତିବର୍ଷ ଗ୍ରାମବାସୀଙ୍କ ସହଯୋଗ ଓ ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ଯୋଗୁଁ ଏହାର ପରିସର ଓ ଲୋକପ୍ରିୟତା ବୃଦ୍ଧି ପାଉଛି। ଆଜି ପୁରୋହିତ ବିଶ୍ୱନାଥ ନନ୍ଦ, ଆଲୋକ ନନ୍ଦ, ଗୋବିନ୍ଦ ନନ୍ଦ ଙ୍କ ଦ୍ୱାରା ମହାପ୍ରଭୁଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ଓ ପାରମ୍ପରିକ ବିଧିବିଧାନ ସମାପ୍ତ ପରେ ଗ୍ରାମର ସନାତନ ବିଶ୍ୱାଳ ଛେରା ପହଁରା କରିଥିଲେ। ପରେ ସାରଥୀ ସଞ୍ଜୟ ବିଶ୍ୱାଳ ଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଅପରାହ୍ନ ୬ (ଛଅ) ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶହ ଶହ ଭକ୍ତ ଜୟ ଜଗନ୍ନାଥ ଧ୍ୱନି ଦେଇ ପ୍ରାୟ ଗୋଟେ କିଲୋମିଟର ଦୂର ମା ଅଁଳାଇ ଦେବୀ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରଥ ଟାଣିଥିଲେ। ପୁରୁଷ, ମହିଳା, ଶିଶୁ ଓ ବୟସ୍କ ସମସ୍ତେ ଭକ୍ତିଭାବର ସହ ରଥଟଣାରେ ସାମିଲ ହୋଇଥିବାରୁ ସମଗ୍ର ଅଞ୍ଚଳ ଏକ ଆଧ୍ୟାତ୍ମିକ ପରିବେଶରେ ପରିଣତ ହୋଇଥିଲା। ରଥଯାତ୍ରା ଅବସରରେ ନଅ ଦିନ ବ୍ୟାପୀ ପ୍ରତିଦିନ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ସମେତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ଜୁଲାଇ ୨୪ ତାରିଖରେ ବାହୁଡ଼ା ଯାତ୍ରା ଧାର୍ମିକ ବିଧିବିଧାନ ମଧ୍ୟରେ ଅନୁଷ୍ଠିତ ହେବ। ରଥଯାତ୍ରାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ସହ ଯାତାୟାତ ନିୟନ୍ତ୍ରଣ ଉପରେ ମଧ୍ୟ ବିଶେଷ ନଜର ରଖାଯାଇଥିଲା। ଏହାଫଳରେ ସମଗ୍ର ରଥଯାତ୍ରା ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିବେଶରେ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ପ୍ରଦୀପ୍ତ ସାହାଣୀ, ଆମ୍ବୁଜ ବଳିୟାରସିଂ, ରିତେଶ ସାହୁ,ରାଜେଶ ବିଶ୍ୱାଳ, ମିଟୁଆ ବିଶ୍ୱାଳ, ଅମିତ ବେହେରା ଆଲୋକ ପ୍ରଧାନ, ରାଜେଶ ବାରିକ, ଦୀପକ ସୁନ୍ଦରାୟ, ଆକାଶ ବିଶ୍ୱାଳ,ସାଗର ସୁନ୍ଦରାୟ, ହିମାଂଶୁ ବରାଳ, ରିତେଶ ସ୍ୱାଇଁ,କାଳିଆ ପ୍ରଧାନ, ସୁଖ ସୌଭାଗ୍ୟ ସାହୁ, ଶ୍ରୀଧର ସାହୁ, ଅପର୍ଣ୍ଣ ବିଶ୍ୱାଳ ତ୍ରିଲୋଚନ ଜେନା, ପ୍ରଦୀପ ବେହେରା, ଓ ଗ୍ରାମର ଯୁବକ, ବିଦ୍ୟୁତ ବିଭାଗ, ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ମାନଙ୍କ ପ୍ରମୁଖ ନିଷ୍ଠାପୂର୍ଣ୍ଣ ସହଯୋଗରେ ସମସ୍ତ ଆୟୋଜନ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭକ୍ତି, ପାରମ୍ପରିକତା ଓ ସାମୂହିକ ସହଯୋଗର ଅନନ୍ୟ ନିଦର୍ଶନ ପାଲଟିଥିବା ଉଇଲ କିଶନ ନଗରର ଏହି ରଥଯାତ୍ରା ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଧାର୍ମିକ ସଦଭାବ ଓ ସାମାଜିକ ଏକତାର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି।

## ଯୁବକଙ୍କ ଅକାଳ ବିୟୋଗ ଅଞ୍ଚଳରେ ଶୋକର ଛାୟା



ଜି.ଉଦୟଗିରି,୧୬।୭(ନି.ପ୍ର): ସ୍ଥାନୀୟ କଚେରୀ ସାହି ର ଚନ୍ଦନ ସାହୁ (୩୨)ଙ୍କ ଗୁରୁବାର ଦିନ ଅକାଳ ବିୟୋଗ ଘଟିଥିବା ଜଣାପଡ଼ିଛି। ବିବାରଣୀରୁ ପ୍ରକାଶ ଯେ ସକାଳ ପ୍ରାୟ ଘ. ୮.୩୦ ମି ସମୟରେ ଚନ୍ଦନ ଗାଧୋଇବା ପାଇଁ ଯାଇଥିବା ସମୟରେ ହଠାଥ ଗୋଡ ଖସି ଯାଇ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କ ଭାଇ ଜି.ଉଦୟଗିରି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ ସୁଧା କୌଣସି ସୁଫଳ ମିଳିନଥିଲା ଶେଷ ରେ ଡାକ୍ତର ଅଶୋକ ପ୍ରଧାନ ମୃତ ଘୋଷଣା କରିଥିଲେ। ପରେ ହିନ୍ଦୁ ରୀତିନୀତି ଅନୁଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଗୋକନ ସାହୁ ମୁଖାଗ୍ନି ଦେଇଥିଲେ। ଯୁବକଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭଦ୍ରକ,୧୬।୭(ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଜି ଭଦ୍ରକସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ବ) ରବି ନାରାୟଣ ସାହୁ ଉପସ୍ଥିତ ରହି ଭଦ୍ରକ ଜିଲ୍ଲାରେ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ।



ସେମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ତ୍ୟାଗ, ସଂଘର୍ଷମୟ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ସମ୍ମାନନୀୟ ବକ୍ତା ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନାଦର୍ଶ, ଦେଶପ୍ରେମ ଓ ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ଶ୍ରୋତାମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର ବାରିକ ଯୋଗଦେଇ ବିପ୍ଳବୀଙ୍କ ପିଲାବେଳ, ଦେଶପ୍ରେମ ଏବଂ ସ୍ୱାଧୀନତା ପ୍ରତି ତାଙ୍କର ଦୃଢ଼ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସ୍ତରୀୟ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଭଦ୍ରକରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଚରମ୍ପା ଉଚ୍ଚ ବିଦ୍ୟାଳୟର ଭାଗ୍ୟବତୀ ଖୁଣ୍ଟିଆ, ଜିଲ୍ଲା ସ୍କୁଲ, ଭଦ୍ରକର,ଶୀତଲ ମଲ୍ଲିକ ଏବଂ ଆର.ସି.ବି.ଏଲ. ଉଚ୍ଚ ବିଦ୍ୟାଳୟର ମନୀଷା ରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଜୟନ୍ତୀ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାନ୍ଧୀ ବାଳାଶ୍ରମର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ଖାକିରେ କଳଙ୍କ: ପୂର୍ବତନ ଥାନା ଅଧିକାରୀଙ୍କୁ ନୋଟିସ

ହରଭଙ୍ଗା,୧୬।୭(ନି ପ୍ର): ବୌଦ୍ଧ ଜିଲ୍ଲା ପୋଲିସ ବିଭାଗରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି।ଗଞ୍ଜେଇ ବେପାରୀ ଓ ନିଶା ମାଫିଆଙ୍କୁ ଗିରଫଦାରୀରୁ ବର୍ତ୍ତିବା ପାଇଁ ସହଯୋଗ କରୁଥିବା ଅଭିଯୋଗରେ ମନମୁଣ୍ଡା ଥାନାର ପୂର୍ବତନ ଥାନା ଅଧିକାରୀ ସୁସ୍ମିତା ମଗରଙ୍କୁ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ (ଗ୍ଲ) କୁଲଦୀପ ମିନ୍ନା କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସୁବର୍ଣ୍ଣପୁର ଏସପିଙ୍କ ଠାରୁ ମିଳିଥିବା ହ୍ୱାଟ୍ସଆପ୍ ଚାଟର ପ୍ରମାଣ ଆଧାରରେ ବୌଦ୍ଧ ଏସପି ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୂଚନା ମୁତାବକ, ଗତ ଜାନୁଆରୀ ୧୮, ୨୦୨୬ ରିଖରେ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନାରେ ଏକ ବଡ଼ ଧରଣର ଗଞ୍ଜେଇ ଚୋରା ଚାଲାଣ ମାମଲା ରୁଜୁ ହୋଇଥିଲା।ଏହି ଚଢ଼ଉ ରେ ଧରା ପଡ଼ିଥିବା ଆସାମୀଙ୍କ ମୋବାଇଲର ରେକର୍ଡ ଓ ମେସେଜ କୁ ନେଇ ଅନୁସନ୍ଧାନ କରିଥିଲା ପୋଲିସ । ତେବେ ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଏହି ଗଞ୍ଜେଇ ମନମୁଣ୍ଡା ଥାନା ଅଞ୍ଚଳରୁ ଲୋଡ୍ କରାଯାଇଥିଲା ଏବଂ ଏହାର ମୁଖ୍ୟ ଆସାମୀ ପରେଶ ସାହୁ ଥିଲେ । ତେବେ ଜଣେ ଥାନା ଆଇଆଇସିଙ୍କ ଏହି ଆଗୁଆ ସୂଚନା ଯୋଗୁଁ ହିଁ ସୁବର୍ଣ୍ଣପୁର ପୋଲିସର ଚଢ଼ଉ ବାରମ୍ବାର ବିଫଳ ହେଉଥିଲା ଏବଂ ଅଭିଯୁକ୍ତମାନେ ଖସି ପଳାଇବାରେ ସଫଳ ହେଉଥିଲେ। ମନମୁଣ୍ଡା ଥାନାର ପୂର୍ବତନ ଅଧିକାରୀଙ୍କ ଏଭଳି ସଂଗୀନ କାର୍ଯ୍ୟକଳାପ ମନମୁଣ୍ଡା ପୋଲିସ ବିଭାଗର ଅସଲ ଚେହେରାକୁ ପଦାରେ ପକାଇଛି ।

## ବିଜେଇଏମ୍ ସ୍କୁଲ-୨ର ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୭.(ନି.ପ୍ର): ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ଓ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ନିମନ୍ତେ ଭଞ୍ଜକଳା ମଣ୍ଡପଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା।ଏହି ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ସମ୍ମାନସ୍ୱଦ ପ୍ରଫେସର ଡଃ ଗୌରାଙ୍ଗ ଚରଣ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନିଜ ପ୍ରେରଣାଦାୟକ ବକ୍ତବ୍ୟରେ ସେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଲକ୍ଷ୍ୟ ସ୍ଥିର କରି ନିଷ୍ଠା, ପରିଶ୍ରମ ଓ ଆତ୍ମବିଶ୍ୱାସର ସହିତ





ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡଃ ନିରଞ୍ଜନ ସାହୁ, ବି.ଜେ. ଶିକ୍ଷା ପରିଷଦର ସଚିବ ପ୍ରତାପ କୁମାର ଜେନା, ପରିଚାଳକ ଶିଶିର ରାଓ, ଅଧ୍ୟକ୍ଷ ଶ୍ରୀ ବରଦା ପ୍ରସାଦ ପାଇକରାୟ, ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ, ବିଦ୍ୟାଳୟର ପର୍ଯ୍ୟବେକ୍ଷକବର୍ଗ ଓ ପରିଚାଳନା କମିଟିର ବରେଣ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେମାନେ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।ଏହି ଅବସରରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୦ ଓ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ମୋଟ ୮୩ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସ୍ମାରକ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅତିଥିବୃନ୍ଦଙ୍କ ପ୍ରେରଣାଦାୟକ ବାର୍ତ୍ତା ଓ ଅଭିଭାବକମାନଙ୍କର ଉପସ୍ଥିତି ସମ୍ବର୍ଦ୍ଧନା ଉତ୍ସବକୁ ଅତ୍ୟନ୍ତ ସଫଳ ଓ ସ୍ମରଣୀୟ କରିଥିଲା।

## ଖୋର୍ଦ୍ଧାରେ ପାଇକ ସୈନିକ ଭବନ ଉଦ୍‌ଘାଟିତ

ଖୋର୍ଦ୍ଧା,୧୬।୭(ନିପ୍ର ): ପାଇକ ବିଦ୍ରୋହର ପବିତ୍ର ମାଟି ଖୋର୍ଦ୍ଧା ରେ ଗୁରୁବାର ପାଇକ ସୈନିକ ସମୁଦାୟ ଭବନର ଉଦ୍ଘାଟନ ଉତ୍ସବ ଭକ୍ତି, ଗରିମା ଓ ଦେଶପ୍ରେମର ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମର ଆରମ୍ଭରେ ବୈଦିକ ରୀତିନୀତି ଅନୁଯାୟୀ ହବନ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ, ପୂର୍ବତନ ବିଧାୟକ, ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫଳକ ଉନ୍ମୋଚନ କରି ପାଇକ ସୈନିକ ଭବନ*ର ଶୁଭ ଉଦ୍ଘାଟନ କରିଥିଲେ।ଏହି ଅବସରରେ ବକ୍ତାମାନେ କହିଥିଲେ ଯେ ଖୋର୍ଦ୍ଧା ହେଉଛି ୧୮୧୭ ମସିହାର ପାଇକ ବିଦ୍ରୋହର ପବିତ୍ର ଭୂମି।ବୀର ପାଇକମାନଙ୍କ ଦେଶପ୍ରେମ, ତ୍ୟାଗ ଓ ବଳିଦାନର ପରମ୍ପରାକୁ ଆଜିର ଭାରତୀୟ



ସୈନିକମାନେ ଆଗେଇ ନେଉଛନ୍ତି। ତେଣୁ ଏହି ସମୁଦାୟ ଭବନ ପାଇକ ଐତିହ୍ୟ ଓ ଆଧୁନିକ ସୈନିକ ଜୀବନ ମଧ୍ୟରେ ଏକ ଗୌରବମୟ ସେତୁ ଭାବେ କାର୍ଯ୍ୟ କରିବ । ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏସନ୍ , ଖୋର୍ଦ୍ଧା ଜିଲ୍ଲାର ସଭାପତି ଭେଟେରାନ୍ସ ମଧୁସୂଦନ ଦାସ କହିଥିଲେ ସୀମାର ଯୁଦ୍ଧ ଠାରୁ ସାଧାରଣ ଜୀବନର ଯୁଦ୍ଧ ଅଧିକ କଷ୍ଟକର। ଅବସର ପରେ ଅନେକ ପୂର୍ବତନ ସୈନିକ ସାମାଜିକ, ଆର୍ଥିକ, ସ୍ୱାସ୍ଥ୍ୟଗତ ଓ ଆଇନଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି।'ପାଇକ ସୈନିକ ଭବନ' ସେମାନଙ୍କ ପାଇଁ ଏକ ମିଳନ କେନ୍ଦ୍ର, ପରାମର୍ଶ କେନ୍ଦ୍ର, ସହଯୋଗର ମଞ୍ଚ ଏବଂ ସାମରିକ ଜୀବନରୁ ସାଧାରଣ ଜୀବନକୁ ସୁଗମ ରୂପାନ୍ତରର ଏକ ସେତୁ ଭାବେ କାର୍ଯ୍ୟ କରିବ।ବରିଷ୍ଠ ପୂର୍ବତନ ସୈନିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା, ମେଡିକାଲ୍ କ୍ୟାମ୍ପ, ଉଇଓଗ ସହାୟତା, ଆଇନଗତ ପରାମର୍ଶ, ସରକାରୀ କଲ୍ୟାଣ ଯୋଜନା ସମ୍ପର୍କିତ ମାର୍ଗଦର୍ଶନ ଏବଂ ସାମାଜିକ ସମନ୍ୱୟ କାର୍ଯ୍ୟକ୍ରମ ଏହି କେନ୍ଦ୍ର ମାଧ୍ୟମରେ କରାଯିବାକୁ ପ୍ରୟାସ କରାଯିବ।ଏହି ଉତ୍ସବରେ ବହୁ ସଂଖ୍ୟକ ପୂର୍ବତନ ସୈନିକ, ବୀର ନାରୀ, ସୈନିକ ପରିବାର, ସାମାଜିକ କର୍ମୀ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିବର୍ଗ ଯୋଗଦେଇଥିଲେ। ଉପସ୍ଥିତ ସମସ୍ତେ ଏହି ସମୁଦାୟ ଭବନକୁ ପୂର୍ବତନ ସୈନିକମାନଙ୍କ କଲ୍ୟାଣ ଓ ସାମାଜିକ ସଶକ୍ତିକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ ।

## ମଦ ଜବତ, ୫ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୧୫।୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ନିକିରାଇ, ତନ୍ତିଆପାଳ ମେରାଇନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବଳଗଣ୍ଡି ଗ୍ରାମର କଳ୍ପନା ସାହୁଙ୍କ ଠାରୁ ୧୦ ଲିଟର ଦେଶୀ ରନ୍ଧା ମଦ, ପଳସିଂଘା ଗ୍ରାମର ସଞ୍ଜୟ ବାରିକଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ଜଗତ ଜୋରା ଗ୍ରାମର ସୁଶାନ୍ତ ଅବାକଙ୍କ ନିକଟରୁ ୩୬ ଲିଟର ବିଦେଶୀ ମଦ ଓ ଜ୍ୟୋତ୍ସ୍ନା ପଲଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଶ୍ୟାମସୁନ୍ଦର ପୁର ଗ୍ରାମର କୃଷ୍ଣ ଚନ୍ଦ୍ର ନାୟକଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପାଲଲହଡା,୧୬।୭(ନି.ପ୍ର): ପବିତ୍ର ରଥଯାତ୍ରାରେ ଗୁରୁବାର ପାଲଲହଡା ଓଭର ବ୍ରିଜ ନିକଟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଲଲହଡା ବିଜେପି ପକ୍ଷରୁ କରାଯାଇ ସ୍ମୃତି ଚାରଣା କରାଯାଇଥିଲା। ସ୍ୱର୍ଗତ ପ୍ରଧାନ ଥିଲେ ବିଜେପିର ଜଣେ ଆଗଧାଡିର ଜଣାଶୁଣା ବରିଷ୍ଠ ନେତା। ଓଡ଼ିଶାର ପ୍ରଥମ ବିଜେପି ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ। ଏହି ଅବସରରେ ବିଜେପି ମଣ୍ଡଳ ସଭାପତି ଆଶିଷ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ



ମୁଖ୍ୟଅତିଥି ଭାବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି , ସଂମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ଼ ଅଧକ୍ଷ ଅଶୋକ ମହାନ୍ତିଙ୍କ ସମେତ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ,ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇ ପୂର୍ବତନ କେନ୍ଦ୍ରମନ୍ତୀ ଡ଼ ପ୍ରଧାନଙ୍କ ସ୍ମୃତି ଚାରଣ କରିବା ସହ ପାଲଲହଡା ପାଇଁ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ,ପ୍ରାକ୍ତନ ସଭାପତି ପଞ୍ଚାନନ ସାହୁ,ଯୁବମୋର୍ଚ୍ଚା ଏଂ ବହୁ ବରିଷ୍ଠ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହିବା ସହ ସମସ୍ତ ପଞ୍ଚାୟତ ଏଂ ଗ୍ରାମରୁ ବହୁସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ରହିଥିଲେ ।

## ୧୭ ତମ ସିଏସସି ଦିବସ ପାଳିତ

ବିନିକା.୧୬।୭ (ନି ପ୍ର): ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ୧୭ ତମ କମନ ସର୍ଭିସ ସେଣ୍ଟର (ସିଏମସି)ଦିବସ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଛି । ସେହିପରି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଅସୁରଗଡ଼ ଗ୍ରାମରେ ଥିବା ସିଏସସିରେ ମଧ୍ୟ ପାଳିତ ହୋଇଛି ।ଏହି ଅବସରରେ ବିଭିନ୍ନ ସରକାରୀ ଡିଜିଟାଲ ସେବା ,ଜନସଚେତନତା କାର୍ଯ୍ୟକ୍ରମ ଏବଂ ନାଗରିକ ସେବା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା ।କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବିଶିଷ୍ଟ ଅତିଥି, ସିଏସସି ଭିଏଲଇ ଏବଂ ବହୁ ସଂଖ୍ୟକ ସାଧାରଣ ଲୋକ ଯୋଗଦେଇଥିଲେ। ଅତିଥିମାନେ ସିଏସସି ମାଧ୍ୟମରେ ଗ୍ରାମାଞ୍ଚଳରେ ପହଞ୍ଚୁଥିବା ବିଭିନ୍ନ ଡିଜିଟାଲ ସେବା, ଆଧାର, ପାନ୍ କାର୍ଡ, ବୀମା, ବ୍ୟାଙ୍କିଂ, ପେନସନ, ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ସେବାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବାରେ ସିଏସସି ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ଗ୍ରାମାଞ୍ଚଳର ପ୍ରତ୍ୟେକ ନାଗରିକଙ୍କ ପାଖରେ ସରକାରୀ ସେବା ପହଞ୍ଚାଇବାରେ ଭିଏଲଇର ଅବଦାନକୁ ପ୍ରଶଂସା କରିଥିଲେ। ସିଏସସି ଦିବସ ପାଳନ ଅବସରରେ ଡିଜିଟାଲ ସେବାକୁ ଅଧିକ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କୁ ସହଜ, ସୁଲଭ ଓ ସ୍ୱଚ୍ଛ ସେବା ଯୋଗାଇଦେଇ ପାରିବା ।

## ଜନ୍ମ ଦିନରେ ମନ୍ଦିର ପରିସରରେ ଗଛ ଲଗାଇ ସୃଷ୍ଟି କଲେ ଉଦାହରଣ

ଜି.ଉଦୟଗିରି, ,୧୬।୭ (ନି.ପ୍ର): ସମାଜରେ ଜନ୍ମ ଦିନକୁ ଲୋକେ ବିଭିନ୍ନ ଢଙ୍ଗରେ ପାଳନ କରୁଥିବା ବେଳେ ନିଆରା ଢଙ୍ଗରେ ମନ୍ଦିର ପରିସର ମଧ୍ୟରେ ଗଛ ଲଗାଇ ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି ଆଦିତ୍ୟ ପଟ୍ଟନାୟକ । ଆଦିତ୍ୟଙ୍କ ପିତା ଅବସରପ୍ରାପ୍ତ ରାଜସ୍ୱ ପର୍ଯ୍ୟବେକ୍ଷକ ତ୍ରିଲୋଚନ ପଟ୍ଟନାୟକଙ୍କ ୯୭ ତମ ଜନ୍ମ ଦିନରେଏହି ଭଳି ନିଆରା ଢଙ୍ଗ ରେ ପାଳନ କରିଛନ୍ତି । ପଦାସାହିରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ଚାଲିଥିବା ବେଳେ ପରିଚାଳନା କମିଟିଙ୍କ ଉପସ୍ଥିତିରେ ପରିସରରେ ବହୁ ଗଛ ଲଗାଇଥିଲେ ।ଏହି ଭଳି ମହତ କାମ ପାଇଁ ପରିଚାଳନା କମିଟି ତରଫରୁ ତାଙ୍କୁ ଜନ୍ମ ଦିବସରେ ଶୁଭେଚ୍ଛା ଜଣାଇବା ସହ ଦୀର୍ଘାୟୁ କାମନା କରିଛନ୍ତି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ଅନିଲ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଭାପତି ସନ୍ତୋଷ କୁମାର ବାଘ, ଉପ-ସଭାପତି ଦୁର୍ଗା ମାଧବ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତୀ , କୋଷାଧ୍ୟକ୍ଷ ହେମନ୍ତ ପ୍ରଧାନ,ଉପଦେଷ୍ଟା ସୁଦାମ ପାତ୍ର, ସଞ୍ଜୀବ ପ୍ରଧାନ,ପ୍ରଭାତ ମହାପାତ୍ର,ଭାଗବତ ଆର୍ଜେଲି,ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲଳିତ ଦଳବେହେରା, ଦୀପକ ଦଳବେହେରା, ପ୍ରଦୀପ ନାୟକ,କବିରାଜ ମହାନ୍ତିଙ୍କ ସହିତ ଗ୍ରାମବାସୀ ଦୀର୍ଘାୟୁ କାମନା କରିଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ବୃକ୍ଷାୟନ' ଅଭିଯାନ



ଭୁବନେଶ୍ୱର,୧୬।୭(ନି.ପ୍ର): ପବିତ୍ର ରଥଯାତ୍ରା ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଶ ସୁରକ୍ଷା ଓ ସ୍ଥାୟୀ କ୍ୟାମ୍ପସ ଗଠନର ବାର୍ତ୍ତା ଦେଇ 'ବୃକ୍ଷାୟନ- ଏକ୍ ପେଡ୍ ମାଁ କେ ନାମ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏହି ଅବସରରେ ଧରିତ୍ରୀ ମାତା ଓ ମାତୃତ୍ୱକୁ ସମ୍ମାନ ଜଣାଇ ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାପକ ଚାରାରୋପଣ କରାଯାଇଥିଲା । କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ଓ କୁଳସଚିବ ଡଃ ସ୍ୱାତୀ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଭିଯାନରେ ବିଶିଷ୍ଟ ଅତିଥି, ପରିବେଶବିତ୍, ଅଧ୍ୟାପକ, ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ, 'ବୃକ୍ଷାୟନ' ଅଭିଯାନର ଲକ୍ଷ୍ୟ ହେଉଛି ବାଣୀବିହାର କ୍ୟାମ୍ପସକୁ ଅଧିକ ସବୁଜ, ସ୍ୱାସ୍ଥ୍ୟକର ଓ ସ୍ଥାୟୀ ପରିବେଶରେ ପରିଣତ କରିବା। ପରିବେଶ ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଧରିତ୍ରୀର ସୁରକ୍ଷା ପାଇଁ ବୃକ୍ଷରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିବା ସହ ରୋପଣ କରାଯାଇଥିବା ଚାରାର ଯତ୍ନ ନେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ କହିଥିଲେ ଯେ, ପରିବେଶ ସଚେତନତା ସୃଷ୍ଟି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାୟୀ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରଖିବ । 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରଥଯାତ୍ରାର ଆଧ୍ୟାତ୍ମିକ ଭାବନା ସହ ଧରିତ୍ରୀ ମାତା ଓ ମାତୃତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବା ସହ ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃ ଦୋହରାଯାଇଛି ।

# ଗାଁ ଠୁ ସହର, ସବୁଠି ଭକ୍ତି ଓ ଭାବର ସହ ରଥଯାତ୍ରା

ଧାମନଗର,୧୬।୭ (ନି.ପ୍ର): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳେ ପ୍ରତିକୂଳ ପାଗ ସତ୍ତ୍ୱେ ଗ୍ରାମ ଓ ସହରାଞ୍ଚଳରେ ରଥ ପଥ କାର୍ଯ୍ୟ ପ୍ରସ୍ତୁତି ପରେ ଅପରାହ୍ନରେ ରଥଟଣା ବେଳେ ଶଙ୍ଖ, ଘଣ୍ଟା ଓ ବାଦ୍ୟର ତାଳେତାଳେ ଜୟ ଜଗନ୍ନାଥ ଧ୍ୱନି ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ଗାଁ ଠୁ ସହର । ଏହି ଆଧ୍ୟାତ୍ମିକ ପରିବେଶରେ ଭାବ ବିହ୍ୱଳ ହୋଇଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ଏହି ରଥ ଯାତ୍ରା ଅବସରରେ ମିଳନ ହୋଇଥିଲା ଭକ୍ତ ଓ ଭଗବାନଙ୍କର । ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ଠାକୁରପାଟଣା ଠାରେ ସମସ୍ତ ନିତିକାନ୍ତି ପରେ ତିନି ରଥରେ ବିଜେ ହୋଇଥିଲେ ଠାକୁର । ଅପରାହ୍ନରେ ତୁହାକୁତୁହା ବର୍ଷା ହେଉଥିଲେ ମଧ୍ୟ ଏଠାରେ ରଥଟଣା ହୋଇଥିଲାଛ ସେହିପରି ଏନଏସି ଅନ୍ତର୍ଗତ ଶ୍ୟାମପୁର, ତାଳପଦା ଠାରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅନ୍ତର୍ଗତ କୋଠାର, ଅସୁରାଳି, ସରପୁର, ଶହୀଦ ନଗର, ଫତେପୁର, ନଦୀଗାଁ, ଜାହାଙ୍ଗୀର, କମାରବନ୍ଧ, ପଳିକିରୀ, ଭଗବାନପୁର, ଅନହରପୁର, ଇଛଦା, ଭଟ୍ଟସାହି ଦଧିବାମନ ବାଡ଼ି, ବାମଦେବପୁର, ଧୂଷୁରୀ ନରସିଂହପୁର, ଜଗନ୍ନାଥ ସାହି, ଶାଆଁଳପୁର, ଗୋବିନ୍ଦପୁର, ଦିହୁଡ଼ି ଆନନ୍ଦପୁର, ଐତିହାସିକ ପୀଠ ଗୋହିରାଟିକିରୀ ଇତ୍ୟାଦି ସ୍ଥାନରେ ଜଗତନାଥ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥ ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏସବୁ ସ୍ଥାନରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ରଥ ଟାଣିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି କୃତାର୍ଥ ହୋଇଥିଲେ । ଗ୍ରାମ ଓ ସହରାଞ୍ଚଳରେ ଭାବମୟ ପରିବେଶରେ ପିଲା ମାନଙ୍କ ଦ୍ୱାରା ଟଣାଯାଉଥିବା କୁନି



ରଥ ଦର୍ଶନ ବେଶ ମନୋମୁଗ୍ଧକର ଥିଲା । ଆଇନ ଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଆଇଆଇସି ଶୁଭ୍ରଜିତ ଦାସ, ଧୂଷୁରୀ ଥାନା ଓଆଇସି ଅଜୟ କୁମାର ବାଗେଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିଲେ ।

**ବୋଲଗଡ :** ବୋଲଗଡ ସଦର ଠାରେ ପ୍ରଭୁ ତୃତୀୟଦେବଙ୍କ ରଥ ଯାତ୍ରା ହୋଇଯାଇଛ। ପ୍ରାତଃ ୫ଟା ଠାରୁ ଶ୍ରୀଜୀଉ ମାନଙ୍କ ର ସମସ୍ତ ନୀତିକାନ୍ତି ଆରମ୍ଭ କରାଯାଇ ମଧ୍ୟାହ୍ନ ୧୧ଟା ବେଳେ ପହଣ୍ଡି ହୋଇଥିଲା।ବରିଷ୍ଠ ସେବାୟତ ସୂର୍ଯ୍ୟମଣୀ ପରମଗୁରୁ, ନିହାର ରଞ୍ଜନ ପରମଗୁରୁ ଶରତ ମହାପାତ୍ର, ବୈକୁଣ୍ଠ ମହାପାତ୍ର ରାଧାଶ୍ୟାମ ରାୟଗୁରୁ ମହାପାତ୍ର ସରୋଜ ମହାପାତ୍ର ବିଦ୍ୟାଧର ଦାସ ଅଧିକାରୀ ଏକାନ୍ତ ମହାପାତ୍ର ଈଶ୍ୱର ଚନ୍ଦ୍ର ମହାପାତ୍ର ମହେଶ୍ୱର ମହାପାତ୍ର ପ୍ରମୁଖ ପହଣ୍ଡି କରାଇ ରଥାରୁଢ଼ କରିଥିଲେ। ପରେ ରଥ ଟଣା ଯାଇଥିଲା. ରାସ୍ତାରେ ଥାନା ଛକଠାରେ ଶ୍ରୀଜୀଉ ମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା ସନ୍ଧ୍ୟାରେ ରଥ ନନ୍ଦିଘୋଷ ଭବନ ଠାରେ ପହଞ୍ଚିଥିଲା। ରଣପୁର ସାନମଠ ମହନ୍ତ ପର୍ଶୁରାମ ମଣ୍ଡଳ ଅଧିକାରୀ ଛେରାପହରା କରିଥିଲେ. ନନ୍ଦିଘୋଷ ଭବନରେ ଦୀର୍ଘ ୯ଦିନ ଅବସ୍ଥାନ କରିବେ. ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହେଉଥିବା ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପାଲଟାସିଂହ ପ୍ରକାଶ କରିଛନ୍ତି। ଅନ୍ୟ କାର୍ଯ୍ୟକର୍ତ୍ତା ଲଲାଟ କେଶରୀ ସିଂ ବୀର ଦାସ ରଘୁନାଥ ଦଳବେହେରା ହରିହର ସାହୁ ପ୍ରମୁଖ ସହଯୋଗ କରିଥିଲେ। ବୋଲଗଡ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଥାନା ନିରୀକ୍ଷକ ସୁକାନ୍ତ ଦଳେଇ ପ୍ରକାଶ କରିଛନ୍ତି. ବିପରୀତ ପାଣିପାଗ ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା।

**ସୁବର୍ଣ୍ଣପୁର:** ଜିଲ୍ଲାର କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଆଜି ଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଚତୁର୍ଦ୍ଧା ମୂର୍ତ୍ତି କୁ ଶ୍ରୀମନ୍ଦିର ରୁ ଧାଡି ପହଣ୍ଡି ରେ ତ୍ରିକୂଟ ପାହାଡ଼ରୁ ତଳକୁ ଅଣାଯାଇଥିଲା । ଛେରା ପହଁରା ରେ ରେଢମ ଗୌନ୍ତିଆ ନରସିଂହ ପଧାନ, ମିତ୍ର ଭାନୁ ମହାକୁର, ସତ୍ୟ ନାରାୟଣ ତ୍ରିପାଠୀ ସହଯୋଗ କରିଥିଲେ । ରଥା ରୁଢ ହେଲାପରେ ଗ୍ରାମର ଗଡ଼ତ୍ୟା ଚମରା ଅମାତ ଏକ ଶୋଭାଯାତ୍ରାରେ ଆସି ତିନି ରଥରେ ଛେରା ପହଁରା କରିଥିଲେ । ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣି ଥିଲେ । ରଥ ତ୍ରୟୋଙ୍କୁ ପାତାଳି ରଥଯାତ୍ରା ଛକ ପର୍ଯ୍ୟନ୍ତ ଟାଣି ନିଆ ଯାଇଥିଲା । ଆସନ୍ତା କାଲି ରଥ ଟଣାହୋଇ ଆଡପ ପହଣ୍ଡି ଅପରାହ୍ନ ୨ ସମୟରେ ଅନୁଷ୍ଠିତ ହେବ । ଆଜିର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ, ବୀରମହାରାଜପୁର ଡେପୁଟି କଲେକ୍ଟର ଅଜିତ କୁମାର ମିର୍ଦ୍ଧା, ବୀରମହାରାଜପୁର ପୋଲିସ ଏସଡିପି ଓ ହେମନ୍ତ ରାଓ, ବୀରମହାରାଜପୁର ଥାନା ଆଇ ଆଇସି ଯଯାତି କେଶରୀ ସାହୁ, ସମେତ, ଆରଏସ ଏସ ତରଫରୁ ପାତାଳି ସେନା, ଏନ ସିସି ସୋନପୁର, ସ୍ୱାସ୍ଥ୍ୟ, ଅଗ୍ନିଶମ ସେବାରଥ ଟଣା ରେ ସହଯୋଗ କରି ଥିଲେ । ରଥଯାତ୍ରାର ପ୍ରତ୍ୟକ୍ଷ ଧାରା ବିବରଣୀ ରାଜମଣୀ ସାହୁ ହରିଶ୍ଚନ୍ଦ୍ର ହୋତା, ପାରେଶ୍ୱର ବଘାର ସହଯୋଗ କରି ଥିଲେ ଭଜନ କାର୍ଯ୍ୟକ୍ରମରେ ପାତାଳି ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଗାୟକରେ ସୁଦର୍ଶନ ବିଶ୍ୱାଳ, କାର୍ତ୍ତିକ ଭୁକ୍ତା, ରତ୍ନା ତ୍ରିପାଠୀ, ମହେଶ ଶତପଥି,ଇପ୍ସିତା ପ୍ରିୟ ଦର୍ଶିନୀ ପାଢ଼ୀ, ଗୀତ ଗାଇଥିବା ବେଳେ ବାଦ୍ୟଯନ୍ତ୍ରରେ ରାଜେଶ ଶତପଥି,ଢୋଲରେ ପୃଥ୍ୱୀରାଜ ଜଗଦଳା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

**ଫୁଲନଖରା:** କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା-ନିଆଳି ମୁଖ୍ୟ ରାସ୍ତାର କୁରାଙ୍ଗ ଶାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାଆଡ଼ମ୍ବର, ଭକ୍ତିମୟ ପରିବେଶ ଓ ପାରମ୍ପରିକ ରୀତିନୀତି ମଧ୍ୟରେ ପାଳିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ସମାଗମରେ କୁରାଙ୍ଗ ଶାସନ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଥିଲା। ପୂର୍ବାହ୍ନରୁ ମନ୍ଦିର ପରିସରରେ ବିଭିନ୍ନ ଧାର୍ମିକ ନୀତିକାନ୍ତି ସମ୍ପନ୍ନ ହୋଇଥିବା ବେଳେ ଅପରାହ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପାରମ୍ପରିକ ପହଣ୍ଡି ବିଜେ ମାଧ୍ୟମରେ ଭବ୍ୟ ଶୋଭାଯାତ୍ରାରେ ମନ୍ଦିରରୁ ରଥକୁ ଅଣାଯାଇଥିଲା।ଘଣ୍ଟ, ଘଣ୍ଟା, ମୃଦଙ୍ଗ, ଝାଞ୍ଜ, ହରିବୋଲ ଧ୍ୱନି ଓ ଜୟ ଜଗନ୍ନାଥର ନାମସଂକୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ପହଣ୍ଡି ପରେ ବିଧିବଦ୍ଧ ଭାବେ ସମସ୍ତ ପାରମ୍ପରିକ ରୀତିନୀତି ଓ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ମହାପ୍ରଭୁଙ୍କ ରଥର ଦଉଡ଼ି ଟାଣିବାକୁ ସୌଭାଗ୍ୟ ମନେକରି ଭକ୍ତିଭାବରେ ରଥ ଟାଣିଥିବା ବେଳେ ସନ୍ଧ୍ୟା ସମୟରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ପବିତ୍ର ଅବସରରେ ପୂର୍ବତନ ନିଆଳି ବିଧାୟକ ଡଃ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ, ନିଆଳି ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ ଓ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେଛ ରଥଯାତ୍ରାକୁ ସୁପରିଚାଳିତ କରିବାରେ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।ଗିରିଧାରୀ ସାହୁ, କାର୍ତ୍ତିକ ସାହୁ, ବିଜୟ କୁମାର ସାହୁ, ବିଜୟ କୁମାର ମିଶ୍ର, ଅଜୟ କୁମାର ପତି, ସତ୍ୟ ମହାନ୍ତିଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ରଥଯାତ୍ରାର ସମସ୍ତ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିଥିଲେ।ପାନୀୟ ଜଳ, ଭକ୍ତମାନଙ୍କ ଚଳାଚଳ, ରଥ ଟାଣିବାର ବ୍ୟବସ୍ଥା ସହ ବିଭିନ୍ନ ସେବା କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା। ଜୋନ-୪ ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ଅତିରିକ୍ତ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାଣିଙ୍କ ପରିଚାଳନାରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉରାଳି, ପ୍ରତାପନଗରୀ, ପାଇକ ସାହି, ନୂଆଗଡ଼, ଅରିଲୋ, ସବଳପୁର, କଞ୍ଚଳପୁର, ଖଣ୍ଡାଗର ସମେତ ଆଖପାଖର ବିଭିନ୍ନ ଗ୍ରାମରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭକ୍ତି, ଆଧ୍ୟାତ୍ମିକତା ଓ ପାରମ୍ପରିକ ଉତ୍ସାହର ସହିତ ମହାସମାରୋହରେ ପାଳିତ ହୋଇଥିଲା।

# ଜଳବନ୍ଦୀ ସ୍ଥିତି, ଭୋକ ଉପାସରେ ନୂଆଗାଁ ଦଳିତ ସାହି ବାସିନ୍ଦା



ରାମଚନ୍ଦ୍ରପୁର,୧୬।୭(ନି.ପ୍ର): ଲଘୁଚାପ ଜନିତ ପ୍ରଭାବରୁ ଦୁଇଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଂଚାୟତ ନୂଆଗାଁରେ ଶତାଧିକ ପରିବାର ଜଳବନ୍ଦୀ ଘେରରେ ରହିଛନ୍ତି। ଗାଁ ହରିଜନ ସାହିର ଅନେକଙ୍କ ଘରେ ବର୍ଷା ପାଣି ପଶି ଯାଇଥିବାରୁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ଘରୁ ବାହାରକୁ ବାହାରିବା ଭଳି ଅବସ୍ଥାରେ ନାହାଁନ୍ତି। ରହିବେ କେମିତି ଖାଇବେ କ'ଣ ତା'କୁ ନେଇ ଚିନ୍ତାରେ ଅଛନ୍ତି ଅନେକ ଗରିବ ପରିବାର। ଅନ୍ୟପଟେ ପ୍ରଶାସନ ଏଯାବତ ସେମାନଙ୍କ ନିକଟରେ ପହଁଚି ନଥିବା ବେଳେ ଲୋକ ଭୋକ ଉପାବାସରେ ଅଛନ୍ତି। ସ୍ଥାନିୟ ରାମଚନ୍ଦ୍ରପୁର ସରପଂଚ ପ୍ରଦୀପ କୁମାର ସାହୁ ପହଁଚି ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରିବା ସହ ଜଳ ନିଷ୍କାସନ ପାଇଁ ପ୍ରଶାସନିକ ହସ୍ତକ୍ଷେପ ଲୋଡିଛନ୍ତି।

## ଜାତୀୟ ରାଜପଥରୁ ହୋଇ ପାରୁନି ବର୍ଷା ଜଳ ନିଷ୍କାସନ, ବନ୍ୟା ସ୍ଥିତି

# ପାଣିରେ ଫସିଥିବା ଯାନବାହନ ଉଦ୍ଧାର କଲେ ଅଗ୍ନିଶ୍ରମ ବାହିନୀ ଓ ପୋଲିସ



ଓଡ଼ାପଡ଼ା,୧୬।୭(ନି.ପ୍ର): ଗତ ରାତିରେ ଅନବରତ ବର୍ଷା ହେବା ଫଳରେ ଜନଜୀବନ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି । ବର୍ଷା ଜଳ ୫୫ ନଂ ଜାତୀୟ ରାଜପଥ ରେ ନିଷ୍କାସନ ହୋଇ ନପାରି ଚିନ୍ତାପୋଖରି ଓ ନବ ଲିମିଟେଡ କାରଖାନା ନିକଟରେ ରାସ୍ତା ଉପରେ ୫ ଫୁଟର ବର୍ଷା ଜଳ ଜମି ରହିବା ଫଳରେ ପାଣିରେ ଅନେକ ଯାନବାହାନ ଫସି ରହି ଯାଇଥିଲେ। ଖବରପାଇ ମୋଟଙ୍ଗା ଥାନା ଆଇଆଇସି ଦିପକ କୁମାର ଲେଙ୍କା ହିନ୍ଦୋଳ ରୋଡ ଅଗ୍ନିଶ୍ରମ ବାହିନୀ ସହାୟତାରେ ଗାଡିଗୁଡ଼ିକୁ ଉଦ୍ଧାର କରିଥିବା ଜଣାପଡିଛି । ରାସ୍ତା ନିର୍ମାଣ ଆରମ୍ଭରୁ ଏହି ସମସ୍ୟା ଲାଗି ରହିଛି। ଏହା ପ୍ରଶାସନିକ ଅଧିକାରୀ ଓ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ମାନେ ଜାଣି ନଜାଣିବା ପରି ଚୁପ୍ ରହିବା ଫଳରେ ଜାତୀୟ ରାଜପଥର ଯାତ୍ରୀ ଓ ବସ୍ତିବାସିନ୍ଦାମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ରାଜପଥ ନିର୍ମାଣ ଶୈଳୀରେ ତୃଟି ଏବଂ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ମାଟି ତଳେ ରହିଛି ଏବଂ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହି। ଏହା ଜାତୀୟ ରାଜପଥ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ହିନ୍ଦୋଳରୋଡ ବଜାର ମଧ୍ୟରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ଛାଡି ଦିଆଯାଇଥିବା ଏବଂ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବା ଯୋଗୁଁ ସର୍ଭିସ୍ ରୋଡ ରେ ୪ ଫୁଟର ବର୍ଷା ଜଳ ଜମି ରହି ଅନେକଙ୍କ ଘର ଭିତରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି। ହିନ୍ଦୋଳ ରୋଡ ଫାଣ୍ଡି ଭିତରେ ଦୁଇ ଫୁଟର ବର୍ଷା ଜଳ ପ୍ରବାହିତ ହେଉଥିା ଦେଖିବାକୁ ମିଳିଛି।ସେହିପରି ଗୁଡିଆକାଟେଣି ଗ୍ରାମର ହରିଜନ ବସ୍ତି ଭିତରେ ୪ ଫୁଟର ବର୍ଷା ଜଳ ସମସ୍ତଙ୍କ ଘରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି। ଦୀର୍ଘ ୪ ବର୍ଷ ହେଲା ଏହି ସମସ୍ୟା ଲାଗି ରହିଛି।

ଏହାର ପ୍ରତିବାଦରେ ବସ୍ତିବାସିନ୍ଦା ମାନେ ୫୫ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ ମଧ ପ୍ରଶାସନ ପକ୍ଷରୁ କିମ୍ବା ଜାତୀୟ ରାଜପଥ ଅଧିକାରୀ କୌଣସି ପଦକ୍ଷେପ ନେଉନଥିବାରୁ ବସ୍ତିବାସିନ୍ଦାମାନେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ହିନ୍ଦୋଳ ରୋଡ ବଜାର ଥିବା ସମସ୍ୟା ସଂମ୍ପର୍କରେ ଅଭିଯୋଗ ପରେ ଜାତୀୟ ରାଜପଥ ଢ଼େଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ କୁଳଦୀପ ସୋଙ୍ଗାରା ଗତ ମାସରେ ଆସି ତଦନ୍ତ କରିବା ସହିତ ଏକ ମାସ ମଧ୍ୟରେ ସମାଧାନ କରିବା ପାଇଁ ବଜାର କମିଟିକୁ ପ୍ରତିଶ୍ରୁତି ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହା ଫଳରେ ବଜାର ଓ ବସ୍ତିବାସିନ୍ଦା ମାନେ ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଜଙ୍ଗଲି ଛତୁ ଖାଇ ୪ ଅସୁସ୍ଥ, ୩ ଗୁରୁତର



ଚମ୍ପୁଆ,୧୬।୭(ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ଗୁଡୁଣିଆ ପଞ୍ଚାୟତର ହାତିଆନାସା ଗାଁରେ ଜଙ୍ଗଲି ଛତୁ ଖାଇ ୪ ଅସୁସ୍ଥ ହୋଇଥିବା ଜଣାପଡିଛି। ପରିବାରର ସଦସ୍ୟମାନେ ଜଙ୍ଗଲରୁ ଛତୁ ସଂଗ୍ରହ କରି ଦିନବେଳେ ସେହି ଛତୁକୁ ରାନ୍ଧି ଖାଇଥିଲେ। ଛତୁ ଖାଇବା ପରେ ସୋମା ମୁଣ୍ଡା, ମହାନ୍ତି ପାଳିଆ ଓ ହୁକୁମ ମୁଣ୍ଡାଙ୍କ ମୁଣ୍ଡ ବୁଲାଇବା ସହ ସ୍ୱାସ୍ଥ୍ୟ ଅବନତି ହେବାରୁ ସେମାନଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଗୁରୁତର ଅବସ୍ଥା ଦେଖି ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର୍ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ପରିବାରର ବୋହୂ ପୁରୁଗୁ ମୁଣ୍ଡାଙ୍କ ସ୍ୱାସ୍ଥ୍ୟ ଠିକ ଥିବା ଜଣାପଡ଼ିଛି ।

# ଶରତ ବାରିକଙ୍କ ପତ୍ତା ମିଳୁନି



ରାମଚନ୍ଦ୍ରପୁର,୧୬।୭(ନି.ପ୍ର): ସେଲୁନବାଲା ଶରତ ବାରିକଙ୍କର ମିଳୁନି ପତ୍ତା। ପରିବାର ପକ୍ଷରୁ ଥାନାରେ ଏତଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଳତି ଗ୍ରାମର ଶରତ ବାରିକ(୫୮) ଆଜକୁ ୨୦ ବର୍ଷ ହେଲା ଯାଜପୁର ଜିଲ୍ଲା ସାରୁଆବିଲ୍ ଖଣି ଅଞ୍ଚଳରେ ସେଲୁନ ଦୋକାନ କରି ପରିବାର ପୋଷଣ କରି ଆସୁଥିଲେ। ହେଲେ ବୁଧବାର ସେଲୁନ ବନ୍ଦ କରି ନିଜଗାଁ ଅଳତିକୁ ସାଇକେଲ ଯୋଗେ ଫେରିଥିଲେ, ମାତ୍ର ଘରେ ପହଞ୍ଚି ନଥିଲେ। ପରିବାର ଲୋକ ଦୁଇ ଦିନ ଧରୀ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଶରତଙ୍କ କୌଣସି ଖୋଜ ଖବର ମିଳି ପାରୁନାହିଁ। ଶେଷରେ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ତ ହୋଇଛନ୍ତି। ଶରତ ଜଣେ ମେଳାପି, ଅମାୟୀକ ତଥା ସରଳ ବିଶ୍ୱାସୀ ବ୍ୟକ୍ତି ।

# ବିଭିନ୍ନ ସ୍ଥାନରେ ଦଧିବାମନଜିଉଙ୍କ ଘୋଷଯାତ୍ରା



**ହାଟଡିହି,୧୬।୭(ନି.ପ୍ର):** ହାଟଡିହି ବ୍ଲକ ବଞ୍ଚୋରେ ପ୍ରଭୁ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ନେତ୍ରୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ସକାଳୁ ପହିଲିଧୂପ, ମଙ୍ଗଳ ଆଳତୀ, ପହିଲି ଭୋଗ ସହିତ ସମସ୍ତ ରୀତିନୀତି ମତେ ପ୍ରଭୁଙ୍କର ପୂଜାକାର୍ଯ୍ୟ ସଂପାଦନ କରାଯାଇଥିଲା। ପରେ ଆଜ୍ଞାମାଳ ଅଣାଯାଇ ରଥ ପ୍ରତିଷ୍ଠା କରାଯିବା ପରେ ପ୍ରଥମେ ବଳଭଦ୍ର, ପରେ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା। ଅପରାହ୍ନ ୫ଟାରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳ ମାଧବ ସୁନା ଛେରାପହଁରା କରିଥିବା ବେଳେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା, ତହସିଲଦାର ସଞ୍ଜୟ ସାମନ୍ତରାୟ, କୋଠ ତହସିଲଦାର ଦୀପ୍ତିମୟୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ୫ଟା ୩୦ମିନିଟ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଖ ପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ଆନନ୍ଦ ଉହ୍ଲାସ ସହକାରେ ରଥକୁ ଟାଣି ଟାଣି ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ସୁଧାଂଶୁ ରାଉତ, ଡ.ଅଶୋକ ପୁହାଣ, ରତିକାନ୍ତ ରାଉତ, ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ପ୍ରାଣବଲ୍ଲବ ପାଢ଼ୀ, ସନାତନ ଓଝା, ଶଶାଙ୍କ ଶେଖର ପୁହାଣ, ଛବିନ୍ଦ୍ର ନାୟକ, ରାଧାଗୋବିନ୍ଦ ଦାଶ, କୀର୍ତ୍ତନ ବିହାରି ନାୟକ, ମାର୍କଣ୍ଡ ଚରଣ ଓଝା, ଅନାମ ଚରଣ ବରାଳ, ବିକ୍ରମଦେବ ରାଉତ ରାୟ, ଚିନ୍ତାମଣୀ ରାଉତ, ସୁଧାକର ଓଝା, ମୁକେଶ ରାଉତ, ସତ୍ୟାନନ୍ଦ ବରାଳ, ପ୍ରଶାନ୍ତ ପଟ୍ଟନାୟକ, ଗିରିଧାରୀ ପଟ୍ଟନାୟକ, ପଞ୍ଚାନନ ପଟ୍ଟନାୟକ, ହିମାଦ୍ରୀ ରାଉତ, ଯୁଧିଷ୍ଠିର ରାଉତ, ପ୍ରିୟବ୍ରତ ନାୟକ, ସରୋଜ ରାଉତ, ସୁରେଶ ବରାଳଙ୍କ ସମେତ ସମସ୍ତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ରଥଯାତ୍ରାରେ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାପାଇଁ ଆନନ୍ଦପୁର, ନନ୍ଦିପଦା ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ଓ ଟଙ୍କ ତୋରାଣି ପ୍ରଦାନ କରାଯାଇଥିଲା।



**ଚମ୍ପୁଆ,(ନି.ପ୍ର):** ଚମ୍ପୁଆସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରା ଭକ୍ତି, ଆଧ୍ୟାତ୍ମିକତା ଓ ପାରଂପରିକ ରୀତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଛି। ଚମ୍ପୁଆ ସମେତ ଆଖପାଖ ଅଂଚଳର ହଜାର ହଜାର ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି, ଭଜନ ଓ କୀର୍ତ୍ତନରେ ସମଗ୍ର ମନ୍ଦିର ପରିସର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ସକାଳୁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସଂପନ୍ନ ହେବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ମୁଖ୍ୟ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ପାରମ୍ପରିକ ଛେରା ପହଁରା ନୀତି ସଂପାଦନ କରିଥିଲେ। ଏହା ପରେ ହଜାର ହଜାର ଭକ୍ତଙ୍କ ହରିବୋଲ ଧ୍ୱନି ମଧ୍ୟରେ ରଥ ଗଡ଼ିଥିଲା। ରଥଯାତ୍ରା ପୂର୍ବରୁ ପଳସା ସ୍ଥିତ ମହାପ୍ରଭୁଙ୍କ ମାମୁଁ ଘରରୁ ପାରମ୍ପରିକ ଭାର ମନ୍ଦିରରେ ପହଁଚି ଥିଲା। ମନ୍ଦିର ପ୍ରଶାସନ ଏହାକୁ ବିଧିବଦ୍ଧ ଭାବେ ଗ୍ରହଣ କରିଥିଲା। ମାମୁଁଘର ପକ୍ଷଙ୍କୁ ଖୋଳ, କରତାଳ, ଘଣ୍ଟା, ହରିନାମ ସଂକୀର୍ତ୍ତନ ମାଧ୍ୟମରେ ମନ୍ଦିର କମିଟି ଓ ବହୁ ଭକ୍ତ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ। ସତ୍ୟ ସାଇ ସେବା ସଂସ୍ଥାର ସହଯୋଗରେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏହି ଅବସରରେ କେନ୍ଦୁଝର ବେଦ ବିଦ୍ୟାଳୟର ଛାତ୍ର ଓ ଆଚାର୍ଯ୍ୟମାନେ ବେଦ ଉଚ୍ଚାରଣ କରି ପବିତ୍ର ପରିବେଶ ସୃଷ୍ଟି କରିଥିଲେ। ସେହିପରି କେରଳ ମାଧ୍ୟମ ସ୍କୁଲର ଛାତ୍ରୀମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶଭୂଷାରେ ସୁସଜ୍ଜିତ ରଥ ପରିକ୍ରମା କରି ଉପସ୍ଥିତ ଭକ୍ତମାନଙ୍କ ମନ ମୋହିଥିଲେ। ସେମାନଙ୍କ ଶୋଭାଯାତ୍ରା ରଥଯାତ୍ରାର ଅନ୍ୟତମ ଆକର୍ଷଣ ପାଲଟିଥିଲା। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଏସଡିପିଓ ରଶ୍ମୀ ରଞ୍ଜନ ସାହୁ ଓ ଆଇଆଇସି ସ୍ୱରୂପ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ବଳ ମୁତୟନ କରାଯାଇଥିଲା।

**କରଞ୍ଜିଆ,(ନି.ପ୍ର):** ପବିତ୍ର ଘୋଷଯାତ୍ରା ଅବସରରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଛି। ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ପହଣ୍ଡି ନୀତି ଦେଖିବା ପାଇଁ ସକାଳୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। 'ଜୟ ଜଗନ୍ନାଥ'ଧ୍ୱନି, ହରିବୋଲ, ଘଣ୍ଟା, ଶଙ୍ଖ ଓ ମୃଦଙ୍ଗର ନାଦରେ ସମଗ୍ର ପରିବେଶ ଭକ୍ତିରସରେ ଭରିଯାଇଥିଲା। ପାରଂପରିକ ରୀତିନୀତି ଅନୁଯାୟୀ ସେବାୟତମାନେ ମହାପ୍ରଭୁଙ୍କ ପହଣ୍ଡି ସଂପନ୍ନ କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ ରୂପର ଦର୍ଶନ ପାଇଁ ଛୋଟ ବଡ଼, ମହିଳା, ବୃଦ୍ଧ ଓ ଯୁବବର୍ଗଙ୍କ ମଧ୍ୟରେ ଅପାର ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅନେକ ଭକ୍ତ ମହାପ୍ରଭୁଙ୍କୁ କାନ୍ଧରେ ବହନ କରି ପହଣ୍ଡିରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥିଲେ। ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସଂପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୋଲିସ ବାହିନୀ, ସ୍ୱେଚ୍ଛାସେବୀ ଓ ପରିଚାଳନା କମିଟିର ସଦସ୍ୟମାନେ ଭିଡ଼ ନିୟନ୍ତ୍ରଣ ଓ ଭକ୍ତମାନଙ୍କ ସୁବିଧା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ। ପବିତ୍ର ରଥଯାତ୍ରା କେବଳ ଏକ ଧାର୍ମିକ ପରଂପରା ନୁହେଁ, ବରଂ ଭକ୍ତି, ଭାବନା, ଆସ୍ଥା ଓ ସାମାଜିକ ସଂପ୍ରତିର ଏକ ଅନନ୍ୟ ପ୍ରତୀକ ବୋଲି ଭକ୍ତମାନେ ମତ ପ୍ରକାଶ କରିଥିଲେ। କରଞ୍ଜିଆର ଏହି ଭବ୍ୟ ରଥଯାତ୍ରାରେ ଜନସାଧାରଣଙ୍କ ଉତ୍ସାହ ଓ ଆଧ୍ୟାତ୍ମିକ ଭାବନା ସହରର ପରିବେଶକୁ ସଂପୂର୍ଣ୍ଣ ଭାବେ ଭକ୍ତିମୟ କରିଦେଇଥିଲା।



**ଆନନ୍ଦପୁର,(ନି.ପ୍ର):** ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସଂପର୍ଣ୍ଣ ହୋଇଛି । ଲଘୁଚାପ ଜନିତ ବର୍ଷା ସତ୍ତ୍ୱେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ୧୬୭୫ ରୁ କେନ୍ଦୁଝର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସମୟରୁ ଆନନ୍ଦପୁରରେ ରଥଯାତ୍ରା ହୋଇ ଆସୁଛି । ଏଠାରେ ଗୋଟିଏ ରଥରେ ତିନି ଠାକୁର ବିଜେ କରି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି । ୧୨ ଚକ ବିଶିଷ୍ଟ ଏହି ରଥର ଉଚ୍ଚତା ୫୬ ଫୁଟ । କେନ୍ଦୁଝର ସମେତ ପଡୋଶୀ ଜିଲ୍ଲାର ଶ୍ରଦ୍ଧାଳୁ ମଧ୍ୟ ଏହି ରଥଯାତ୍ରାରେ ସାମିଲ ହୋଇ ରଥ ଟାଣି ଥାନ୍ତି । ଆନନ୍ଦପୁର ପ୍ରଶାସନ ପକ୍ଷରୁ ରଥଯାତ୍ରାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିର୍ଘଣ୍ଟ କରାଯାଇଛି । ସକାଳ ୬ ଘଟିକାରେ ଶୁଭ କଳସ ସ୍ଥାପନ, ୯:୩୦ ରେ ମଙ୍ଗଳାର୍ପଣ ଓ



ପହଣ୍ଡି ବିଜେ ୧୧:୩୦ ରେ ଛେରା ପହରା ୫ ଘଟିକାରେ ରଥ ଟଣା ଆରମ୍ଭ ହୋଇଥିଲା । ୨୦ ତାରିଖ ଦିନ ରାତି ମା' ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ। ସେହିପରି ୨୪ ତାରିଖରେ ବାହୁଡାଯାତ୍ରା ,୨୫ ତାରିଖରେ ସୁନାବେଶ ଓ ୨୬ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ରଥଯାତ୍ରାରେ ହଜାର ହଜାର ଭକ୍ତ ବର୍ଷା ସତ୍ତ୍ୱେ ମଧ ବଡଦାଣ୍ଡରେ ଦଧିବାମନ ଜୀଉଙ୍କୁ ଦର୍ଶନ କରିଥିଲେ । ସେହିପରି ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ନିକଟରେ ଚାରା ବିକ୍ରୟ କେନ୍ଦ୍ର, ମୀନା ବଜାର, ସମେତ ବହୁ ଛୋଟବଡ଼ ଦୋକାନ ଖୋଲିଥିବା ବେଳେ ଘରକରଣା ସାମଗ୍ରୀ ଦୋକାନ ସମେତ ଖାଇବା ଷ୍ଟଲ ଦେଖିବାକୁ ମିଳିଛି । ସେହିପରି ଧାର୍ମିକ ଅନୁଷ୍ଠାନ ପକ୍ଷରୁ ନାମ ସଂକୀର୍ତ୍ତନ ଜୟ ଜଗନ୍ନାଥ ଧୋନିରେ ରଥ ଟଣା ଯାଇ ରଥଟଣା ସମାପନ ହୋଇଛି । ଆନନ୍ଦପୁର ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ନୀଳମାଧବ ସୁନା ଓ ଆନନ୍ଦପୁର ଏସ.ଡି.ପି.ଓ କମଳ ଲୋଚନ ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ତପନ କୁମାର ପଣ୍ଡା, ଅଶୋକ କୁମାର ସେଣ୍ଠ, ପରିଚାଳକ ସୁରେନ୍ଦ୍ର ମିଶ୍ରଙ୍କ ସମେତ କମିଟିର ସଦସ୍ୟ ଓ ଆନନ୍ଦପୁର ପୋଲିସ ପ୍ରଶାସନ ପକ୍ଷରୁ ସହଯୋଗ କରାଯାଇଥିଲା । ସେହିପରି ସୂଚନା ଓ ଲୋକ ସଂପର୍କ ବିଭାଗରୁ ଧାରା ବିବରଣୀ ପ୍ରଦାନ କରାଯାଇଥିଲା ।



**ପାଟଣା,(ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ସ୍ଥିତ ପ୍ରାଚୀନ ଦଧିବାମନ ଜିଉ, ମଲ୍ଲୀପଶି, ଟାଙ୍ଗରପଡା ଓ ସରାସକୋଲାସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘୋଷଯାତ୍ରା ଗୁରୁବାର ନୀତିକାନ୍ତିରେ ସଂପନ୍ନ ହୋଇଛି। ଦଧିବାମନ ଜିଉଙ୍କ ରଥରେ ଦୁର୍ଯ୍ୟୋଧନ ମିଶ୍ର ଛେରା ପହଁରା କରିଥିଲେ। ପୂଜକ ମୃତ୍ୟୁଞ୍ଜୟ ପାଣି,ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପାଟଣା ତହସିଲଦାର ଅଶ୍ୱିନି କୁମାର ନାଏକ, ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଦେବୋତ୍ତର ବିଭାଗ କୋଠ ତହସିଲଦାର ଶିବ ପ୍ରସାଦ ମହାନ୍ତ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା,ଶ୍ରବଣ କୁମାର ଜେନା,ପ୍ରବୀର କୁମାର ମିଶ୍ର ସହ ପଣ୍ଡିତ ପ୍ରଦୀପ କୁମାର ମିଶ୍ର ରଥଯାତ୍ରା ପରିଚାଳନା କରିଥିଲେ। ୨୨ ଜଣ ବିଭିନ୍ନ ନିଯୋଗର ସେବାୟତଙ୍କ ସହଯୋଗରେ ରଥ ମାଉସୀମା ମନ୍ଦିରରେ ପହଁଚିଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ୨ସେକ୍ସନ ପୋଲିସ ଫୋର୍ସ ସହ ଚମ୍ପୁଆ ଏସଡିପିଓ ରଶ୍ମି ରଞ୍ଜନ ସାହୁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତି ରଞ୍ଜନ ସାହୁ, ଭାରପ୍ରାପ୍ତ ଥାନା ଅଧିକାରୀ ସବିତା ନାଏକ, କାର୍ମଚାରୀ ମୁତୟନ ହୋଇଛନ୍ତି। ରଥଯାତ୍ରାର ଧାରା ବିବରଣୀକୁ ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର ଓ କୈବଲ୍ୟ ସାହୁ ପ୍ରଦାନ କରିଥିଲେ। ସେହିପରି ମଲ୍ଲୀପଶିରେ ପାର୍ଥ ସାରଥୀ ବେଜଙ୍କ ତତ୍ତ୍ୱାବଧାନରେ ରାଜା ରବିନାରାୟଣ ସିଂ ଛେରା ପହଁରା କରିଥିଲେ। ମଲ୍ଲୀପଶିରେ ଶ୍ରୀ ଜୀଉଙ୍କ ଦେବ ନୀତି ସଂପନ୍ନ ହେବା ପରେ ୩ ରଥ ଟଣା ଯାଇଥିଲା। ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣି ଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଘଟଗାଁ ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ଏଏସଆଇ ଲକ୍ଷ୍ମଣ ମାଝି, ଧନେଶ୍ୱର ପାତ୍ର, ଗୋଟିଏ ସେକ୍ସନ ଫୋର୍ସ ସହ ଆଇନ ଶୃଙ୍ଗଳା ରକ୍ଷା କରିଥିଲେ। ରାଜନଗରରେ ୧୫ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବାବେଳେ ମଲ୍ଲୀପଶିରେ ୧୨ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ସରାସକୋଲା ଓ ଟାଙ୍ଗରପଡାରେ ରଥ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସଂପନ୍ନ ହୋଇଛି।



**ରାମଚନ୍ଦ୍ରପୁର,(ନି.ପ୍ର):** କେନ୍ଦୁଝର ଜିଲ୍ଲାର ସୀମାନ୍ତ ଗାଁ ଜରଦା। ଗାଁର ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୁରତି ନବଦିନାତ୍ମକ ଯାତ୍ରାରେ ବାହାରି ଦୀର୍ଘ ଦୁଇ କିଲୋମିଟର ଦୁର ଯାଜପୁର ଜିଲ୍ଲା ଅନ୍ଧାରୀ ଗ୍ରାମକୁ ଯାଇଛନ୍ତି। ଲଗାଣ ବର୍ଷା ଯୋଗୁଁ ନୀତିକାନ୍ତି ବିଳମ୍ବ ହୋଇଥିଲେ ସୁଦ୍ଧା ଅପରାହ୍ନରେ ଭକ୍ତମାନେ ଅତି ଶ୍ରଦ୍ଧା ତଥା ଭକ୍ତି ଭାବରେ ୨୦ନମ୍ବର ରାଜପଥ ଦେଇ ଯାଜପୁର ଜିଲ୍ଲା ଅନ୍ଧାରୀ ଗ୍ରାମକୁ ରଥ ଟାଣି ନେଇଛନ୍ତି। ଏହି ଯାତ୍ରା କାହିଁ କେତେବର୍ଷ ହେଲା ପାଳିତ ହୋଇ ଆସୁଥିବା ବେଳେ ଏହା ଦୁଇ ଜିଲ୍ଲାବାସୀଙ୍କ ମଧ୍ୟରେ ଭାଇଚାରା ସଂପର୍କ ବଜାୟ ରଖିପାରିଛି। ପ୍ରଭାତରୁ ବ୍ରାହ୍ମଣ ମାନଙ୍କ ଦ୍ୱାରା ଦୁଆରଫିଟା,ଅବକାଶ, ମଇଲମ ନୀତି କାନ୍ତି ପରେ ପ୍ରଥମ ଧୂପ ଲାଗି ହୋଇଥିଲା, ମଧ୍ୟାହ୍ନ ଭୋଗ ଓ ଧୂପ ଲାଗି ପରେ ଭକ୍ତମାନେ ସାହାଣ ମେଳା ଦର୍ଶନ କରିଥିଲେ । ଅପରାହ୍ନରେ ଚତୁର୍ଦ୍ଧା ମୂରତୀଙ୍କୁ ପହଣ୍ଡି ବିଜେ କରାଇ ରଥ ଉପରକୁ ପାଛୋଟି ନିଆଯାଇଥିଲା । ଠାକୁର ରାଜା ଭାବରେ ଗ୍ରାମର ଦୁର୍ଯ୍ୟୋଧନ ବିଶ୍ୱାଳ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ସେବକ ଦେବ ରଂଜନ ଜେନା ଫୁଲ ଚନ୍ଦନ ଲାଗି କରିଥିଲେ। ରଥରେ ତିନି ଠାକୁର ସମେତ ପ୍ରଭୁ ସୁଦର୍ଶନଙ୍କୁ ଶ୍ରଦ୍ଧାଳୁ ଭକ୍ତ ମାନେ ଦର୍ଶନ କରି ସାରିବା ପରେ ମୁଖ୍ୟ ଡାହୁକ ରାମକୃଷ୍ଣ ବଳଙ୍କ ନିର୍ଦ୍ଦେଶରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ମାନେ ହରିବୋଲ,ଶଙ୍ଖ ହୁଳାହୁଳି ଧ୍ୱନି, ନାମ ସଂକୀର୍ତ୍ତନ ମଧ୍ୟରେ ରଥ ମାଉସୀ ମା' ମନ୍ଦିରରେ ପହଁଚିଛି।

# ଭକ୍ତଙ୍କ ଗହଣରେ ରଥାରୂଢ଼ ହେଲେ ଭାବ ବିନୋଦିଆ



ହିଞ୍ଜିଳିକାଟୁ,୧୬।୭(ନି.ପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ପାବନ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପକ୍ଷରୁ ପିତ୍ର ରଥଯାତ୍ରା ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉମାନଙ୍କ ନୀତିକାନ୍ତି ଭୋର ୪ଟା ବେଳେ ମୁଖ୍ୟ ପୂଜକ ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ ଟାରେ ମହାପ୍ରଭୁଙ୍କ ରଥଯାତ୍ରା କାଳୀନ ଖେଚୁଡ଼ି ଭୋଗ ଲାଗିବା ପରେ ମଇଲମ ଓ ସେନାପଟାଲାଗି, ଟାହିଆଲାଗି ହୋଇଥିଲା । ମନ୍ଦିରର ପାଟ ପୁରୋହିତ ପଣ୍ଡିତ ଗତିକୃଷ୍ଣ ମିଶ୍ର ଶର୍ମା ଓ ସହାୟକ ରଞ୍ଜିତ ଦାଶ ଶର୍ମା ରଥ ପ୍ରତିଷ୍ଠା କରିବା ପରେ ବୈଦିକ ରୀତିରେ ମଙ୍ଗଳାର୍ପଣ କରିବା ପରେ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ଟାରେ ଠାକୁରମାନଙ୍କୁ ବିଭିନ୍ନ ବାଦ୍ୟ ବାଜଣା, ହରିବୋଲ, ହୁଳହୁଳି ଧ୍ୱନି ପହଣ୍ଡି ବିଜେ କରାଯାଇଥିଲା । ପ୍ରଥମେ ଶ୍ରୀ ସୁଦର୍ଶନ ଓ ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇଥିଲା । ପରେ ଠାକୁରମାନଙ୍କୁ ସୁବେଶରେ ସଜ୍ଜିତ କରାଯାଇଥିଲା। ବିରାଟ ପଟୁଆରରେ ସେବାଧିପତିଙ୍କ ଘର ଠାରୁ ମନ୍ଦିର ସେବାଧିପତି ଜଗନ୍ନାଥ ସାହୁ ରଥ ନିକଟରେ ପହଞ୍ଚି ପୁରୋହିତମାନଙ୍କ ମନ୍ତ୍ର ଉଚ୍ଚାରଣ ପରେ ରଥରେ ଛେରାପହଁରା କରିଥିଲେ । ସାରଥୀ ଉପବେଶନ, ଅଶ୍ୱଯୋଚା ଓ ଦଉଡ଼ି ବନ୍ଧନ ପ୍ରକ୍ରିୟା ପରେ ଅପରାହ୍ନ ପ୍ରାୟ ସାଢେ ୪ ଟାରେ ତହସିଲଦାର ତପନ କୁମାର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠି, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆ, ପୌରାଧ୍ୟକ୍ଷ ସୁବାସ ପୋଲେଇ, ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ଦାଶଙ୍କ ଦ୍ୱାରା ରଥ ଟଣାର ଶୁଭାରମ୍ଭ କରାଯାଇଥିଲା। ସେବାଧିପତିଙ୍କ ଉଆସ ସମ୍ମୁଖରେ କିଛି ସମୟ ପାଇଁ ରଥ ଅଟକି ପୁଣି ଥରେ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ପ୍ରାୟ ୬ ଟାରେ ରଥ ମିନି ଷ୍ଟାଡିୟମ ପରିସରସ୍ଥ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚିଥିଲା । ସାନ୍ଧ୍ୟ ଆଳତି ଓ ମୁକ୍ତ ଦର୍ଶନ ପରେ ରାତ୍ରପ୍ରାୟ ୧୦ ଟାରେ ଚତୁର୍ଦ୍ଧାମୂର୍ତିଦିଅଁମାନେ ଗୁଣ୍ଡିଚା ମଣ୍ଡପକୁ ପହଣ୍ଡି ବିଜେ କରିଥିଲେ। ମନ୍ଦିର ପ୍ରଶାସନ ସେବକ ନିର୍ମଳ ମିଶ୍ର ଓ ହରିହର ପଣ୍ଡା, ଜଗନ୍ନାଥ ସାହୁ, ମନମୋହନ ଦାଶ ଓ ପ୍ୟାରୀ ମୋହନ ପାଢି ଉପସ୍ଥିତ ଥିଲେ। ଅନୁରୂପ ଭାବେ ହିଞ୍ଜିଳିକାଟୁ ପୌରାଞ୍ଚଳ ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁଷ୍ଠିତ ରଥଯାତ୍ରାରେ ହିଞ୍ଜିଳିକାଟୁ ରାଜା ସାହେବ ଲଲାଟେନ୍ଦୁ କେଶରୀ ଭଞ୍ଜଦେଓ ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା । ସେହିପରି ପାଟଣା ସାହି ଜଗନ୍ନାଥଙ୍କ ମନ୍ଦିର ପକ୍ଷରୁ ଆୟୋଜିତ ରଥଯାତ୍ରାରେ ତହସିଲଦାର ତପନ କୁମାର ମହାପାତ୍ର ରଥ ଉପରେ ଛେରାପହଁରା ନୀତି ସମ୍ପନ୍ନ କରିବା ପରେ ରଥଟଣା ଆରମ୍ଭ ହୋଇଥିଲା।

# ସାଇଁକୁଳ ପତିତପାବନ କଲେଜର ୪୦ତମ ପ୍ରତିଷ୍ଠା ଉତ୍ସବ ପାଳିତ



ରାମଚନ୍ଦ୍ରପୁର,୧୬।୭(ନି.ପ୍ର): ପତିତପାବନ ମହାବିଦ୍ୟାଳୟ, ସାଇଁକୁଳର ୪୦ତମ ପ୍ରତିଷ୍ଠା ଉତ୍ସବ ପବିତ୍ର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଅବସରରେ ନିରାଡମ୍ବର ସହକାରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ସନ୍ତୋଷ କୁମାର ସ୍ୱାଇଁଙ୍କ ସଂଯୋଜନା ରେ ପ୍ରତିଷ୍ଠା ଉତ୍ସବରେ ଅତିଥି ଭାବେ ପୂର୍ବତନ ସଂପାଦକ ଅନନ୍ତ ଚରଣ ସ୍ୱାଇଁ, ପ୍ରଦୀପ କୁମାର ଚକ୍ର, ବିଦ୍ୟାଧର ପରିଡା, ପୂର୍ବତନ ଅଧ୍ୟକ୍ଷ ଅମୂଲ୍ୟ କୁମାର ବିଶ୍ୱାଳ, କାର୍ଯ୍ୟରତ ଯୁକ୍ତ ତିନି ଅଧ୍ୟକ୍ଷ ଶରତ କୁମାର ଜେନା, ଯୁକ୍ତ ଦୁଇ ଅଧ୍ୟକ୍ଷା ଚିନ୍ମୟୀ ନାୟକ, ଅଧ୍ୟାପକ ମହେନ୍ଦ୍ର କୁମାର ନାୟକ, ଜୟଦେବ ଦାଶ, ଅଧ୍ୟାପିକା ସବିତା ମିଶ୍ର, ଉମାକାନ୍ତ ଯେନା ପ୍ରମୁଖ ଉପସ୍ଥିତ ରହି ଉଚ୍ଚ ଶିକ୍ଷାର ବିକାଶ ପାଇଁ ମହାବିଦ୍ୟାଳୟର ପରିକଳ୍ପନାରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତଙ୍କ ପ୍ରଚେଷ୍ଟାକୁ ଭୂୟୀୟସି ପ୍ରଶଂସା କରିଥିଲେ। ୧୯୮୬ ମସିହା ପବିତ୍ର ଶ୍ରୀ ଗୁଣ୍ଡିଚା ଦିନ ପତିତପାବନ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ସମୟର ପ୍ରତିକୂଳ ପରିବେଶ ତଥା ସ୍ଥାନୀୟ ଅଂଚଳର ଶିକ୍ଷାବିତ୍, ବ୍ୟବସାୟୀ ଏବଂ ପ୍ରତ୍ୟେକ ବର୍ଗ ର ବ୍ୟକ୍ତି ବିଶେଷଙ୍କର ସକ୍ରିୟ ସହଯୋଗରେ ପତିତପାବନ ମହାବିଦ୍ୟାଳୟ ୪୦ ବର୍ଷରେ ପଦାର୍ପଣ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ଭାବେ ଉଭା ହୋଇଛି।

# ନୟାଗଡ଼ ରଥଯାତ୍ରାରେ ଛେରାପହଁରା କଲେ ଶ୍ରୀଜଗନ୍ନାଥଙ୍କ ବ୍ରାହ୍ମଣ ପରିଛା



ନୟାଗଡ଼,୧୬।୭(ନି.ପ୍ର): ନୟାଗଡ଼ରେ ମହାପ୍ରଭୁଙ୍କ ରଥଯାତ୍ରା ଛେରାପହଁରାକୁ ନେଇ ବାଦ ବିବାଦ ଦେଖା ଦେଇଥିଲା ବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ଠାକୁରଙ୍କର ସମସ୍ତ ଦେବନୀତି କରାଯାଇ ତିନିଠାକୁରଙ୍କ ରଥାରୁଢ଼ ପରେ ଛେରାପହଁରା ଆରମ୍ଭ ହୋଇଥିଲା। ତେବେ ଏଣ୍ଡୋମେଣ୍ଟ କମିଶନ ଉପଜିଲ୍ଲାପାଳ ଛେରାପହଁରା କରିବାକୁ ଦେଇଥିବା ରାୟରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ସମସ୍ତ ପ୍ରସ୍ତୁତି ସହ ଛେରାପହଁରା କରିବାକୁ ଆସିଥିବା ବେଳେ ସ୍ଥାନୀୟ ବାସିନ୍ଦା ଓ ସେବାୟତଙ୍କ ବିରୋଧ ଯୋଗୁଁ ବାଦ ବିବାଦ ଦେଖାଦେଇଥିଲା। ଯାହାକୁ ନେଇ ଅପ୍ରିତୀକର ପରିସ୍ଥିତି ଉପୁଜିଥିଲା। ଜିଲ୍ଲାପାଳ ମଧୁମିତା ରଥ ଘଟଣାସ୍ଥଳକୁ ଆସି ବୁଝାସୁଝା କରିବା ସହ ଭକ୍ତଙ୍କ ଆବେଗ ତଥା ଦାବିକୁ ନେଇ ଜଗନ୍ନାଥଙ୍କ ବ୍ରାହ୍ମଣ ପରିଛା ଛେରାପହଁରା କରିବାକୁ ନିର୍ଦ୍ଦେଶ ଦେବା ପରେ ରଥଟଣା କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଜୟ ଜଗନ୍ନାଥ ହରିବୋଲ ହୁଳହୁଳିରେ ନୟାଗଡ଼ର ବଡ଼ଦାଣ୍ଡ କମ୍ପିବା ସହିତ ଭକ୍ତମାନେ ଆନନ୍ଦ ଉଲ୍ଲାସର ସହ ରଥ ଟାଣୁଥିଲେ। ଶ୍ରୀଜଗନ୍ନାଥଙ୍କ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ଲାଗିଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥ ହନୁମାନ ମନ୍ଦିର ଓ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ରଥ ନବନାଲ ମଠ ଠାରେ ଅଟକି ରହିଥିଲା। ନୟାଗଡ଼ ଜଗନ୍ନାଥ ମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଥିଲା। ଦଶପଲ୍ଲା ପାର୍ଶ୍ୱରୁ ଆସୁଥିବା ଭାରିଯାନଗୁଡିକ ମାଙ୍କପଲୀ ଠାରୁ ବାଇପାସ୍ ରାସ୍ତାରେ ବଡ଼ପଶୁସର ପର୍ଯ୍ୟନ୍ତ ଯାଉଥିଲା ବେଳେ ଅନ୍ୟ ଯାନବାହନ ଗୁଡ଼ିକ ରଥଟଣା ସମୟରେ ଜଗନ୍ନାଥ ମନ୍ଦିର ଛକରୁ ଡିଆରଡିଏ ରାସ୍ତା ଦେଇ ପିଟିଏସ ରୋଡରେ ଯାତାୟାତ କରୁଥିଲା । ରଥଯାତ୍ରା ପାଇଁ ୫ ପ୍ଲାଟୁନ୍ ଫୋର୍ସ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ନିୟୋଜିତ ହୋଇଥିଲା। ରଥଯାତ୍ରାରେ ଅପରାଧ ରୋକିବା ଲାଗି ଅସ୍ଥାୟୀ ସିସିଟିଭିର ବ୍ୟବସ୍ଥା କରାଯାଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚିନ୍ମୟ ମିଶନ, ନୟାଗଡ଼ ଏବଂ ଭାରତ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଏହି ମହତ କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନ ପକ୍ଷରୁ ଅରୁଣ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ୍ତ କୁମାର ସାହୁ, ପ୍ରସନ୍ନ କୁମାର ବସନ୍ତିଆ, ଦୁର୍ଯ୍ୟୋଧନ ସାହୁ, ଅନାଦି ଚରଣ ମହାନ୍ତି, ଲକ୍ଷ୍ମୀଧର ସାହୁ, ସୂର୍ଯ୍ୟମଣୀ ସାହୁ, ସୁବଳ ଚରଣ ସାହୁ ଏବଂ ଉଦୟନାଥ ନାୟକ ପ୍ରମୁଖ ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରି ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇ ଦେଇଥିଲେ।

## ସୁପରଭାଇଜରଙ୍କୁ ଆକ୍ରମଣ, ମାଲିକ ଗିରଫ

ବ୍ରହ୍ମପୁର, ୧୬।୭ (ନି.ପ୍ର): ଏକ ସିମେଣ୍ଟ ପୋଲ୍ ଉତ୍ପାଦନ ୟୁନିଟ୍‌ରେ ଲାଭ ଭାଗବଣ୍ଟାକୁ ନେଇ ସୁପରଭାଇଜରଙ୍କୁ ଆକ୍ରମଣ ଓ ୮୦ ଲକ୍ଷ ଟଙ୍କା ଦାବି ଅଭିଯୋଗରେ



ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତ ମାଲିକ ମଣିରାଜ ସାହୁ ଓରଫ୍ ମଣିଙ୍କୁ ଗିରଫ କରିଛି । ତାଙ୍କ ଠାରୁ ଏକ ମୋବାଇଲ୍ ଜବତ ହୋଇଥିବା ସହ କେସ୍ ନଂ ୩୬୨/୨୬ରେ ଏକ ମାମଲା ରୁଜୁ ହୋଇଛି । ସରୋଜ କୁମାର ସାହୁ ସୁପରଭାଇଜର ଭାବେ ଉକ୍ତ ସଂସ୍ଥାରେ କାମ କରୁଥିବା ବେଳେ ମାଲିକ ତଥା ଅଭିଯୁକ୍ତ ମଣିରାଜ ହେଉଛନ୍ତି ତାଙ୍କର ସମ୍ପର୍କୀୟ। ପୋଲ୍ ନିର୍ମାଣ ହେଉଥିବା ଜାଗାର ମାଲିକ ହେଉଛନ୍ତି ସରୋଜଙ୍କ ବାପା। ସଂସ୍ଥାର ମିଳୁଥିବା ଲାଭରେ ତାଙ୍କ ବାପାଙ୍କ ଭାଗ (ଅଂଶଧନ) ରହିଛି । କିନ୍ତୁ ସଂସ୍ଥାର ଲାଭ ସମ୍ପର୍କରେ ଜମି ମାଲିକଙ୍କୁ ନ କହିବାକୁ ମଣି ସୁପରଭାଇଜର ସରୋଜଙ୍କୁ କହିଥିଲେ। ସରୋଜ ଜମି ମାଲିକଙ୍କୁ ଏନେଇ ସବୁ କଥାଇ ଦେଇଥିଲେ। ଏପରିକି ପ୍ରକୃତ ଲାଭ ଟଙ୍କା ମଣି ଲୁଚାଇ ରଖିଥିବା ମଧ୍ୟ କହିଦେଇଥିଲେ। ଏହା ଜାଣିବା ପରେ ମଣି ସରୋଜଙ୍କ ଉପରେ ଉତ୍ତେଜିତ ହୋଇ ଆକ୍ରମଣ କରିଥିଲେ। ଏହାସହ ୮୦ ଲକ୍ଷ ଟଙ୍କା ଦେବାକୁ ଦାବି କରିବା ସହ ଧମକଚମକ ମଧ୍ୟ ଦେଇଥିଲେ। ଏନେଇ ସରୋଜ ଥାନାରେ ଅଭିଯୋଗ କରିଥିଲେ।

### ବିଏମ୍‌ସି ସ୍ୱତନ୍ତ୍ର କର୍ପୋରେସନ୍ ବୈଠକ

## ଗାୟତ୍ରୀ ଗେଷ୍ଟ ହାଉସ୍ ଖାଲି କରିବାକୁ ନୋଟିସ୍



ବ୍ରହ୍ମପୁର, ୧୬।୭ (ନି.ପ୍ର): ବହୁ ବିବାଦ ପରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ଥିବା ପୌର ଗେଷ୍ଟ ହାଉସ୍ (ଅତିଥି ଭବନ)ରେ ଚାଲିଥିବା ଗାୟତ୍ରୀ ଗେଷ୍ଟ ହାଉସ୍‌କୁ ଖାଲି କରିବାକୁ ବ୍ରହ୍ମପୁର ମହାନଗର ନିଗମ ତରଫରୁ ନୋଟିସ୍ ଜାରି କରାଯାଇଛି । ୫ ବର୍ଷୀୟା ଲିଜ୍ ବାତିଲ୍ ପାଇଁ ମହାନଗର ନିଗମର ସ୍ୱତନ୍ତ୍ର କର୍ପୋରେସନ୍ ବୈଠକରେ ନିଷ୍ପତ୍ତି ପରେ ଏହି ନୋଟିସ୍ ଜାରି ହୋଇଛି । ଲିଜ୍ ଅବଧି ନ ବଢ଼ାଇବା ପାଇଁ ପ୍ରାୟତଃ ସମସ୍ତ କର୍ପୋରେଟର ବୈଠକରେ ଦାବି କରିଥିଲେ। ଏହାକୁ ନେଇ ଗରମାଗରମ ଆଲୋଚନା ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେହ ମେୟର ସଂଘମିତ୍ରା ଦଳେଇ ଏବଂ କମିଶନର ଏ. ସସ୍ୟା ରେଡ୍ଡିଙ୍କ ସମେତ ମହାନଗର ନିଗମର ଅନ୍ୟ ଅଧିକାରୀ ଏବଂ କର୍ପୋରେଟରମାନେ ଉପସ୍ଥିତଥିଲେ । ଗାୟତ୍ରୀ ଗେଷ୍ଟ ହାଉସ୍ ଲିଜ୍ ଅବଧିକୁ ଆଉ ବୃଦ୍ଧି କରାନଯାଇ ଲିଜକୁ ବାତିଲ କରାଯାଇଛି। ଏ ସଂକ୍ରାନ୍ତରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ସଂସ୍ଥାକୁ ନୋଟିସ୍ ଜାରି ହୋଇଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ମୁଖ୍ୟ ରାସ୍ତାରେ ଅବସ୍ଥିତ ପୌର ଅତିଥି ଗୃହର ପରିଚାଳନା ପାଇଁ ୧୬ ଜାନୁଆରୀ ୨୦୨୦ରେ ବ୍ରହ୍ମପୁର ମହାନଗର ନିଗମ ଓ ଗାୟତ୍ରୀ ଟେକ୍ନୋ ସଲ୍ୟୁସନ୍ସର ପରିଚାଳନା ସହଯୋଗୀ ସୁଭଦ୍ରା ସାହୁଙ୍କ ମଧ୍ୟରେ ଲିଜ୍ ଚୁକ୍ତି ସ୍ୱାକ୍ଷର ହୋଇଥିଲା । ୫ ବର୍ଷର ଏହି ଲିଜ୍ ଅବଧି କୋଭିଡ୍-୧୯ ଓ ଗେଷ୍ଟ ହାଉସ୍‌ର ସଂସ୍କାର କାମ ପାଇଁ ଦିଆଯାଇଥିବା ସମୟ ବୃଦ୍ଧିକୁ ମିଶାଇ ୩୧ ଜୁଲାଇ ୨୦୨୬ ରେ ଶେଷ ହେବ। ଲିଜ୍ ଅବଧି ବୃଦ୍ଧି ପାଇ ଲିଜ୍‌ଧାରୀ ପକ୍ଷରୁ ୪ ଡ଼ିସେମ୍ବର ୨୦୨୪ରେ ଦାଖଲ ହୋଇଥିବା ଆବେଦନକୁ କର୍ପୋରେସନ୍‌ର ବୈଠକରେ ବିଚାର କରାଯାଇଛି। ବିସ୍ତୃତ ଆଲୋଚନା ପରେ କର୍ପୋରେସନ୍ ପକ୍ଷରୁ ଲିଜ୍‌ର ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯିବ ନାହିଁ ବୋଲି ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ମହାନଗର ନିଗମ ନିଜେ ଏହାକୁ ଚଳାଇବା ସହିତ ଆଉଟ୍‌ସୋର୍ସରେ କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ଅଧିକାଂଶ କର୍ପୋରେଟର ମତ ରଖିଥିଲେ। ସୂଚନାଯୋଗ୍ୟ ଯେ, ପୌର ଅତିଥି ଗୃହକୁ ଗାୟତ୍ରୀ ଗେଷ୍ଟ ହାଉସ୍‌କୁ ପ୍ରଦାନ ପରଠୁ ନାନା ବିବାଦ ସୃଷ୍ଟି ହୋଇଥିଲା। ବିଶେଷ କରି ଗେଷ୍ଟ ହାଉସ୍‌ରେ ଅନଧିକୃତ ନିର୍ମାଣ, ବାର୍ ଖୋଲି ମଦ ବିକ୍ରିକୁ ଅଧିକାଂଶ କର୍ପୋରେଟର ବିରୋଧ କରିଆସୁଥିଲେ । ବିଗତ ଦିନରେ କର୍ପୋରେସନ୍ ବୈଠକରେ ମଧ୍ୟ ଏହାକୁ ନେଇ ଅନେକ ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା ।

### ପ୍ରଥମ ପୃଷ୍ଠାରୁ...

## ଭକ୍ତିଭାବରେ ଉଛୁଳିଲା...

ମଣି ବିମାନରେ ଆସିଥିଲେ ଗଜପତି ମହାରାଜା ସୁନାର ଝାଡୁରେ ପ୍ରଥମେ ଶ୍ରୀବଳଭଦ୍ରଙ୍କ ରଥରେ ତା' ପରେ ପ୍ରଭୁ ଜଗନ୍ନାଥଙ୍କ ରଥରେ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ସେ ଛେରା ପହଁରା କରିଥିଲେ। ଛେରା ପହଁରା ପରେ ମଣି ବିମାନରେ ବାହୁଡ଼ି ଯାଇଥିଲେ ଶ୍ରୀନଅରକୁ। ଏହାପରେ ଆରମ୍ଭ ହୋଇଥିଲା ରଥଟଣା କାର୍ଯ୍ୟ। ରଥ ଦଉଡ଼ି ଛୁଇଁବାକୁ, ରଥ ଦଉଡ଼ି ଧରି ଟାଣିବାକୁ ବ୍ୟାକୁଳ ହୋଇଥିଲେ ଶ୍ରଦ୍ଧାଳୁ। ଦୀର୍ଘ ସମୟ ଧରି ଏଥିପାଇଁ ଅପେକ୍ଷା କରିଥିଲେ। ରଥ ଦଉଡ଼ି ଛୁଇଁବାର ସୌଭାଗ୍ୟ ମଣିଥିଲେ ଶ୍ରଦ୍ଧାଳୁ। ଘର୍ଘର ନାଦରେ ଗଡ଼ିଥିଲା ତିନିରଥ। କାଷ୍ଠ ସହ କାଷ୍ଠର ଘର୍ଷଣକୁ କୁହାଯାଏ ଘର୍ଘର ନାଦ। ପ୍ରଥମେ ଗଡ଼ିଥିଲା ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜ। ତା'ପରେ ଦେବୀ ସୁଭଦ୍ରାଙ୍କ ରଥ ଦେବଦଳନ ଗଡ଼ିବା ପରେ ଶେଷରେ ଗଡ଼ିଥିଲେ ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷ। ତିନିରଥ କିନ୍ତୁ ଗୁରୁବାର ଗୁଣ୍ଡିଚା ମନ୍ଦିର ପହଞ୍ଚିନାହାଁନ୍ତି। ଅଧାବାଟରେ ମାର୍କେଟ ଛକରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଟକି ରହିଛି। ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଅଟକି ରହିଛି ମରୀଚିକୋଟ ଛକରେ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ମାତ୍ର ୨-୩ ହାତ ଗଡ଼ିଛି। ଶୁକ୍ରବାର ପୁଣି ତିନିରଥ ଟାଣିବେ ଶ୍ରଦ୍ଧାଳୁ।


**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2026-27/07,ତା.13.07.2026ରେ
ଟେଣ୍ଡର ସଂ 81266026, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ହବ୍ ଏକ୍ସିଲ୍ ବାକ୍ସ ଡିଟେକ୍ଟର (HABD) ଯୋଗାଣ, ସଂସ୍ଥାପନ ଏବଂ ପ୍ରଚଳନ । ପରିମାଣ: 08 ଗୋଟି ।
ବନ୍ଦ ହେବା ତାରିଖ ଓ ସମୟ : 03.08.2026, (15.00 ଘଟିକା)
ଉପରୋକ୍ତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପଲୋଡ଼ କରାଯାଇଛି ।
ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ ମ୍ୟାନେଜର/ ଖୋର୍ଦ୍ଧା ରୋଡ୍
PR-302/R/26-27


## ଦୁର୍ଘଟଣାରେ ଚାଲିଗଲା ଦମ୍ପତିଙ୍କ ଜୀବନ



ବ୍ରହ୍ମପୁର, ୧୬।୭ (ନି.ପ୍ର): ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଛକରେ ଗୁରୁବାର ସକାଳେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରଣ୍ଡା ଗାଁର ହରିଶ୍ଚନ୍ଦ୍ର ଦାସ ଓ ତାଙ୍କ ପତ୍ନୀ ପରୀ ଦାସ । ମୃତକଙ୍କ ପରିବାରକୁ ଆବଶ୍ୟକୀୟ କ୍ଷତିପୂରଣ ସହ ରଣ୍ଡା ଛକରେ ଚାଲିଥିବା ଓଭରବ୍ରିଜ୍ ନିର୍ମାଣକୁ ତୁରନ୍ତ ଶେଷ କରିବାକୁ ଦାବି କରି ଅଞ୍ଚଳବାସୀ ଟାୟର ଜାଳି ଜାତୀୟ ରାଜପଥ ୧୬ କୁ ଅବରୋଧ କରିଥିଲେ । ଯାହାଫଳରେ ଦୀର୍ଘ ୨ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ । ଘଟଣାରୁ ପ୍ରକାଶ ଯେ, ହରିଶ୍ଚନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଭଲ ନଥିଲା। ତେଣୁ ତାଙ୍କର ଚିକିତ୍ସା ପାଇଁ ପତ୍ନୀ ପରୀ ହରିଶ୍ଚନ୍ଦ୍ରଙ୍କର ହାତ ଧରି ରଣ୍ଡା ଛକରେ ରାସ୍ତା ପାର ହେବା ପାଇଁ ଠିଆ ହୋଇଥିଲେ । ଏହି ସମୟରେ ହଠାତ୍ ଏକ କାର୍‌କୁ ପଛପଟୁ ଟ୍ରକ୍ ଧକ୍କା ଦେଇଥିଲା । ଯାହାଫଳରେ କାର୍‌ଟି ହରିଶ୍ଚନ୍ଦ୍ର ଓ ପରୀଙ୍କ ଉପରକୁ ମାଡ଼ି ଆସିବାରୁ ଦୁହେଁ ରାସ୍ତାରେ ଛିଟିକି ପଡ଼ିଯାଇଥିଲେ । ଏହି ସମୟରେ ଅନ୍ୟ ଏକ ଟ୍ରକ୍ ଏମାନଙ୍କ ଉପରେ ମାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଉଭୟେ ହରିଶ୍ଚନ୍ଦ୍ର ଓ ପରୀଙ୍କ ମୃତ୍ୟୁ ହୋଇଯାଇଥିଲା । ଏ ସମ୍ପର୍କରେ ସମ୍ପର୍କୀୟମାନେ ଘଟଣାସ୍ଥଳକୁ ଆସିଥିଲେ। ଉତ୍ୟକ୍ତ ଲୋକ ରଣ୍ଡା ଛକରେ ଟାୟର ଜାଳି ରାସ୍ତାରୋକ କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଅଡ଼ି ବସିଥିଲେ । ଏହାସହ ଓଭରବ୍ରିଜ୍ କାମ ଶୀଘ୍ର ସାରିବାକୁ ଦାବି କରିଥିଲେ। ଜାତୀୟ ରାଜପଥ ଅବରୋଧ ସମ୍ପର୍କରେ ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ, ସଦର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, କନିଷ୍ଠ ତହସିଲଦାର କବିରାଜ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ୬୦ ହଜାର ଟଙ୍କା ତହସିଲଦାର ପ୍ରଦାନ କରିଥିଲେ । ଏହାପରେ ରାସ୍ତାରୋକ ହଟିଥିଲା ।

## ୨ ନକଲି 'ର' ଏଜେଣ୍ଟ ଗିରଫ

ବ୍ରହ୍ମପୁର, ୧୬।୭ (ନି.ପ୍ର): ନିଜକୁ 'ର' ଏଜେଣ୍ଟ୍ ଓ ବିଦେଶୀ ଗୁପ୍ତଚର ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେଇ ଠକେଇ ଉଦ୍ୟମ କରୁଥିବା ୨ ଜଣଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ବ୍ରହ୍ମପୁର ଆଙ୍କୁଲିର ପ୍ରଦୀପ କୁମାର ମଣ୍ଡଳ ଓ ଆନ୍ଧ୍ରପ୍ରଦେଶର ଦୁର୍ଗାପ୍ରସାଦ ବର୍ମା । ସୂଚନା ଯୋଗ୍ୟ ଯେ ଚାକିରି ବେଳେ ପ୍ରଦୀପ ବାହାରେ ରହୁଥିବାରୁ ତାଙ୍କ ପରିବାର ଲୋକେ ପୈତୃକ ସମ୍ପତ୍ତିରୁ ଅଲଗା କରି ଦେଇଥିଲେ । ସମ୍ପତ୍ତି ପାଇବା ପାଇଁ ପ୍ରଦୀପ ବିଭିନ୍ନ ପ୍ରକାର ଉଦ୍ୟମ କରି ବିଫଳ ହୋଇଥିଲେ। ସେ ନିଜ ବନ୍ଧୁ ତଥା ଅନ୍ୟତମ ଅଭିଯୁକ୍ତ ଦୁର୍ଗାପ୍ରସାଦ ବର୍ମାଙ୍କ ସହଯୋଗ ଲୋଡ଼ିଥିଲେ। ଉଭୟ କେନ୍ଦ୍ର ସରକାରଙ୍କ ଗୁପ୍ତଚର ସଂସ୍ଥାରିସର୍ଚ୍ଚ ଓ ଆନାଲିସିସ୍



ୱିଙ୍ଗ ଏବଂ ବିଦେଶ ସଂସ୍ଥା ଫେଡ଼େରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍‌ର ନକଲି ପରିଚୟ ପତ୍ର ପ୍ରସ୍ତୁତ କରିଥିଲେ। ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ନିଜକୁ ସରକାରୀ ଏଜେଣ୍ଟ ବୋଲି ପରିଚୟ ଦେଉଥିଲେ । ଏନେଇ ପୋଲିସର ସନ୍ଦେହ ହେବାରୁ ତଦନ୍ତ କରାଯାଇଥିଲା। ସେମାନେ ନକଲି ଏଜେଣ୍ଟ୍ ବୋଲି ଜଣାପଡ଼ିବା ପରେ ଉଭୟଙ୍କୁ ଗିରଫ କରାଯାଇଥିଲା । ଥାନାର ଏଏସ୍‌ଆଇ ଅନନ୍ତ ପ୍ରଧାନ ଉଭୟଙ୍କ ନାମରେ ଏତଲା ଦେଇଥିଲେ ।

## ମାତା ଓ ଶିଶୁ କଲ୍ୟାଣ ମାସ




ବ୍ରହ୍ମପୁର, ୧୬।୭ (ନି.ପ୍ର): ରୋଟାରୀ କ୍ଲବ୍ ଅଫ୍ ସେଣ୍ଟ୍ରାଲ୍ ଏବଂ ଇନ୍‌ର ହ୍ୱିଲ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସିଟି ହସ୍ପିଟାଲ୍‌ର ପ୍ରସୂତି ବିଭାଗରେ ଏକ ସଚେତନତା ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାତା ଓ ଶିଶୁ ସର୍ବାଙ୍ଗୀନ ବିକାଶ ଓ କଲ୍ୟାଣ ମାସ ଭାବେ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସିଟି ହସ୍ପିଟାଲ୍ ଅଧିକ୍ଷକ ଡ଼ା. ବିଶ୍ୱମ୍ଭର ବେହେରା ଏବଂ ଶିଶୁରୋଗ ବିଶେଷଜ୍ଞ ଡ଼ା. ସୁବ୍ରତ ଯୋଗଦେଇ ମାତା ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି, ସ୍ତନ୍ୟପାନ, ସ୍ୱଚ୍ଛତା ଏବଂ ନବଜାତ ଶିଶୁର ଯତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ ରୋଟାରୀ କ୍ଲବ୍‌ର ଅଧ୍ୟକ୍ଷ ଶ୍ରୀକାନ୍ତ ସାବତ, ସମ୍ପାଦକ ପ୍ରଶାନ୍ତ ସାହୁ, ଇନ୍‌ର ହ୍ୱିଲ୍ କ୍ଲବ୍‌ର ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ସାବତ ଓ ସମ୍ପାଦିକା ରୋନାଲିସା ପଟ୍ଟନାୟକ, ରୋଟାରୀ ଆସିଷ୍ଟାଣ୍ଟ୍ ଗଭର୍ଣ୍ଣର ପ୍ରଦ୍ୟୁମ୍ନ ବିଷୋୟୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଡ଼ା. କିରଣ କୁମାର ପାଣିଗ୍ରାହୀ ଗର୍ଭସଂସ୍କାର, ଗର୍ଭାବସ୍ଥାରେ ମାତାଙ୍କ ଶାରିରୀକ ଓ ମାନସିକ ସୁସ୍ଥତା, ସୁସନ୍ତାନ ଗଠନରେ ପରିବାରର ଭୂମିକା ଏବଂ ମାତା-ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମାତା ଓ ନବଜାତ ଶିଶୁଙ୍କୁ ନ୍ୟୁଟ୍ରିସନ୍ କିଟ୍, ସାନିଟାରୀ କିଟ୍ ଏବଂ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା ।


## ସର୍ବସାଧାରଣ ବିଜ୍ଞପ୍ତି

### ଅଳଙ୍କାର ନିଲାମ ତଥା ବିଜ୍ଞପ୍ତି ଆହ୍ୱାନ

ପଞ୍ଜିକୃତ କାର୍ଯ୍ୟାଳୟ: ୬୦୧ ଏବଂ ୬୦୨, ପେନିନ୍‌ସୁଲା ବିଜିନେସ୍ ପାର୍କ, ୬ଷ୍ଠ ମହଲା, ଟାୱାର ଏ, ସେନାପତି ବାପଟ୍ ମାର୍ଗ, ଲୋୟର ପାରେଲ୍, ମୁମ୍ବାଇ-୪୦୦୦୧୩

**DCB BANK**

ନିମ୍ନଲିଖିତ ଋଣଗ୍ରହୀତାମାନେ ଡିସିବି ବ୍ୟାଙ୍କ ଲିମିଟେଡ୍‌କୁ ଅଳଙ୍କାର ବନ୍ଧକ ଦେଇ ଡିସିବି ବ୍ୟାଙ୍କ ଲିଃ.ରୁ ଋଣ ସୁବିଧା ଉପଲବ୍ଧ କରିଥିଲେ, ସେମାନଙ୍କୁ ସମସ୍ତ ଦେୟ ପରିଶୋଧ କରିବା ନିମନ୍ତେ ବିଜ୍ଞପ୍ତି ଜାରି କରାଯାଇଥିଲା। ଯେହେତୁ ସେମାନେ ଡିସିବି ବ୍ୟାଙ୍କ ଲିଃ. କୁ ସମ୍ପୂର୍ଣ୍ଣ ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ବନ୍ଧକ ଦିଆଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ନିମନ୍ତେ ଆମ୍ଭେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେଉଛୁ। ପ୍ରଥମ ନିଲାମ ଶାଖାଗୁଡ଼ିକରେ ନିମ୍ନଲିଖିତ ତାଲୁକା/ତହସିଲରେ ୧୮/୦୮/୨୦୨୬ ଏବଂ ୧୯/୦୮/୨୦୨୬ର ୧୨:୦୦ ମଧ୍ୟାହ୍ନରୁ ଅପରାହ୍ଣ ୦୪:୦୦ ପର୍ଯ୍ୟନ୍ତ ପରିଚାଳିତ ହେବ। ଆଶାୟୀ ନିଲାମଧାରୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ତାଲିକାଭୁକ୍ତ ନିଲାମକାରୀ (ମାନଙ୍କ) ସହିତ କିମ୍ବା ଶାଖା କର୍ତ୍ତୃପକ୍ଷଙ୍କ ସହିତ ନିଲାମର ବିଶଦ ସର୍ତ୍ତାବଳୀ ସମ୍ବନ୍ଧରେ ଜାଣିବା ପାଇଁ ଯୋଗଯୋଗ କରିବେ। ଋଣଗ୍ରହିତା ଏବଂ ବିଡରମାନଙ୍କୁ website: www.dcb.bank.in ମାଧ୍ୟମରେ ନିଲାମର ଶାଖା ଠିକଣା/ସ୍ଥାନ ଜାଣିପାରିବେ ।

| କ୍ର ନଂ | ଗ୍ରାହକଙ୍କ ଆଇଡି | ଗ୍ରାହକଙ୍କ ନାମ | ଶାଖା/ସ୍ଥାନ |
|---|---|---|---|
| ୧ | ୧୦୬୬୮୬୪୮୨ | ସୁଜିତ ଦାସ ମେହେର | ବଲାଙ୍ଗୀର- ବାଲାଙ୍ଗୀର |
| ୨ | ୧୦୩୩୧୨୯୮୮ | ଗଜାନନ ମେସୁଆ | ବଲାଙ୍ଗୀର- ବାଲାଙ୍ଗୀର |
| ୩ | ୧୦୭୩୨୩୭୦୮ | ବାଲଗୋପାଳ କର୍ମୀ | ବଲାଙ୍ଗୀର-ବଲାଙ୍ଗୀର |
| ୪ | ୧୦୪୬୦୧୨୫୪ | ନାଞ୍ଜିନ ବାନୋ | ପଦମପୁର-ବରଗଡ଼ |
| ୫ | ୧୦୭୮୮୪୭୧୬ | ବିଦ୍ୟାଧର ସାହା | ପଦମପୁର-ବରଗଡ଼ |
| ୬ | ୧୦୮୪୦୫୧୩୨ | ତୃପ୍ତିମୟୀ ଭୋଇ | ପଦମପୁର-ବରଗଡ଼ |
| ୭ | ୧୦୩୪୮୨୮୨୫ | ଶତ୍ରୁଘ୍ନ ଜେନା | ବ୍ରହ୍ମପୁର- ବ୍ରହ୍ମପୁର |
| ୮ | ୧୦୪୧୬୩୦୧୮ | କେଟି ସାଣ୍ଟା | ଉମରକୋଟ-ବ୍ରହ୍ମପୁର |
| ୯ | ୧୦୮୦୨୭୮୨୫ | ମିଥୁନ ବିଶ୍ୱାସ | ଉମରକୋଟ- ବ୍ରହ୍ମପୁର |
| ୧୦ | ୧୦୮୩୪୭୮୩୧ | ସଙ୍କର ହରିଜନ | ଉମରକୋଟ- ବ୍ରହ୍ମପୁର |
| ୧୧ | ୧୦୨୮୬୭୮୩୭ | ଭଗବାନ ସେଠୀ | ଉମରକୋଟ - ବ୍ରହ୍ମପୁର |
| ୧୨ | ୧୦୪୭୭୮୮୫୪ | ଏସ୍‌କେ ସୁଫିଆଁ | ସମୁରାଇପୁର-ଭଦ୍ରକ |
| ୧୩ | ୧୦୧୩୯୩୫୧୯ | ଧୂପାମ ଗୋପାଳ | ଭବାନୀପାଟଣା - ଭବାନୀ ପାଟନା |
| ୧୪ | ୧୦୨୩୭୨୧୬୫ | ସଚିନ କୁମାର ନାୟକ | ଭବାନୀପାଟଣା - ଭବାନୀ ପାଟନା |
| ୧୫ | ୧୦୫୨୬୧୮୬୨ | ଡିବୋସ୍ ରାଇକା | ଗୁଣୁପୁର - ଭବାନୀ ପାଟନା |
| ୧୬ | ୧୦୭୬୮୨୮୬୮ | ସୁଭାସିନି ପାଲ୍ | ଗୁଣୁପୁର - ଭବାନୀ ପାଟନା |
| ୧୭ | ୧୦୬୭୫୧୬୩୮ | ସୁନୀତା ଦାସ | ଗୁଣୁପୁର - ଭବାନୀ ପାଟନା |
| ୧୮ | ୧୦୪୧୭୬୬୭୫ | ରାମ ପ୍ରସାଦ ସାବତ | ଗୁଣୁପୁର - ଭବାନୀ ପାଟନା |
| ୧୯ | ୧୦୨୭୪୨୨୩୮ | ମୁକେଶ କୁମାର ଝା | ଭୁବନେଶ୍ୱର - ଭୁବନେଶ୍ୱର |
| ୨୦ | ୧୦୪୮୬୯୨୩୯ | ଗାୟତ୍ରୀ ମାଝୁରୁ | ଚନ୍ଦ୍ରଶେଖରପୁର (ଭୁବନେଶ୍ୱର) - ଭୁବନେଶ୍ୱର |
| ୨୧ | ୧୦୬୬୨୯୫୧୦ | ତୃପ୍ତିମୟୀ ବେହେରା | ଭୁବନେଶ୍ୱର - ଭୁବନେଶ୍ୱର |
| ୨୨ | ୧୦୬୬୪୯୫୨୦ | ଶାନ୍ତନୁ କୁମାର ଚକ୍ର | ଭୁବନେଶ୍ୱର - ଭୁବନେଶ୍ୱର |
| ୨୩ | ୧୦୬୮୯୧୮୧ | ଗୋପାଳ ଚନ୍ଦ୍ର ପରିଡ଼ା | ଭୁବନେଶ୍ୱର - ଭୁବନେଶ୍ୱର |
| ୨୪ | ୧୦୭୨୪୯୫୪୮ | ବିଜୟ ଜେନା | ଭୁବନେଶ୍ୱର - ଭୁବନେଶ୍ୱର |
| ୨୫ | ୧୦୭୫୩୭୯୨୧ | ବିଭୁତି ମେହେର | ବୌଦ୍ଧ - ଭୁବନେଶ୍ୱର । |
| ୨୬ | ୧୦୭୯୧୮୦୧୧ | ସୁଭସ୍ମିତା ବିଶ୍ୱାଳ | ଭୁବନେଶ୍ୱର - ଭୁବନେଶ୍ୱର |
| ୨୭ | ୧୦୮୮୭୮୯୬୨ | ସୁଶାନ୍ତ କୁମାର ସାହୋ | ଭୁବନେଶ୍ୱର - ଭୁବନେଶ୍ୱର |
| ୨୮ | ୧୦୧୫୦୨୪୭୧ | ତାପସ କୁମାର ପଟ୍ଟନାୟକ | ଭୁବନେଶ୍ୱର - ଭୁବନେଶ୍ୱର |
| ୨୯ | ୧୦୧୬୬୩୨୨୧ | ଅମ୍ରିତା ଦାସ | ଭୁବନେଶ୍ୱର - ଭୁବନେଶ୍ୱର |
| ୩୦ | ୧୦୧୬୯୬୭୦୦ | ହିମାଂଶୁ ଭୂଷଣ ତ୍ରିପାଠୀ | ଭୁବନେଶ୍ୱର - ଭୁବନେଶ୍ୱର |
| ୩୧ | ୧୦୨୦୧୨୦୧୦ | ସୁବ୍ରତ କୁମାର ପରିଡ଼ା | ଭୁବନେଶ୍ୱର - ଭୁବନେଶ୍ୱର |
| ୩୨ | ୧୦୨୫୪୮୭୯୦ | ବରୋଦା ପ୍ରସନ୍ନ ମହାନ୍ତି | ଭୁବନେଶ୍ୱର - ଭୁବନେଶ୍ୱର |
| ୩୩ | ୧୦୨୮୫୩୬୪୧ | ଚିନ୍ମୟ ପରିଡ଼ା | ଭୁବନେଶ୍ୱର - ଭୁବନେଶ୍ୱର |
| ୩୪ | ୧୦୩୨୧୫୨୦୪ | ଜୟବୁନ ବିବି | ଭୁବନେଶ୍ୱର - ଭୁବନେଶ୍ୱର |
| ୩୫ | ୧୦୪୨୫୮୮୯୮ | ହରିଚନ୍ଦନ ଶତପଥି | ଭୁବନେଶ୍ୱର - ଭୁବନେଶ୍ୱର |
| ୩୬ | ୧୦୪୫୦୩୦୨୪ | ପୁଷ୍ପା ଅଗ୍ରୱାଲ | ଭୁବନେଶ୍ୱର - ଭୁବନେଶ୍ୱର |
| ୩୭ | ୧୦୫୩୦୬୮୧୨ | ବିକାଶ ରଂଜନ କାମିଲା | ଚନ୍ଦ୍ରଶେଖରପୁର (ଭୁବନେଶ୍ୱର) - ଭୁବନେଶ୍ୱର |
| ୩୮ | ୧୦୭୫୬୩୪୭୦ | ରଣଜିତା ମେହେର | ବୌଦ୍ଧ - ଭୁବନେଶ୍ୱର । |
| ୩୯ | ୧୦୭୭୦୫୬୮୫ | ଅମିତା ମହାପାତ୍ର | ଚନ୍ଦ୍ରଶେଖରପୁର (ଭୁବନେଶ୍ୱର) - ଭୁବନେଶ୍ୱର |
| ୪୦ | ୧୦୮୦୦୭୧୩୪ | ବିଜୟଲକ୍ଷ୍ମୀ ଦାଶ | ଭୁବନେଶ୍ୱର - ଭୁବନେଶ୍ୱର |
| ୪୧ | ୧୦୮୬୧୩୧୯୨ | ଗୁଞ୍ଜନ କୁମାର ବିଶ୍ୱାଳ | ଚନ୍ଦ୍ରଶେଖରପୁର (ଭୁବନେଶ୍ୱର) - ଭୁବନେଶ୍ୱର |
| ୪୨ | ୧୦୮୮୪୬୩୧୬ | ସସ୍ମିତା ପାଇକରାୟ | ଭୁବନେଶ୍ୱର - ଭୁବନେଶ୍ୱର |
| ୪୩ | ୧୦୧୬୬୨୬୨୩ | ରଂଜନ କୁମାର ବାରିକ | ଭୁବନେଶ୍ୱର - ଭୁବନେଶ୍ୱର |
| ୪୪ | ୧୦୬୬୮୪୯୭୫ | ଯୋଶାବନ୍ତ ନାରାୟଣ ସାହୁ | ବୌଦ୍ଧ - ଭୁବନେଶ୍ୱର । |
| ୪୫ | ୧୦୯୨୦୯୨୬୯ | ଲିପ୍ସିତା ପ୍ରିୟଦର୍ଶିନୀ | ଭୁବନେଶ୍ୱର - ଭୁବନେଶ୍ୱର |
| ୪୬ | ୧୦୧୪୯୫୫୩୫ | ଦୁଃଶାସନ ଜେନା | ଭୁବନେଶ୍ୱର - ଭୁବନେଶ୍ୱର |
| ୪୭ | ୧୦୫୦୪୩୦୪୯ | ଅବକାଶ ନାୟକ | ଭୁବନେଶ୍ୱର - ଭୁବନେଶ୍ୱର |
| ୪୮ | ୧୦୫୦୪୮୬୦୦ | ହାତୀ ସ୍ମୃତି ସ୍ନିଗ୍ଧା ରୟ | ଭୁବନେଶ୍ୱର - ଭୁବନେଶ୍ୱର |
| ୪୯ | ୧୦୧୬୯୪୮୩୦ | ସସ୍ମିତା ମହାପାତ୍ର | ଭୁବନେଶ୍ୱର - ଭୁବନେଶ୍ୱର |
| ୫୦ | ୧୦୩୦୦୬୬୫୨ | ସିମା ରଞ୍ଜିତ | ବିଜିପୁର - ବିଜିପୁର |
| ୫୧ | ୧୦୧୫୮୨୯୮୧ | ନିରଂଜନ ପାଇକରାୟ | ବିଜିପୁର ବିଜିପୁର |
| ୫୨ | ୧୦୧୮୯୩୦୧୬ | ଜଗନ୍ନାଥ ପରିଡ଼ା | ପଟ୍ଟାମୁଣ୍ଡାଇ - କଟକ |
| ୫୩ | ୧୦୨୦୦୭୯୫୬ | ରଂଜନ ପ୍ରଧାନ | ପଟ୍ଟାମୁଣ୍ଡାଇ - କଟକ |
| ୫୪ | ୧୦୩୦୧୧୯୨୧ | ସଞ୍ଜୟ କୁମାର ଲେଙ୍କା | କଟକ - କଟକ |
| ୫୫ | ୧୦୩୭୬୨୩୫୯ | ବାସନ୍ତୀ ବିଶ୍ୱାଳ | ପଟ୍ଟାମୁଣ୍ଡାଇ - କଟକ |
| ୫୬ | ୧୦୩୪୬୮୧୫୬ | ସଙ୍ଘମିତ୍ରା ସାହୁ | ପଟ୍ଟାମୁଣ୍ଡାଇ - କଟକ |
| ୫୭ | ୧୦୪୯୦୨୨୫୩ | ବସନ୍ତ କୁମାର ସାହୁ | ପଟ୍ଟାମୁଣ୍ଡାଇ - କଟକ |
| ୫୮ | ୧୦୬୪୪୨୩୬୭ | ଜ୍ଞାନରଞ୍ଜନ ଦ୍ୱିବେଦୀ | ପଟ୍ଟାମୁଣ୍ଡାଇ - କଟକ |

| କ୍ର ନଂ | ଗ୍ରାହକଙ୍କ ଆଇଡି | ଗ୍ରାହକଙ୍କ ନାମ | ଶାଖା/ସ୍ଥାନ |
|---|---|---|---|
| ୫୯ | ୧୦୮୨୩୮୬୩ | ଅକ୍ଷୟ ମଲିକ | ପଟ୍ଟାମୁଣ୍ଡାଇ - କଟକ |
| ୬୦ | ୧୦୪୬୭୯୯୭୦ | ଜଲନ୍ଧର ବେହେରା | କଟକ - କଟକ |
| ୬୧ | ୧୦୪୭୭୧୬୪୫ | ରୀନା ରାଣି ସାହୁ | କଟକ - କଟକ |
| ୬୨ | ୧୦୬୨୯୫୩୭୬ | ମହେଶ୍ୱର ରାଉତ | କଟକ - କଟକ |
| ୬୩ | ୧୦୨୦୯୦୫୦୨ | ସୌମ୍ୟ ଆର ବିହାରୀ | କଟକ - କଟକ |
| ୬୪ | ୧୦୪୭୯୩୫୦୪ | ସୁନୀଲ କୁମାର ଗୁପ୍ତା | କଟକ କଟକ |
| ୬୫ | ୧୦୪୭୭୦୯୯୬ | ରାଜ କୁମାର ସାହୁ | କଟକ - କଟକ |
| ୬୬ | ୧୦୨୮୧୮୧୬୭ | ଖିରୋଦ ଚନ୍ଦ୍ର କର | ଦେବଗଡ଼ - ଦେବଗଡ଼ |
| ୬୭ | ୧୦୩୭୨୫୫୫୨ | ଧରାଣିଧରା ଖୁଣ୍ଟିଆ | ଦେବଗଡ଼ - ଦେବଗଡ଼ |
| ୬୮ | ୧୦୫୬୫୯୯୫୪ | ଚୈତନ୍ୟ ଭୋଇ | ଦେବଗଡ଼ - ଦେବଗଡ଼ |
| ୬୯ | ୧୦୬୨୪୨୮୬୬ | ଲାଲ ବିହାରୀ ଠାକୁର | ଦେବଗଡ଼ - ଦେବଗଡ଼ |
| ୭୦ | ୧୦୬୪୧୩୧୩୫ | ମୀନା ଭୋଇ | ଦେବଗଡ଼ - ଦେବଗଡ଼ |
| ୭୧ | ୧୦୬୬୮୪୭୯୨ | ମମତା ନାୟକ | ଦେବଗଡ଼ - ଦେବଗଡ଼ |
| ୭୨ | ୧୦୬୭୯୩୧୪୩ | ସରୋଜିନୀ ମହାକୁଳ | ଦେବଗଡ଼ - ଦେବଗଡ଼ |
| ୭୩ | ୧୦୭୨୪୯୫୬୨ | ମିଲି ଦଳବେହେରା | ଦେବଗଡ଼ - ଦେବଗଡ଼ |
| ୭୪ | ୧୦୭୨୯୪୦୧୧ | ସୁକାନ୍ତୀ ମାଝୀ | ଦେବଗଡ଼ - ଦେବଗଡ଼ |
| ୭୫ | ୧୦୮୫୭୩୩୯୨ | ଗଙ୍ଗାଧର ବୁଡ଼ | ଦେବଗଡ଼ - ଦେବଗଡ଼ |
| ୭୬ | ୧୦୯୦୨୭୬୩୫ | ଅନୀତା ଭୋଇ | ଦେବଗଡ଼ - ଦେବଗଡ଼ |
| ୭୭ | ୧୦୫୪୭୦୬୬୬ | ଚାହତ ନାୟକ | ଦେବଗଡ଼ - ଦେବଗଡ଼ |
| ୭୮ | ୧୦୬୭୨୫୬୭୮ | ଅମ୍ବିକା ପାଣିଗ୍ରାହି | ଧାନଘର - ଧାନଘର |
| ୭୯ | ୧୦୭୦୯୪୦୯୩ | କାହ୍ନୁ ଚରଣ ପ୍ରଧାନ | ଧାନଘର - ଧାନଘର |
| ୮୦ | ୧୦୮୩୯୦୮୬୭ | ଗାଜୀ ଚନ୍ଦ୍ର ଶେଖର | ଧାନଘର - ଧାନଘର |
| ୮୧ | ୧୦୧୪୩୩୯୦୬ | ପ୍ରତାପ ଜାନି | ଧାନଘର - ଧାନଘର |
| ୮୨ | ୧୦୫୨୮୯୦୬୫ | ରାହୁଲ ସେଠୀ | ଧର୍ମଗଡ଼ - ଧର୍ମଗଡ଼ |
| ୮୩ | ୧୦୮୦୬୧୯୭୪ | ଦୁସମନ୍ତ ନାୟକ | ଧର୍ମଗଡ଼ - ଧର୍ମଗଡ଼ |
| ୮୪ | ୧୦୨୨୭୯୧୫୧ | ଡମ୍ବରୁଧର ଠାକୁର | ଧର୍ମଗଡ଼ - ଧର୍ମଗଡ଼ |
| ୮୫ | ୧୦୪୨୮୨୪୨୧ | ଶାଶ୍ୱତୀ ଯୋଶୀ | ଧର୍ମଗଡ଼ - ଧର୍ମଗଡ଼ |
| ୮୬ | ୧୦୫୯୫୨୦୫୬ | ସୁବ୍ରତ ମାହୁନ୍ତ | ଢେଙ୍କାନାଳ - ଢେଙ୍କାନାଳ |
| ୮୭ | ୧୦୨୧୦୩୨୦୫ | ଅନନ୍ତ ପ୍ରଧାନ | ଡୁଙ୍ଗୁରିପାଲି - ଡୁଙ୍ଗୁରିପାଲି |
| ୮୮ | ୧୦୬୦୦୯୪୮୫୬ | ସୁରେଶ କୁମାର ନାୟକ | ଗଣେଶ୍ୱରପୁର - ଗଣେଶ୍ୱରପୁର |
| ୮୯ | ୧୦୭୪୬୭୩୧୮ | ମାନସ ମାଲା | ଗୁଆଲସିଂ - ଗୁଆଲସିଂ |
| ୯୦ | ୧୦୧୫୮୪୦୨୬ | ପ୍ରଶାନ୍ତ କୁମାର ନାୟକ | ଗୁଆଲସିଂ - ଗୁଆଲସିଂ |
| ୯୧ | ୧୦୪୩୧୨୩୧୬ | ବନିତା ପାଣିଗ୍ରାହି | ହିଞ୍ଜିଳିକାଟୁ - ହିଞ୍ଜିଳିକାଟୁ |
| ୯୨ | ୧୦୭୯୨୧୬୧୫ | ତେଲଗାନି ପୁଷ୍ପା | ହିଞ୍ଜିଳିକାଟୁ - ହିଞ୍ଜିଳିକାଟୁ |
| ୯୩ | ୧୦୯୦୪୫୬୬୩ | ଅନିଲ ପାଢ଼ୀ | ହିଞ୍ଜିଳିକାଟୁ - ହିଞ୍ଜିଳିକାଟୁ |
| ୯୪ | ୧୦୦୯୨୭୯୮୬ | ରାମକୃଷ୍ଣ ସାହୁ | ହିଞ୍ଜିଳିକାଟୁ - ହିଞ୍ଜିଳିକାଟୁ |
| ୯୫ | ୧୦୭୮୮୨୩୭୦ | ରସ୍ମିତା ରାଉଳ | ହିଞ୍ଜିଳିକାଟୁ - ହିଞ୍ଜିଳିକାଟୁ |
| ୯୬ | ୧୦୪୪୦୯୫୧୨ | ତ୍ରିନାଥ ଲୋହରା | ଜଗନ୍ନାଥପୁର - ଜଗନ୍ନାଥପୁର |
| ୯୭ | ୧୦୫୬୦୫୨୬୭ | କଲ୍ୟାଣୀ ବେହେରା | ଜଗନ୍ନାଥପୁର - ଜଗନ୍ନାଥପୁର |
| ୯୮ | ୧୦୫୮୯୬୮୦୬ | ବିଜୟ କୁମାର ସାମଲ | ପାରାଦୀପ - ଜଗତସିଂହପୁର |
| ୯୯ | ୧୦୭୦୬୦୦୪୩ | ବଟକୃଷ୍ଣ ଜେନା | ପାରାଦୀପ - ଜଗତସିଂହପୁର |
| ୧୦୦ | ୧୦୫୮୩୫୮୬୧ | ଏଲିନା ପ୍ରିୟଦର୍ଶିନୀ ପରିଡ଼ା | ପାରାଦୀପ - ଜଗତସିଂହପୁର |
| ୧୦୧ | ୧୦୨୮୫୪୦୮୧ | ସୁଜିତ କୁମାର ବେହେରା | ଜରାସିଂହା- ଜରାସିଂହା |
| ୧୦୨ | ୧୦୭୩୭୯୪୦୬ | ସଞ୍ଜୁକ୍ତା ନାଥ | ଜରାସିଂହା- ଜରାସିଂହା |
| ୧୦୩ | ୧୦୮୦୨୯୦୨୭ | ବୁଦ୍ଧିମନ୍ତ ଭୋଇ | ଜରାସିଂହା- ଜରାସିଂହା |
| ୧୦୪ | ୧୦୧୫୬୨୩୫୧ | ମହମ୍ମଦ ଏନାମୁଲ ହକ୍ | ଜୟପୁର - ଜୟପୁର |
| ୧୦୫ | ୧୦୨୮୭୪୮୬୧ | ଉମାକାନ୍ତ ସାହୁ | ସିମିଳିଗୁଡ଼ା - ଜୟପୁର |
| ୧୦୬ | ୧୦୩୪୧୨୫୮୨ | ଗୋକୁଲ ପାଲ୍ | ମାଲକାନଗିରି - ଜୟପୁର |
| ୧୦୭ | ୧୦୩୬୦୩୧୬୯ | ରାଧା କୃଷ୍ଣ ମହାପାତ୍ର | ଜୟପୁର - ଜୟପୁର |
| ୧୦୮ | ୧୦୩୭୭୯୧୧୭ | ଲାଚୁ ଭୁକିଆ | ମାଲକାନଗିରି - ଜୟପୁର |
| ୧୦୯ | ୧୦୪୨୨୦୮୯୫ | କେ ଚୈତନ୍ୟ | ଜୟପୁର - ଜୟପୁର |
| ୧୧୦ | ୧୦୪୪୨୧୪୩୭ | ରାମଚନ୍ଦ୍ର | ମାଲକାନଗିରି - ଜୟପୁର |
| ୧୧୧ | ୧୦୪୪୨୪୪୧୫ | ସଞ୍ଜୀବ ରୟ | ମାଲକାନଗିରି - ଜୟପୁର |
| ୧୧୨ | ୧୦୪୫୨୦୪୮୦ | ଖ୍ରୀଷ୍ଟୋ ଆସ୍ରିତ ଜଲାଦିତ ବାଗ୍ | ସିମିଳିଗୁଡ଼ା - ଜୟପୁର |
| ୧୧୩ | ୧୦୪୯୨୩୩୨୯ | ଡିସାରୀ ହରିବନ୍ଧୁ | ସିମିଳିଗୁଡ଼ା - ଜୟପୁର |
| ୧୧୪ | ୧୦୪୯୩୭୨୨୬ | ଶୃଜନିତା ପ୍ରଧାନ | ମାଲକାନଗିରି - ଜୟପୁର |
| ୧୧୫ | ୧୦୫୧୪୭୬୫୪ | କପିଳାଶ ପୂଜାରୀ | ନବରଙ୍ଗପୁର - ଜୟପୁର |
| ୧୧୬ | ୧୦୫୪୩୯୨୨୬ | ସୁନୀଲ ଦେଉଳପଡିଆ | ସିମିଳିଗୁଡ଼ା - ଜୟପୁର |
| ୧୧୭ | ୧୦୫୯୪୪୬୨୨ | ଜ୍ୟୋସ୍ନାରାଣି ଦାଶ | ଜୟପୁର - ଜୟପୁର |
| ୧୧୮ | ୧୦୬୦୨୭୦୧୧ | ବୁଲୁ ଦାଶ | ଜୟପୁର - ଜୟପୁର |
| ୧୧୯ | ୧୦୬୦୯୫୧୧୨ | ରେଖା ମଣ୍ଡଳ | ମାଲକାନଗିରି - ଜୟପୁର |
| ୧୨୦ | ୧୦୬୫୦୮୯୫୫ | ସନିଆ ହରିଜନ | ଜୟପୁର - ଜୟପୁର |

| କ୍ର ନଂ | ଗ୍ରାହକଙ୍କ ଆଇଡି | ଗ୍ରାହକଙ୍କ ନାମ | ଶାଖା/ସ୍ଥାନ |
|---|---|---|---|
| ୧୨୧ | ୧୦୬୬୧୬୭୫୫ | ଜଗବନ୍ଧୁ ଗଉଡ଼ | ନବରଙ୍ଗପୁର - ଜୟପୁର |
| ୧୨୨ | ୧୦୬୬୭୪୨୪୯ | ସୁଜିତ ତରଫାଦର | ମାଲକାନଗିରି - ଜୟପୁର |
| ୧୨୩ | ୧୦୬୬୯୦୪୫୧ | ସଦନ ଗଡ଼ବା | କୋଟପାଡ଼ୋ - ଜୟପୁର |
| ୧୨୪ | ୧୦୬୬୪୬୨୧୬ | ମାଧବ ଗଟନା | ଜୟପୁର - ଜୟପୁର |
| ୧୨୫ | ୧୦୬୬୪୬୨୬୮ | ପତି ଭାତରା | କୋଟପାଡ଼ୋ - ଜୟପୁର |
| ୧୨୬ | ୧୦୬୮୨୩୧୧ | ନରହରୀ ସାମରଥ | କୋଟପାଡ଼ୋ - ଜୟପୁର |
| ୧୨୭ | ୧୦୬୯୨୨୨୩୧ | ମହମ୍ମଦ ଫୈଜ ଲୀଲା | କୋଟପାଡ଼ୋ - ଜୟପୁର |
| ୧୨୮ | ୧୦୭୨୨୭୨୩୧ | ମହମ୍ମଦ କାଶୀମ ନାଥ | କୋଟପାଡ଼ୋ - ଜୟପୁର |
| ୧୨୯ | ୧୦୭୩୮୨୯୦୪ | ସୁଜିତ ଅଧିକାରୀ | ମାଲକାନଗିରି - ଜୟପୁର |
| ୧୩୦ | ୧୦୭୫୯୨୯୫୪ | ଗଙ୍ଗା ହରିଜନ | ନବରଙ୍ଗପୁର - ଜୟପୁର |
| ୧୩୧ | ୧୦୭୬୩୦୪୬୪ | ସଞ୍ଜୁକ୍ତା ଗଉଡ଼ | ଜୟପୁର - ଜୟପୁର |
| ୧୩୨ | ୧୦୭୭୭୧୩୩୮ | ବାବୁଲା ପରଜା | ଜୟପୁର - ଜୟପୁର |
| ୧୩୩ | ୧୦୮୦୨୦୫୧୫ | କୃଷ୍ଣ ହରିଜନ | କୋଟପାଡ଼ୋ - ଜୟପୁର |
| ୧୩୪ | ୧୦୮୦୭୯୭୯୨ | ନୀଳକଣ୍ଠ ମାଝୀ | ଜୟପୁର - ଜୟପୁର |
| ୧୩୫ | ୧୦୮୧୯୫୦୦୫ | ସୁଜିତ କୁମାର ମହାନନ୍ଦିଆ | ସିମିଳିଗୁଡ଼ା - ଜୟପୁର |
| ୧୩୬ | ୧୦୮୨୦୬୦୮୯ | ପ୍ରସନଜିତ କବୀରାଜ | ମାଲକାନଗିରି - ଜୟପୁର |
| ୧୩୭ | ୧୦୮୨୧୬୫୬୪ | ସଦନ ମାଛା | ଜୟପୁର - ଜୟପୁର |
| ୧୩୮ | ୧୦୮୨୯୮୫୬୧ | ସବିତା ପୂଜାରୀ | କୋଟପାଡ଼ୋ - ଜୟପୁର |
| ୧୩୯ | ୧୦୮୪୩୦୦୯୩ | ପଙ୍କଜ ଗୋଲଡର | ମାଲକାନଗିରି - ଜୟପୁର |
| ୧୪୦ | ୧୦୮୪୪୪୩୮୧ | ସୁଶିଳା କବାସି | ମାଲକାନଗିରି - ଜୟପୁର |
| ୧୪୧ | ୧୦୯୦୯୧୩୧୭ | ନାଗେଶ୍ୱରୀ ସାମରଥ | କୋଟପାଡ଼ୋ - ଜୟପୁର |
| ୧୪୨ | ୧୦୯୨୬୮୧୯୦ | ଚନ୍ଦନ ନାୟକ | କୋଟପାଡ଼ୋ - ଜୟପୁର |
| ୧୪୩ | ୧୦୨୮୦୧୧୩୯ | ଜିତେନ୍ଦ୍ର କୁମାର ଦାଶ | ସିମିଳିଗୁଡା - ଜୟପୁର |
| ୧୪୪ | ୧୦୨୮୮୬୧୩୬ | ସୁରତି ନାୟକ | ଜୟପୁର - ଜୟପୁର |
| ୧୪୫ | ୧୦୪୦୬୪୨୬୯ | ରବି ସଙ୍କର | ମାଲକାନଗିରି - ଜୟପୁର |
| ୧୪୬ | ୧୦୪୩୩୦୬୨୬ | ପାପନା ନାଥ | ମାଲକାନଗିରି - ଜୟପୁର |
| ୧୪୭ | ୧୦୬୮୨୪୬୭ | ପୃଥ୍ୱୀରାଜ ବିଶୋୟି | ନବରଙ୍ଗପୁର - ଜୟପୁର |
| ୧୪୮ | ୧୦୭୩୬୦୬୭୪ | କୃଷ୍ଣ ଚନ୍ଦ୍ର ନାୟକ | ଜୟପୁର - ଜୟପୁର |
| ୧୪୯ | ୧୦୭୩୭୫୫୬୧ | ସରମିଷ୍ଠା ଦାଶ | ସିମିଳିଗୁଡ଼ା - ଜୟପୁର |
| ୧୫୦ | ୧୦୭୬୭୦୮୫୦ | ସୋନିଆ ସୁନା | ନବରଙ୍ଗପୁର - ଜୟପୁର |
| ୧୫୧ | ୧୦୮୧୩୯୧୬୦ | ନବିନ ଭାତ୍ରା | କୋଟପାଡ଼ୋ - ଜୟପୁର |
| ୧୫୨ | ୧୦୭୧୭୬୧୮୮ | ନନ୍ଦ କିଶୋର ବାରିକ | ଯୋଡା - ଯୋଡା |
| ୧୫୩ | ୧୦୭୩୭୭୧୯୩ | ରୋମାଞ୍ଚ ବାରିକ | ଯୋଡା - ଯୋଡା |
| ୧୫୪ | ୧୦୭୬୩୨୧୯୨ | ଚାରୁଲତା ଦାସ | ଯୋଡା - ଯୋଡା |
| ୧୫୫ | ୧୦୭୬୭୭୧୩୭ | ସୁନୀତା ବାରିକ | ଯୋଡା - ଯୋଡା |
| ୧୫୬ | ୧୦୭୭୪୩୮୨୮ | ବିଶାଲ ଶର୍ମା | ଯୋଡା - ଯୋଡା |
| ୧୫୭ | ୧୦୭୯୫୦୨୨୧ | ରମେଶ ପ୍ରଧାନ | ଯୋଡା - ଯୋଡା |
| ୧୫୮ | ୧୦୯୦୪୭୯୦୭ | ସଞ୍ଜୟ ପ୍ରଧାନ | ଯୋଡା - ଯୋଡା |
| ୧୫୯ | ୧୦୯୨୪୨୮୫୪ | ରୁବି କୁମାରୀ ଚୌଧୁରୀ | ଯୋଡା - ଯୋଡା |
| ୧୬୦ | ୧୦୯୪୪୫୬୫୩ | ମହେଶ୍ୱର ମହାନ୍ତ | ଯୋଡା - ଯୋଡା |
| ୧୬୧ | ୧୦୭୩୫୦୯୮୬ | ଭୀମ ପ୍ରଧାନ | ଯୋଡା - ଯୋଡା |
| ୧୬୨ | ୧୦୭୭୪୨୭୩୫ | ରଶ୍ମିକାନ୍ତ ନାୟକ | ଯୋଡା - ଯୋଡା |
| ୧୬୩ | ୧୦୫୪୬୧୦୧୫ | ପ୍ରିୟବ୍ରତ ବାରୁଆ | କୁନାଗଡ଼ - କୁନାଗଡ଼ |
| ୧୬୪ | ୧୦୭୦୨୦୦୧୭ | କାପୁର କାଣ୍ଡ | କୁନାଗଡ଼ - କୁନାଗଡ଼ |
| ୧୬୫ | ୧୦୮୧୯୧୨୪୮ | ରିଷିରାଜ ଶର୍ମା | କୁନାଗଡ଼ - କୁନାଗଡ |
| ୧୬୬ | ୧୦୭୬୩୩୦୧୯ | ତୁଳସିରାମ ମଲ୍ଲିକ | କଣ୍ଟାବାଞ୍ଜୀ - କଣ୍ଟାବାଞ୍ଜୀ |
| ୧୬୭ | ୧୦୧୩୬୪୦୬୪ | ସନାତନ ମାହନ୍ତ | କେନ୍ଦୁଝର - କେନ୍ଦୁଝର |
| ୧୬୮ | ୧୦୨୦୫୫୮୭୧ | ଇନ୍ଦୁମତି ବେହେରା | କେନ୍ଦୁଝର - କେନ୍ଦୁଝର |
| ୧୬୯ | ୧୦୪୪୬୪୨୭୩ | ସୁବର୍ଣ୍ଣା ଜେନା | କେନ୍ଦୁଝର - କେନ୍ଦୁଝର |
| ୧୭୦ | ୧୦୬୪୦୩୯୪୧ | ଦୁସମନ୍ତ କୁମାର ନାୟକ | କେନ୍ଦୁଝର - କେନ୍ଦୁଝର |
| ୧୭୧ | ୧୦୬୮୩୧୪୨୮ | ତୁଷାର କାନ୍ତ ହାସଦା | କେନ୍ଦୁଝର - କେନ୍ଦୁଝର |
| ୧୭୨ | ୧୦୭୧୨୪୦୩୩ | ବିଷ୍ଣୁନାରାୟଣ ରାଣା | କେନ୍ଦୁଝର - କେନ୍ଦୁଝର |
| ୧୭୩ | ୧୦୮୬୯୭୪୭୬ | ରଂଜନ ବେହେରା | କେନ୍ଦୁଝର - କେନ୍ଦୁଝର |
| ୧୭୪ | ୧୦୮୮୨୫୪୦୬ | ଯଶବନ୍ତ ବାରିକ | କେନ୍ଦୁଝର - କେନ୍ଦୁଝର |
| ୧୭୫ | ୧୦୧୬୯୧୬୫୩ | କାଲାକା ସାଧୁ | ଖଲିଗୁଡ଼ା - ଖଲିଗୁଡା |
| ୧୭୬ | ୧୦୩୧୫୨୬୮୯ | ସାଇବାନୀ ହିମିରିକା | ଖଲିଗୁଡ଼ା - ଖଲିଗୁଡା |
| ୧୭୭ | ୧୦୪୪୩୪୬୧୯ | ବାବୁଜୀ ବେନିଆ | ଖଲିଗୁଡ଼ା - ଖଲିଗୁଡା |
| ୧୭୮ | ୧୦୭୦୬୫୭୭୦ | କୁଦୁର୍ଗା ପ୍ରସାଦ | ଖଲିଗୁଡ଼ା - ଖଲିଗୁଡା |
| ୧୭୯ | ୧୦୯୪୦୧୪୮୬ | ମନୋଜ ସଉରିଆ | ଖଲିଗୁଡ଼ା - ଖଲିଗୁଡା |
| ୧୮୦ | ୧୦୯୪୨୩୦୧୭ | ଅଶ୍ୱିନୀ କୁମାର ମୁନି | ଖଲିଗୁଡ଼ା - ଖଲିଗୁଡ଼ା |

| କ୍ର ନଂ | ଗ୍ରାହକଙ୍କ ଆଇଡି | ଗ୍ରାହକଙ୍କ ନାମ | ଶାଖା/ସ୍ଥାନ |
|---|---|---|---|
| ୧୮୧ | ୧୦୨୮୩୯୪୩୭ | ମହମ୍ମଦ ଏଦୁ | ଖରିଆରରୋଡ୍ - ଖରିଆରରୋଡ୍ |
| ୧୮୨ | ୧୦୬୧୪୧୦୪୧ | ସାଲିନା ବେହେରା | ଖରିଆର - ଖରିଆରରୋଡ୍ |
| ୧୮୩ | ୧୦୭୯୦୧୧୨୯ | ଗିରିଧାରୀ ହରିଜନ | ଖରିଆରରୋଡ୍ - ଖରିଆରରୋଡ୍ |
| ୧୮୪ | ୧୦୮୨୦୧୬୬୫ | କିରଣ ମେହେର | ଖରିଆର - ଖରିଆରରୋଡ୍ |
| ୧୮୫ | ୧୦୮୩୯୭୦୯୧ | ଭୀମ କାନ୍ତ ମାଝୀ | ଖରିଆରରୋଡ୍ - ଖରିଆରରୋଡ୍ |
| ୧୮୬ | ୧୦୯୧୭୧୬୦୨ | ପାନଲାଲ ସାହୁ | ଖରିଆରରୋଡ୍ - ଖରିଆରରୋଡ୍ |
| ୧୮୭ | ୧୦୯୨୯୩୬୮୯ | ଚୁଲାରାଜ ପୁଞ୍ଜୀ | ଖରିଆରରୋଡ୍ - ଖରିଆରରୋଡ୍ |
| ୧୮୮ | ୧୦୩୪୪୬୩୪୩ | ବିଶିକେଶନ ଆଦବର | ଖରିଆରରୋଡ୍ - ଖରିଆରରୋଡ୍ |
| ୧୮୯ | ୧୦୬୧୫୬୭୯୨ | ଧନଞ୍ଜୟ ସିଂ ଚୌହାନ | ଖରିଆର - ଖରିଆରରୋଡ୍ |
| ୧୯୦ | ୧୦୭୬୫୮୭୭୪ | ଭାନୁ ଆଦବର | ଖରିଆର ରୋଡ୍ - ଖରିଆର ରୋଡ୍ |
| ୧୯୧ | ୧୦୪୫୬୬୧୪୦ | ଅନୁଜ ଅଗ୍ରୱାଲ | ଖରିଆର ରୋଡ୍ - ଖରିଆର ରୋଡ୍ |
| ୧୯୨ | ୧୦୬୧୧୧୮୬୮ | ବରୁଣ କୁମାର ସାହାଣୀ | ଲାଙ୍ଗାରାସାହି - ଲାଙ୍ଗାରାସାହି |
| ୧୯୩ | ୧୦୬୭୯୨୦୦୯ | ଜିତେନ୍ଦ୍ର କୁମାର ଅମାତ | ଲାଙ୍ଗାରାସାହି - ଲାଙ୍ଗାରାସାହି |
| ୧୯୪ | ୧୦୬୧୪୯୦୫୮ | ନିମାଇ ଡିଗଲ୍ | ଲାଙ୍ଗାରାସାହି - ଲାଙ୍ଗାରାସାହି |
| ୧୯୫ | ୧୦୭୧୮୧୮୧୪ | ସତ୍ୟନାରାୟଣ ପାତ୍ର | ଲାଙ୍ଗାରାସାହି - ଲାଙ୍ଗାରାସାହି |
| ୧୯୬ | ୧୦୧୬୩୯୨୦୨ | ସୁଦୀପ୍ତ କୁମାର ମହାପାତ୍ର | ଦୁର୍ଗାପ୍ରସାଦ - ନୟାଗଡ଼ |
| ୧୯୭ | ୧୦୨୭୩୧୫୨୮ | ମନୋରଂଜନ ଦଳାଇ | ଦୁର୍ଗାପ୍ରସାଦ - ନୟାଗଡ଼ |
| ୧୯୮ | ୧୦୧୩୮୭୬୪୫ | ଗିରିଶ ଚନ୍ଦ୍ର ନାୟକ | ପାଲା - ପାଲା |
| ୧୯୯ | ୧୦୬୦୯୩୯୮୫ | ପ୍ରଭାତ କୁମାର ବେହେରା | ପାଲା - ପାଲା |
| ୨୦୦ | ୧୦୧୮୨୧୨୪୪ | ଚିତ୍ରକର୍ମ ସି ନାୟକ | ପାଲା - ପାଲା |
| ୨୦୧ | ୧୦୭୪୬୦୬୭୬ | ସଂଗ୍ରାମ ପାଲଟାସିଂହ | ପାଲା - ପାଲା |
| ୨୦୨ | ୧୦୧୮୧୨୪୭୪ | ଆଣ୍ଡ୍ରିଆ ସବର | ପାରଳାଖେମୁଣ୍ଡି - ପାରଳାଖେମୁଣ୍ଡି |
| ୨୦୩ | ୧୦୨୦୯୪୧୦୮ | କୁଣ୍ଡତିରୀ ୱାସୁ | ପାରଳାଖେମୁଣ୍ଡି - ପାରଳାଖେମୁଣ୍ଡି |
| ୨୦୪ | ୧୦୨୫୮୮୨୭୫ | ଦିବାକର ବରାଡୋ | ପାରଳାଖେମୁଣ୍ଡି - ପାରଳାଖେମୁଣ୍ଡି |
| ୨୦୫ | ୧୦୩୪୦୮୯୦୬ | ରବି କୁମାର ମହାକୁଡ଼ | ପାରଳାଖେମୁଣ୍ଡି - ପାରଳାଖେମୁଣ୍ଡି |
| ୨୦୬ | ୧୦୨୨୨୫୩୯୫ | ଲମ୍ବୋଦର ଜେନା | ପାରଳାଖେମୁଣ୍ଡି - ପାରଳାଖେମୁଣ୍ଡି |
| ୨୦୭ | ୧୦୨୩୬୦୦୩୯ | ନରେନ୍ଦ୍ର ଦଳାଇ | ପଥରପଡ଼ା - ପଥରପଡ଼ା |
| ୨୦୮ | ୧୦୭୩୯୯୮୧୫ | ରଣଜିତ କୁମାର ପୁହାଣ | ପଥରପଡ଼ା - ପଥରପଡ଼ା |
| ୨୦୯ | ୧୦୯୫୨୮୦୨୨ | ଶରତ ଚନ୍ଦ୍ର ସାହୁ | ପଥରପଡ଼ା - ପଥରପଡ଼ା |
| ୨୧୦ | ୧୦୨୨୬୫୪୭୨ | ଜାମି ଉଲହକ୍ ହାଜାରୀ | ପଥରପଡ଼ା - ପଥରପଡ଼ା |
| ୨୧୧ | ୧୦୩୮୪୯୫୮୪ | ବିଭୂତି ଭୂଷଣ ଦାସ | ପଥରପଡ଼ା - ପଥରପଡ଼ା |
| ୨୧୨ | ୧୦୪୮୩୨୦୩୯ | ସତ୍ୟଜିତ ନାୟକ | ପଥରପଡ଼ା - ପଥରପଡ଼ା |
| ୨୧୩ | ୧୦୮୫୨୪୯୬୫ | ମୀନା ମେହେର | ପାଟନାଗଡ - ପାଟନାଗଡ଼ |
| ୨୧୪ | ୧୦୭୧୨୨୦୦୮ | ସଞ୍ଜୟ କୁମାର ନାୟକ | ପୁରୀ - ପୁରୀ |
| ୨୧୫ | ୧୦୭୧୧୫୯୭୬ | ରାଜେଶ ମେକାପ | ପୁରୀ - ପୁରୀ |
| ୨୧୬ | ୧୦୭୩୩୧୧୨୨ | ଦୀପକ କୁମାର ସ୍ୱାଇଁ | ପୁରୀ - ପୁରୀ |
| ୨୧୭ | ୧୦୮୭୩୨୩୩୦ | ଜଗନ୍ନାଥ ସାମନ୍ତରାୟ | ପୁରୀ - ପୁରୀ |
| ୨୧୮ | ୧୦୯୧୫୭୦୦୫ | ସାନ୍ତୋଷ କୁମାର ଜେନା | ପୁରୀ - ପୁରୀ |
| ୨୧୯ | ୧୦୨୨୬୪୩୯୩ | ସୟଦ ମହମ୍ମଦ ସାୟଫ ନବୀ | ରଘୁନାଥପୁର - ରଘୁନାଥପୁର |
| ୨୨୦ | ୧୦୫୮୫୭୯୨ | ମନୋଜ କୁମାର ଭୋଳ | ରଘୁନାଥପୁର - ରଘୁନାଥପୁର |
| ୨୨୧ | ୧୦୬୧୧୨୪୯୧ | ଉମାକାନ୍ତ ଚମ୍ପତି | ରଘୁନାଥପୁର - ରଘୁନାଥପୁର |
| ୨୨୨ | ୧୦୨୧୫୭୬୬୫ | ଅମିତ କୁମାର ପାତ୍ର | ରାଇରଙ୍ଗପୁର - ରାଇରଙ୍ଗପୁର |
| ୨୨୩ | ୧୦୫୮୯୫୨୫୦ | ପିଙ୍କୁ ପ୍ରଧାନ | ରେଢ଼ାଖୋଲ - ରେଢ଼ାଖୋଲ |
| ୨୨୪ | ୧୦୮୫୮୧୪୭୨ | ରିତାଞ୍ଜଳି ସାବତ | ରେଢ଼ାଖୋଲ - ରେଢ଼ାଖୋଲ |
| ୨୨୫ | ୧୦୧୧୩୯୦୦୭ | ସରୋଜ କୁମାର ସାହୁ | ରେଢ଼ାଖୋଲ - ରେଢ଼ାଖୋଲ |
| ୨୨୬ | ୧୦୧୦୬୦୪୦୦ | ପ୍ରହଲ୍ଲାଦ ପୃଷ୍ଟି | ରେଢ଼ାଖୋଲ - ରେଢ଼ାଖୋଲ |
| ୨୨୭ | ୧୦୬୧୬୩୩୦୯ | ପ୍ରଦୀପ କୁମାର ନାୟକ | ରାଉରକେଲା - ରାଉରକେଲା |
| ୨୨୮ | ୧୦୯୦୧୭୬୬୪ | ବିରବର ମହାନ୍ତ | ରାଉରକେଲା - ରାଉରକେଲା |
| ୨୨୯ | ୧୦୭୫୯୯୭୬୯ | ବିବେକ ଅଗ୍ରୱାଲ | ରାଉରକେଲା - ରାଉରକେଲା |
| ୨୩୦ | ୧୦୯୨୬୮୧୬୧ | ନଟବର ଗୋଏଲ | ରାଉରକେଲା - ରାଉରକେଲା |
| ୨୩୧ | ୧୦୧୫୬୩୮୮୯ | ଚନ୍ଦନ ପାଣ୍ଡେ | ସମ୍ବଲପୁର-ସମ୍ବଲପୁର |
| ୨୩୨ | ୧୦୬୩୧୨୪୨୦ | ଦିପକ କୁମ୍ଭାର | ସମ୍ବଲପୁର - ସମ୍ବଲପୁର |
| ୨୩୩ | ୧୦୭୪୪୬୮୦୯ | ଆଲେମା ଖାତୁନ | ସମ୍ବଲପୁର - ସମ୍ବଲପୁର |
| ୨୩୪ | ୧୦୬୬୧୨୪୬୫ | ସୁରେଶ ପଟେଲ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |
| ୨୩୫ | ୧୦୬୮୧୫୩୪୫ | ମାଗାଡାଲି କୁଲୁ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |
| ୨୩୬ | ୧୦୮୮୫୧୫୯୯ | ସାନ୍ତୋଶିନି ଭୈଶାଲ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |
| ୨୩୭ | ୧୦୮୮୬୮୬୪୨ | କେଶବ ସେଠ୍ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |
| ୨୩୮ | ୧୦୯୨୪୬୮୪୬ | କୁଲି ଟପୋ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |
| ୨୩୯ | ୧୦୧୮୮୬୭୪ | ସସ୍ମିତା ସାହୁ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |
| ୨୪୦ | ୧୦୯୦୯୧୧୫୮ | ଦିଲୀପ କୁମାର ବାରିକ | ସୁନ୍ଦରଗଡ଼ - ସୁନ୍ଦରଗଡ଼ |

ଏହି ପ୍ରକାଶନ ମାଧ୍ୟମରେ ସମ୍ପର୍କିତ ଋଣଗ୍ରହୀତାମାନେ/ବନ୍ଧକ ଦେଇଥିବା ବ୍ୟକ୍ତିମାନେ ଏତଦ୍‌ଦ୍ୱାରା ଅନ୍ତିମ ସୂଚନା ଏବଂ ସୁଯୋଗ ଦିଆଯାଉଛି ଯେ ସେମାନେ ବନ୍ଧକ ମୁକୁଳାଇବା ପାଇଁ ସମ୍ପୂର୍ଣ୍ଣ ରାଶି ଏହା ସହିତ ସମସ୍ତ ସୁଧ ଏବଂ ଚାର୍ଜେସ୍ ନିର୍ଦ୍ଧାରିତ ତାରିଖରେ ନିଲାମ ପରିଚାଳନା ହେବା ପୂର୍ବରୁ ଯେକୌଣସି ଉପାୟରେ ପ୍ରଦାନ କରିବେ। ଯେଉଁ ସାମଗ୍ରୀଗୁଡ଼ିକ ସର୍ବୋଚ୍ଚ ନିଲାମଧାରୀଙ୍କୁ ନିର୍ଦ୍ଧାରିତ ନିଲାମ ତାରିଖରେ ନିଲାମ କରାଯାଇନଥିବ ସେଗୁଡ଼ିକ ପୁନର୍ବାର ସୂଚନା ପ୍ରଦାନ କରାନଯାଇ ଯେକୌଣସି ଅନ୍ୟଦିନ (ଗୁଡ଼ିକ)ରେ ନିଲାମ କରାଯିବାର ବ୍ୟାଙ୍କର ଅଧିକାର ଅଛି । ନିଲାମରେ ଅଂଶ ଗ୍ରହଣ କରିବା ଏବଂ ନିଲାମଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ଡିସିବି ବ୍ୟାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି। ଏହା ସୂଚାଇ ଦିଆଯାଉଛି ଯେ, ଏହା ଋଣଗ୍ରହୀତାମାନଙ୍କୁ ଅନ୍ତିମ ସୂଚନା ଏବଂ ଏଥିନିମନ୍ତେ ଏହାପରେ ଅଳଙ୍କାର ନିଲାମ ନିମନ୍ତେ କୌଣସି ବିଜ୍ଞପ୍ତି ଦିଆଯିବ ନାହିଁ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ନିଲାମ ''ଯେଉଁଠାରେ ଅଛି ଆଧାରରେ'', ''ଯାହା ଅଛି ଆଧାରରେ'', ''ସେଥିରେ ଯାହା ଅଛି'' ଏବଂ ''ଅପରିବର୍ତ୍ତିତ ଆଧାରରେ'' ପରିଚାଳିତ ହେବ ଏବଂ ଡିସିବି ବ୍ୟାଙ୍କ ଅଳଙ୍କାରଗୁଡ଼ିକ ନିମନ୍ତେ କୌଣସି ଦାବି, ବିବାଦ, ଅଭିଯୋଗ କିମ୍ବା ନିଲାମ ସମ୍ବନ୍ଧରେ କୌଣସି ପ୍ରକାରେ ଦାୟୀ ରହିବେ ନାହିଁ।

ସ୍ୱା/-
ତାରିଖ : ୧୭.୦୭.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ଡିସିବି ବ୍ୟାଙ୍କ ଲିମିଟେଡ୍

# ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ 'ପ୍ରକଳ୍ପ ପ୍ରେରଣା'ର ଶୁଭାରମ୍ଭ

ରେଙ୍ଗାଲି,୧୬।୭(ନିପ୍ର): ସ୍ୱତନ୍ତ୍ର ଆବଶ୍ୟକତାସମ୍ପନ୍ନ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ କରିବା ସହ ସେମାନଙ୍କ ଜୀବନକୁ ଅଧିକ ସ୍ୱାବଲମ୍ବୀ ଓ ସମ୍ମାନଜନକ କରିବା ଲକ୍ଷ୍ୟ ରେ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ 'ସେବା' ଏନଜିଓର ସହଯୋଗରେ 'ପ୍ରକଳ୍ପ ପ୍ରେରଣା' ନାମକ ସମନ୍ୱିତ ପୁନର୍ବାସ ଓ ବୃତ୍ତିମୂଳକ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରାଯାଉଛି। ସମାବେଶୀ, ସମ୍ବେଦନଶୀଳ ଓ ସହାନୁଭୂତିଶୀଳ ସମାଜ ଗଠନ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ।ଏହି ପ୍ରକଳ୍ପ ମାଧ୍ୟମରେ ସ୍ୱତନ୍ତ୍ର ଆବଶ୍ୟକତାସମ୍ପନ୍ନ ଶିଶୁମାନଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପୁନର୍ବାସ ସେବା, ଫିଜିଓଥେରାପି, ସ୍ପିଚ୍ ଥେରାପି, ଅକ୍ୟୁପେସନାଲ ଥେରାପି, ବୃତ୍ତିମୂଳକ ପ୍ରଶିକ୍ଷଣ ସହ ବିଭିନ୍ନ ପ୍ରକାରର ସମନ୍ୱିତ ସହାୟତା ପ୍ରଦାନ କରାଯିବ। ଏହାଦ୍ୱାରା ସେମାନଙ୍କର ଦକ୍ଷତା ଓ ଆତ୍ମବିଶ୍ୱାସର ବିକାଶ ଘଟିବା ସହ ସେମାନେ ସ୍ୱାବଲମ୍ବୀ ଓ ସମ୍ମାନଜନକ ଜୀବନଯାପନ ପାଇଁ ସକ୍ଷମ ହେବେ। ଉଦ୍‌ଘାଟନ ସମାରୋହ ରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଉପସଚିବ ତଥା ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ଓଏଏସ୍ ଅଧିକାରୀ ସନ୍ନ୍ୟାସୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେବେ।




ସେହିପରି ଆଦିତ୍ୟ ଆଲୁମିନିୟମର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ଗ୍ରୁପ୍ ସିଏସ୍‌ଆର୍ ମୁଖ୍ୟ ଅଭିଜିତ ରାଜୁ, କ୍ଲଷ୍ଟର ସିଏସଆର୍ ମୁଖ୍ୟ ଶିବ ମହାପାତ୍ର, ସିଏସଆର୍ ମୁଖ୍ୟ ରବି ନିୱାସ, ଉପପ୍ରବନ୍ଧକ ମନୋରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରୀ ଚନ୍ଦ୍ର ପାଣି, ବ୍ଲକ ଶିକ୍ଷା ଅଧିକାରୀ ସପ୍ତଶ୍ରୀ ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନିକା ବହିଧର, ସମ୍ବଲପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅନ୍ତର୍ଯ୍ୟାମୀ ପାଣି, 'ସେବା' ଏନଜିଓର ସମ୍ପାଦକ ଅମରେନ୍ଦ୍ର ଦାସ, ସିଏସଆର୍ ଟିମ୍ ସଦସ୍ୟବୃନ୍ଦ, ବହୁ ବିଶିଷ୍ଟ ଅତିଥି ଏବଂ ହିତାଧିକାରୀ ଉପସ୍ଥିତ ରହିବେ। ଆଦିତ୍ୟ ଆଲୁମିନିୟମ ପକ୍ଷରୁ କୁହାଯାଇଛି ଯେ, 'ପ୍ରେରଣା' କେବଳ ଏକ ପ୍ରକଳ୍ପ ନୁହେଁ, ବରଂ ସ୍ୱତନ୍ତ୍ର ଆବଶ୍ୟକତାସମ୍ପନ୍ନ ଶିଶୁମାନଙ୍କ ସ୍ୱପ୍ନ, ସମ୍ଭାବନା ଓ ସମ୍ମାନକୁ ନୂଆ ପରିଚୟ ଦେବାର ଏକ ମାନବିକ ପ୍ରୟାସ। ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ବିକାଶ ଓ ସଫଳତାର ସମାନ ସୁଯୋଗ ପ୍ରଦାନ କରି ଏକ ସମାବେଶୀ ସମାଜ ଗଠନ ପାଇଁ ସଂସ୍ଥା ତାହାର ସାମାଜିକ ଦାୟିତ୍ୱକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିବଦ୍ଧ ବୋଲି ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି।

# ଯାତ୍ରୀ ସେବା ସ୍ୱଚ୍ଛ ଭାରତ ଅଭିଯାନ

କାକଟପୁର ୧୬/୭ ପବିତ୍ର ଶ୍ରୀ ଗୁଣ୍ଡିଚା ରଥ ଯାତ୍ରା ଉପଲକ୍ଷେ ବହୁ ମୁଖି ଯୁବ ସମନ୍ୱିତ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପ୍ରାୟ ଭକ୍ତଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଓ ଟାଟା ଗ୍ଲୁକୋଜ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏହା ସହିତ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ ଆୟୋଜନ କରାଯାଇଥିଲା।ଏହି ସେବା କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସଭାପତି ସୁଶାନ୍ତ କୁମାର ପରିଡ଼ା, ପୁରୀ ଜିଲ୍ଲା ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ସହ ସମ୍ପାଦକ ବିଚିତ୍ର କୁମାର ଓଝା, କାର୍ଯ୍ୟକାରିଣୀ ସମ୍ପାଦକ ରମାକାନ୍ତ ସ୍ୱାଇଁ, ଅତୁଲ୍ୟ କୁମାର ଜେନା, ଶୁଭାଶିଷ ମିଶ୍ର, ବବୁଲୁ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ହୃଷୀକେଶ ସ୍ୱାଇଁ ଏବଂ ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

# ରଥଯାତ୍ରା ଅବସରରେ
# ନେଟୱର୍କ ପ୍ରସ୍ତୁତିକୁ ସୁଦୃଢ଼ କରିଛି ଏୟାରଟେଲ

ଭୁବନେଶ୍ୱର,୧୬।୭(ନିପ୍ର): ଦେଶର ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ ଭାରତୀ ଏୟାରଟେଲ (ଏୟାରଟେଲ) ପୁରୀ ରଥଯାତ୍ରା ଉପରେ ବିଶେଷ ଧ୍ୟାନ ଦେଇ ଓଡ଼ିଶାରେ ଏକ ବ୍ୟାପକ ନେଟୱର୍କ ଉନ୍ନତିକରଣ କାର୍ଯ୍ୟକ୍ରମର ସଫଳ ସମାପ୍ତି ଘୋଷଣା କରିଛି।ପର୍ବ ସମୟରେ କଲ୍ ଓ ଡାଟା ଟ୍ରାଫିକ୍‌ରେ ଉଲ୍ଲେଖନୀୟ ବୃଦ୍ଧି ହେଉଥିବାରୁ ଏୟାରଟେଲ ପୁରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ସଡ଼କ ଓ ରେଳ ଯୋଗାଯୋଗ ମାର୍ଗକୁ ଅନ୍ତର୍ଭୁକ୍ତ କରିଛି। ଫଳରେ ପୁରୀରେ ନେଟୱର୍କ ଭିତ୍ତିଭୂମିକୁ ସୁଦୃଢ଼ ହୋଇଛି। ଏହି ଉନ୍ନତିକରଣଗୁଡ଼ିକ ସମସ୍ତ ୫ଜି ସହିତ ସଜ୍ଜିତ, ନେଟୱର୍କ ଚାହିଦାରେ ସମ୍ଭାବିତ ବୃଦ୍ଧିକୁ ପ୍ରଭାବୀ ଭାବେ ପରିଚାଳନା କରିବ। ଜନସମାଗମର ଶୀର୍ଷ ସମୟରେ ହାଇସ୍ପିଡ୍ ଡାଟା ସେବା ସହିତ ନିରବଚ୍ଛିନ୍ନ କଲ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ କରାଯାଇଛି।ବିଗତ ୧୨ ମାସ ମଧ୍ୟରେ କମ୍ପାନୀ ରାଜ୍ୟବ୍ୟାପୀ ୧,୫୦୦ରୁ ଅଧିକ ନୂତନ ୫ଜି ସାଇଟ୍ ସ୍ଥାପନ କରିଛି, ଯାହା ୩୦ ଜିଲ୍ଲାରେ ନିଜ ନେଟୱର୍କ ବ୍ୟାପ୍ତିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ମଜଭୁତ କରିଛି ଏବଂ ୧୧ ନିୟୁତରୁ ଅଧିକ ଗ୍ରାହକଙ୍କ ପାଇଁ ନିର୍ଭରଯୋଗ୍ୟ ହାଇସ୍ପିଡ୍ ସଂଯୋଗ ସମ୍ଭବ କରିଛି।ପୁରୀ ରଥଯାତ୍ରାରେ ସର୍ବାଧିକ ଜନସମାଗମ ହୋଇଥାଏ। ଏହା ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକୃଷ୍ଟ କରେ। ଭାରତୀ ଏୟାରଟେଲର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଅଭିରୂପ ଚାଟାର୍ଜୀ କହିଛନ୍ତି, ଆମେ ପୁରୀ ଏବଂ ପ୍ରମୁଖ ଯାତ୍ରା ମାର୍ଗଗୁଡ଼ିକରେ ବ୍ୟାପକ ନେଟୱର୍କ ଉନ୍ନତିକରଣ ଶେଷ କରିଛୁ। ଏହି ନିବେଶଗୁଡ଼ିକ ଉତ୍ସବ ସମୟରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଏକ ନିର୍ଭରଯୋଗ୍ୟ, ଦୃଢ଼ ଏବଂ ଉତ୍ତମ ନେଟୱର୍କ ଅଭିଜ୍ଞତା ପ୍ରଦାନ କରିବାକୁ ଏୟାରଟେଲର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରେ। ଏୟାରଟେଲ ଓଡ଼ିଶା ₹୩୯୯ ରୁ ଆରମ୍ଭ ହେଉଥିବା ଫୁଲି ଅନଲିମିଟେଡ୍ ପ୍ୟାକ୍ ଲଞ୍ଚ କରିଛି, ଯେଉଁଥିରେ ସମସ୍ତ ପ୍ରିପେଡ୍ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଅସୀମିତ ୪ ଓ ୫ ଡାଟା ଏବଂ କଲ୍ ରହିଛି।

# ଓଡ଼ିଶାର ୭ ସମେତ ୭୫ ଅମୃତ ଭାରତ ଷ୍ଟେସନ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ସମ୍ବଲପୁର, ୧୬।୭ (ନିପ୍ର): ରାଜ୍ୟରେ ରେଳ ଭିତ୍ତିଭୂମିର ଆଧୁନିକୀ କରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଆସନ୍ତା କାଲି (ଶୁକ୍ରବାର, ୧୭ ଜୁଲାଇ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କରିବେ । ଏହି ମେଗା ପ୍ରକଳ୍ପରେ ଓଡ଼ିଶାର ୭ଟି ପ୍ରମୁଖ ଷ୍ଟେସନ ଯଥା ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼ ସାମିଲ ରହିଛି, ଯାହାର ନବକଳେବର ହୋଇଛି।କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନ ରେ ଏହି ଷ୍ଟେସନ ଗୁଡ଼ିକୁ ବିଶ୍ୱସ୍ତରୀୟ, ସମାବେଶୀ ଏବଂ ଭବିଷ୍ୟତର ଆବଶ୍ୟକତା କୁ ଚାହିଁ ବିକଶିତ କରାଯାଇଛି। ଓଡ଼ିଶାର ଏହି ୭ଟି ଷ୍ଟେସନର ନବୀକରଣ ପାଇଁ ପ୍ରାୟ ୧୦୯ କୋଟି ଟଙ୍କା ବ୍ୟୟ କରାଯାଇଛି। ସ୍ଥାନୀୟ ଐତିହ୍ୟକୁ ବଜାୟ ରଖିବା ସହ ଯାତ୍ରୀ ମାନଙ୍କୁ ଆଧୁନିକ ସେବା ଯୋଗାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ।ଯାତ୍ରୀଙ୍କ ସୁବିଧା ପାଇଁ ଆକର୍ଷଣୀୟ ନୂଆ



ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣ ପାଇଁ ପ୍ରବେଶ ପଥକୁ ପ୍ରଶସ୍ତ କରା ଯାଇଛି। ଷ୍ଟେସନ ଗୁଡ଼ିକ ରେ ଲିଫ୍ଟ ସୁବିଧା ସହ ୧୨ ମିଟର ଚଉଡ଼ାର ପାଦଚଲା ପୋଲ ନିର୍ମାଣ କରା ଯାଇଛି, ଯାହା ଦ୍ୱାରା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାନେ ସହଜ ରେ ଯାତାୟାତ କରିପାରିବେ। ଯାତ୍ରୀଙ୍କ ଆରାମଦାୟକ ଯାତ୍ରା ପାଇଁ ପ୍ଲାଟଫର୍ମ ଗୁଡ଼ିକ ରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷା ଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି। ଏହାସହ ଷ୍ଟେସନ ବାହାରେ ଗହଳି ନିୟନ୍ତ୍ରଣ କରିବା ପାଇଁ ପାର୍କିଂ ଜାଗାକୁ ଅଧିକ ପ୍ରଶସ୍ତ ଓ ବ୍ୟବସ୍ଥିତ କରାଯାଇଛି। ଏହି ନବୀକରଣର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଷ୍ଟେସନ ଗୁଡ଼ିକର ସୁନ୍ଦର କଳାକୃତି। ପ୍ରତ୍ୟେକ ଷ୍ଟେସନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଦେଖିବାକୁ ମିଳିବ। ଏଥିରେ ସ୍ଥାନୀୟ ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଏବଂ ଆଦିବାସୀ କଳାର ଚିତ୍ର ସ୍ଥାନ ପାଇଛି, ଯାହା ଓଡ଼ିଶାର ଗୌରବମୟ ପରିଚୟକୁ ପ୍ରଦର୍ଶିତ କରିବ। ଏହି ସାତଟି ଷ୍ଟେସନର ପୁନଃବିକାଶ ଭାରତୀୟ ରେଳବାଇର ଓଡ଼ିଶାର ସାମଗ୍ରିକ ସାମାଜିକ ଅର୍ଥନୈତିକ ବିକାଶ ରେ ଯୋଗଦାନ ଦେବା ସହିତ ନିରାପଦ, ଆଧୁନିକ, ଅନ୍ତର୍ଭୁକ୍ତ ଏବଂ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ପାଇଁ ଚାଲିଥିବା ପ୍ରୟାସରେ ଆଉ ଏକ ମାଇଲଖୁଣ୍ଟ।

# ପୁରୀରେ ସୌର ରଥର ଜନସଚେତନତା

**ଭୁବନେଶ୍ୱର,୧୬।୭(ନିପ୍ର):** ସୌର ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପ୍ରଥମ ସୌର ରଥ ପୁରୀ ସହର ପରିକ୍ରମା କରିଛି। ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାକୁ ପ୍ରୋତ୍ସାହିତ କରିବା ଏବଂ ଉପଭୋକ୍ତାମାନଙ୍କୁ ରୁଫ୍‌ଟପ୍ ସୋଲାର ଲଗାଇବାକୁ ଉତ୍ସାହିତ କରିବା ପାଇଁ ଏହା ଏକ ସଚେତନତା ଅଭିଯାନ । ଏହି ଅଭିଯାନର ଏକ ଅଂଶ ଭାବରେ ସୌର ରଥ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପୁରୀ ସହରରେ ପିଏମ୍ ସୂର୍ଯ୍ୟ ଘର ବିଷୟରେ ସଚେତନତା ବାଣ୍ଟିଛି। ଏହାପରେ କୋଣାର୍କ, କାକଟପୁର, ନିମାପଡ଼ା , ପିପିଲି, ସାକ୍ଷୀଗୋପାଳ, ଚନ୍ଦନପୁର, କଣାସ ଓ ବ୍ରହ୍ମଗିରି ପରିକ୍ରମା କରିବ।ଏହି ସୌର ରଥ ବିଭିନ୍ନ ଗ୍ରାମ, ବଜାର ଏବଂ ପ୍ରମୁଖ ସର୍ବସାଧାରଣ ସ୍ଥାନଗୁଡ଼ିକ ସମେତ ଜିଲ୍ଲା ପରିକ୍ରମା କରିବ । ଯେଉଁଠାରେ ଉପଭୋକ୍ତାମାନେ ସୋଲାର ସାଙ୍ଗଙ୍କ ସହିତ କଥାବାର୍ତ୍ତା କରିପାରିବେ ଏବଂ ରୁଫ୍‌ଟପ୍ ସୋଲାର ଆପଣାଇବା ପାଇଁ ମାର୍ଗଦର୍ଶନ ପାଇପାରିବେ। ଏହିଭଳି ଏକ ପଦକ୍ଷେପ ମାଧ୍ୟମରେ,




ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କ ସହ ସମ୍ପର୍କକୁ ଅଧିକ ମଜଭୁତ କରିବା ସହିତ ଅକ୍ଷୟ ଶକ୍ତିର ପ୍ରସାର ଏବଂ ଏକ ସ୍ୱଚ୍ଛ ଓ ଶକ୍ତିସୁରକ୍ଷିତ ଓଡ଼ିଶା ଗଠନ ପାଇଁ ସରକାରଙ୍କ ଦୂରଦୃଷ୍ଟିକୁ ସମର୍ଥନ ଜାରି ରଖିଛି।ଏହି ଅଭିଯାନ ସହିତ ସୋଲାର ସାଙ୍ଗ ଦୁଇ ଜଣ ମଧ୍ୟ ରହିଛନ୍ତି, ଏହି ଦୁଇ ସ୍ଥାନୀୟ ଲୋକମାନଙ୍କୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ବିଷୟରେ ଶିକ୍ଷା ଦେଉଛନ୍ତି। ରୁଫ୍‌ଟପ୍ ସୋଲାର ଲଗାଇବାର ଲାଭ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବସିଡି, ଯୋଗ୍ୟତା ମାପଦଣ୍ଡ ଏବଂ ଆବେଦନ ପ୍ରକ୍ରିୟା ବିଷୟରେ ଲୋକଙ୍କୁ ସଚେତନ କରାଉଛନ୍ତି । ଏହା ସହିତ ଉପଭୋକ୍ତାମାନେ ଯେପରି ନିଜ ବିଦ୍ୟୁତ ଆବଶ୍ୟକତା ଅନୁଯାୟୀ ସର୍ବୋତ୍ତମ ବିକଳ୍ପ ବାଛିପାରିବେ, ସେଥିପାଇଁ ୧ କିଲୋୱାଟ୍ ୟୁଏଲଏ ମଡେଲ୍ ସହିତ ବିଭିନ୍ନ ରୁଫ୍‌ଟପ୍ ସୋଲାର ସଲ୍ୟୁସନ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି। ଏହାର ଲକ୍ଷ୍ୟ ହେଉଛି ରୁଫ୍‌ଟପ୍ ସୋଲାର ବିଷୟରେ ନିର୍ଭରଯୋଗ୍ୟ ତଥ୍ୟକୁ ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବା, ଯାହାଦ୍ୱାରା ପରିବାରଗୁଡ଼ିକ ବିଦ୍ୟୁତ ବିଲ୍ କମାଇ ପାରିବେ, ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିପାରିବେ ଏବଂ ଏକ ସୁଦୃଢ଼ ଭବିଷ୍ୟତ ଗଠନରେ ଯୋଗଦାନ ଦେଇପାରିବେ। ଗ୍ରାମ ପରିଦର୍ଶନ, ସମ୍ପ୍ରଦାୟ ସହିତ ଆଲୋଚନା ଏବଂ ସଚେତନତା ଶିବିର ମାଧ୍ୟମରେ ଟିପିସିଓଡିଏଲ୍ ଭାରତ ସରକାରଙ୍କ ଏହି ପ୍ରମୁଖ ରୁଫ୍‌ଟପ୍ ସୋଲାର କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକଙ୍କ ଭାଗୀଦାରୀକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛି।

# ସିପେଟରେ ବିଶ୍ୱ ଯୁବ କୌଶଳ ଦିବସ

**ଭୁବନେଶ୍ୱର,୧୬।୭(ନିପ୍ର):** ଗତ ବୁଧବାର ଦିନ ସିପେଟ୍ ସିଏସ୍‌ଟିଏସ୍‌ରେ ବିଶ୍ୱ ଯୁବ କୌଶଳ ଦିବସ ଅନୁଷ୍ଠିତ ହୋଇଯାଇଛି। ମଞ୍ଚେଶ୍ୱର ସ୍ଥିତ ଏହି ଶିକ୍ଷା ଅନୁଷ୍ଠାନରେ ମୁଖ୍ୟତଃ ବେକାରୀ ସମସ୍ୟାରେ ଜୁଝୁଥିବା ଯୁବକଯୁବତୀମାନଙ୍କୁ ସ୍ୱଳ୍ପ ମିଆଦୀ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ଦିଆଯାଉଛି।ସୁଚନାଯୋଗ, ସିପେଟ୍ ମୁଖ୍ୟ ଜୟନ୍ତ କୁମାର ଦାସଙ୍କ ପ୍ରେରଣାରେ ଓଡିଶା ତଥା ଓଡିଶା ବାହାର ରାଜ୍ୟରୁ ଆସି ତାଲିମ୍ ନେଉଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ବିଶ୍ୱ ଯୁବ କୌଶଳ ଦିବସ ପାଳନ କରାଯାଇଥିଲା।ଏହି ଅବସରରେ, ଛାତ୍ରଛାତ୍ରୀମାନେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦକ୍ଷତାଭିତ୍ତିକ



ବିଭିନ୍ନ ପ୍ରତିଯୋଗିତା ଯଥା ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ପ୍ରଶ୍ନୋତ୍ତରି–ଖଣ୍ଡ ଆଦିରେ ବହୁ ସଂଖ୍ୟାରେ ଭାଗ ନେଇଥିଲେ। ଦିବସର ସମାପନ ସମାରୋହରେ ଆଞ୍ଚଳିକ ନିର୍ଦ୍ଦେଶକ ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତାର ଉପନିର୍ଦ୍ଦେଶକ ସଙ୍କେତ ବସନ୍ତ ସିଂନ୍ଧେ ଏବଂ ରାଷ୍ଟ୍ରୀୟ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାନର ଉପ–ନିର୍ଦ୍ଦେଶକ ଅରୁଣ କୁମାର ଗୁପ୍ତା ଅତିଥି ରୂପେ ଯୋଗ ଦେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରି ସମ୍ମାନୀତ କରିଥିଲା। ଉଲ୍ଲେଖନୀୟ ଯେ ଓଡିଶା ସରକାରଙ୍କର ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି କାର୍ଯ୍ୟାଳୟ, ସୁନ୍ଦରଗଡ ତରଫରୁ ମଧ୍ୟ ସୁନ୍ଦରଗଡରେ ଅନୁରୂପ ଭାବେ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଯେଉଁଥିରେ ସୁନ୍ଦରଗଡ ଜିଲ୍ଲାର ଦକ୍ଷତା ବିକାଶ ତାଲିମ କେନ୍ଦ୍ରଗୁଡିକ ସହ ରାଉରକେଲା ବିପିୟୁଟି ସ୍ଥିତ ସିପେଟର ସ୍କିଲ ଶାଖା ମଧ୍ୟ ଭାଗନେଇଥିଲା। ଏଥି ମଧ୍ୟରୁ ସିପେଟର ଏହି ସ୍କିଲ ଶାଖା କଳା ଓ ହସ୍ତଶିଳ୍ପରେ ଏବଂ ରଙ୍ଗୋଲି ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ।ସିପେଟର କୃତୀ ଛାତ୍ରମାନଙ୍କ ପାଇଁ ସବୁ ମହଲରୁ ଏବେ ଶୁଭେଚ୍ଛାର ସୁଅ ଛୁଟୁଛି।

# ୩୬ ଜଣିଆ ଟ୍ରାଫିକ ୟୁନିଟ କାର୍ଯ୍ୟକ୍ଷମ

ରାଇରଙ୍ଗପୁର, ୧୬/୭(ନିପ୍ର): ରାଇରଙ୍ଗପୁର ନୂତନ ପୋଲିସ ଜିଲ୍ଲାରେ ଟ୍ରାଫିକ ୟୁନିଟର କାର୍ଯ୍ୟକ୍ଷମକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀ ନବ ଚରଣ ମାଝୀ ଓ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଶ୍ରୀ ଜଲେନ ନାଏକ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜିତ କୁମାର, ଉପଜିଲ୍ଲାପାଳ ଶ୍ରୀ ଉଗ୍ରେସନ ଓରାମ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ଜେନା,ଶ୍ରୀମତୀ ମମତା ସାହୁ, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ବୀରେନ୍ଦ୍ର ସେନାପତି,




ଟାଉନ ଥାନା ଆଇ ଆଇ ସି ଶ୍ରୀ ରଞ୍ଜନ ସେଠୀ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଶକୁନ୍ତଳା ହାଁସଦା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଶ୍ରୀମତୀ ଚିନ୍ମୟୀ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ପୋଲିସ ବିଭାଗର ପଦାଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।ସ୍ଥାନୀୟ ଦୁର୍ଗା ମଣ୍ଡପ ଠାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହାପରେ ଜନସାଧାରଣଙ୍କ ଉଦେଶ୍ୟରେ ସଚେତନତା ବାର୍ତ୍ତା ସହ ଉକ୍ତ ଟ୍ରାଫିକ ୟୁନିଟ ଦୁର୍ଗାମଣ୍ଡପ ଠାରୁ ବାହାରି ରଥଦାଣ୍ଡ ଦେଇ ସହର ପରିକ୍ରମା କରିଥିଲେ।ଏହି ଅବସରରେ ସାଂସଦ କହିଥିଲେ ରାଇରଙ୍ଗପୁର ଅଂଚଳବାସୀଙ୍କ ବହୁ ଦିନର ଦାବି ପୂରଣ ହେଲା। ଗୁରୁବାର ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ୩୬ ଜଣିଆ ଟ୍ରାଫିକ ୟୁନିଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଏହା ଆଗାମୀ ସମୟରେ ଅଂଚଳବାସୀଙ୍କ ପାଇଁ ନିଶ୍ଚିତ ଭାବେ ସହାୟକ ହେବ।

# ରଥଯାତ୍ରାରେ ରିଲାଏନ୍ସର ବ୍ୟାପକ ସେବା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୭(ନିପ୍ର): ରଥଯାତ୍ରା ପାଇଁ ପୁରୀରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାବେଶ ଘଟୁଥିବାରୁ ରିଲାଏନ୍ସ ପୁରୀ ପ୍ରଶାସନ ମିଳିତ ଭାବେ ବ୍ୟାପକ ସେବା କାର୍ଯ୍ୟକ୍ରମ ଆରମ୍ଭ କରିଛି। 'ପୁରୀ ରଥଯାତ୍ରା ସେବା ୨୦୨୬' ଅଭିଯାନ ମାଧ୍ୟମରେ ତୀର୍ଥଯାତ୍ରୀ, ଆଗଧାଡ଼ିର କର୍ମଚାରୀ ଏବଂ ସହର ପ୍ରଶାସନକୁ ସହଯୋଗ ପ୍ରଦାନ କରାଯାଉଛି। ଏହି ପଦକ୍ଷେପର ମୁଖ୍ୟ ଆକର୍ଷଣ ହେଉଛି 'ଅନ୍ନ ସେବା', ଯେଉଁଥିରେ ୧୫ରୁ ୨୭ ଜୁଲାଇ ପର୍ଯ୍ୟନ୍ତ ତୀର୍ଥଯାତ୍ରୀ ଓ




କର୍ତ୍ତବ୍ୟରତ କର୍ମଚାରୀଙ୍କୁ ମାଗଣା ସାତ୍ତ୍ୱିକ ଭୋଜନ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯିବ। ଏହା ସହିତ ୫୦ କିଲୋମିଟରରୁ ଅଧିକ ପ୍ରମୁଖ ତୀର୍ଥପଥରେ ପ୍ରାୟ ୯୦ଟି ପୋଲିସ ସହାୟତା ପୋଷ୍ଟ ସ୍ଥାପନ କରାଯାଇଛି। ସ୍ୱେଚ୍ଛାସେବୀମାନେ ଭକ୍ତଙ୍କୁ ମାର୍ଗଦର୍ଶନ, ପରିମଳ ବଜାୟ ରଖିବା ଓ ସଚେତନତା ସୃଷ୍ଟିରେ ସହଯୋଗ କରିବେ। ସେବା କାର୍ଯ୍ୟର ଯୋଜନା, ନିରୀକ୍ଷଣ ଓ ସମନ୍ୱୟ ପାଇଁ ଜିଆଇଏସ୍‌ଆଧାରିତ ଟେକ୍ ପ୍ଲାଟଫର୍ମ ମଧ୍ୟ ବ୍ୟବହୃତ ହେଉଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଏମ୍ ଅମ୍ବାନୀ କହିଛନ୍ତି– ମାନବ ସେବା ହିଁ ଭଗବାନଙ୍କ ସେବା। ରଥଯାତ୍ରା ସମୟରେ ଭକ୍ତ ଓ ଆଗଧାଡ଼ିର କର୍ମଚାରୀଙ୍କ ସେବା କରିବା ଆମ ପାଇଁ ସୌଭାଗ୍ୟର ବିଷୟ। ରିଲାଏନ୍ସର ଏହି ପଦକ୍ଷେପ ରଥଯାତ୍ରାକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସୁବିଧାଜନକ କରିବା ସହିତ ପ୍ରଶାସନର ପ୍ରୟାସକୁ ମଧ୍ୟ ସୁଦୃଢ଼ କରିବ।

# ଅଧା ବାଟରେ ଅଟକିଲେ ୩ ଠାକୁର


ଠାକୁରମୁଣ୍ଡା,୧୬।୭(ନି.ପ୍ର ):୧ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାରେ ଅନୁଷ୍ଠିତ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି।ଗୁରୁବାର ୩ ଠାକୁରଙ୍କ ନୀତି କାନ୍ତି ଶେଷ ହେବା ପରେ ଝିପି ଝିପି ହୋଇ ପ୍ରବଳ ବର୍ଷା ଯୋଗୁଁ ଅପରାହ୍ଣ ପ୍ରାୟ ୪.୫୦ ମିନିଟ ସମୟରେ ଛେରାପହଁରା ଆରମ୍ଭ ହୋଇଥିଲା।ଠାକୁର ରାଜା ଭାବେ ବସନ୍ତ କୁମାର ପଇକର୍ତ୍ତି ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ।ରବୀନ୍ଦ୍ର କୁମାର ତ୍ରିପାଠୀ ଶଙ୍କରାଚାର୍ଯ୍ୟ ଭୂମିକା ନିର୍ବାହ କରିଥିଲେ। ପୂଜକ ବସନ୍ତ କୁମାର ତ୍ରିପାଠୀଙ୍କ ସମେତ, ଧରଣୀଧର ଦାଶ , ପଦ୍ମଲୋଚନ ପଣ୍ଡା, ଚିନ୍ମୟୀ ମିଶ୍ର, କ୍ଷିତିଶ ରଞ୍ଜନ ଦାଶ, ଗତିକୃଷ୍ଣ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ମୃତ୍ୟୁଞ୍ଜୟ ପତି, ରଂଜିତ ତ୍ରିପାଠୀ , ଶୁଭଙ୍କର ତ୍ରିପାଠୀ, ଅମିତ୍ କୁମାର ତ୍ରିପାଠୀ, ଚିନ୍ମୟୀ ପଣ୍ଡା,ଦେବେନ୍ଦ୍ର ନାୟକ,ମନୋରଞ୍ଜନ ମହାନ୍ତ ଏବଂ ସଂଜୟ ପ୍ରମୁଖ



ରଥଯାତ୍ରା କାର୍ଯ୍ୟରେ ବିଶେଷ ସେବା ପ୍ରଦାନ କରିଥିଲେ। ଛେରାପହଁରା କାର୍ଯ୍ୟ ଶେଷ ପରେ ପ୍ରାୟ ୫.୨୫ ମିନିଟ ସମୟ ରେ ରଥ ଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତ ଦର୍ଶନ କରିବା ସହିତ ହରିବୋଲ ହୁଳ ହୁଳି ଦେଇ ରଥ ଟାଣି ଥିଲେ। ପଦ୍ମଲୋଚନ ନନ୍ଦ,ଗଣେଶ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଠାକୁରମୁଣ୍ଡା ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଠାକୁରମୁଣ୍ଡାରେ ରଥଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହେଉଥିବାରୁ ପ୍ରଥମ ଦିନ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରଥ ଅଟକିଛି।୧୭ ତାରିଖ ଶୁକ୍ରବାର ଦିନ ରଥଟଣା ପରେ ୩ ଠାକୁର ମାଉସୀ ବାଡ଼ିରେ ପହଞ୍ଚିବେ। ସେହିପରି ଠାକୁରମୁଣ୍ଡା ବ୍ଲକ ର ଦିଗଧର ଠାରେ ଦଧିବାମନ ଜୀଉଙ୍କ ରଥଯାତ୍ରା, ପଡିଆବେଡା ଗ୍ରାମ ପଞ୍ଚାୟତ ର ବୋଲିଂରେ ରଥଯାତ୍ରା ,ଖମଡିହା ରଥଯାତ୍ରା, କେଶର୍ଡିହା ରଥଯାତ୍ରା, ସାତକୋଶିଆ ଗ୍ରାମପଞ୍ଚାୟତ ର ବାଲିଘାଟ ଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।

# ଲକ୍ଷ୍ମୀପୁରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା

ଲକ୍ଷ୍ମୀପୁର, ୧୬/୦୭(ନି.ପ୍ର.):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମଙ୍ଗଳ ଆଳତି, ପୂଜାର୍ଚ୍ଚନା ଓ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହେବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି ବିଜେରେ ରଥାରୂଢ଼ କରାଯାଇଥିଲା। ପରେ ହଜାର ହଜାର ଶ୍ରଦ୍ଧାଳୁ ''ଜୟ ଜଗନ୍ନାଥ'' ଧ୍ୱନି ମଧ୍ୟରେ ରଥର ଦଉଡ଼ି ଟାଣି ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥକୁ ନେଇଥିଲେ। ରଥଯାତ୍ରାରେ ମହିଳା, ପୁରୁଷ, ଶିଶୁ ଓ ବୃଦ୍ଧଙ୍କ ବ୍ୟାପକ ସମାଗମ ଦେଖିବାକୁ ମିଳିଥିଲା। ଭଜନ, କୀର୍ତ୍ତନ ଓ ସଙ୍କୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ଲକ୍ଷ୍ମୀପୁର ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ, ପୂଜା କମିଟି ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ।



# ଶାବର କ୍ଷେତ୍ରରେ ରଥଯାତ୍ରା

କୋରାପୁଟ,୧୬/୭(ନି ପ୍ର): ଜଗନ୍ନାଥ ସଂସ୍କୃତି ଓ ଆଦିବାସୀ ଶବର ପରମ୍ପରାର ଅନନ୍ୟ ସମନ୍ୱୟର ପ୍ରତୀକ କୋରାପୁଟର ଐତିହାସିକ ଶାବର ଶ୍ରୀକ୍ଷେତ୍ରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଅବସରରେ ରଥଯାତ୍ରା ଭକ୍ତିଭାବ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଛି।ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରି ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ରଥ ଟାଣି ନିଜକୁ ଧନ୍ୟ ମନେ କରିଥିଲେ। ସକାଳୁ କୋରାପୁଟ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ପରେ ଶ୍ରୀଜୀଉମାନଙ୍କୁ ରଥାରୂଢ଼ କରାଯାଇଥିଲା। ପରମ୍ପରା ଅନୁଯାୟୀ ତିନି ଆଦିବାସୀ ଗ୍ରାମନାୟକ ରଥ ଉପରେ ଛେରାପହଁରା ନୀତି ସମ୍ପାଦନା କରିଥିଲେ। ପରେ ଜିଲ୍ଲାପାଳ ମନୋଜ




ସତ୍ୟବାନ ମହାଜନ ଗ୍ରାମ ନାୟକ ମାନଙ୍କୁ ଶିରୋପା ପ୍ରଦାନ କରି ସମ୍ମାନିତ କରିଥିଲେ। ଆଦିବାସୀ ଭକ୍ତମାନେ ଆଣିଥିବା ବିଭିନ୍ନ ଫଳମୂଳ ତିନି ରଥରେ ଭୋଗ ଭାବେ ଅର୍ପଣ କରାଯାଇଥିଲା।ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧୨ ପ୍ଲାଟୁନ ପୋଲିସ ବଳ ମୁତୟନ ସହ ଟ୍ରାଫିକ୍ ନିୟନ୍ତ୍ରଣ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍ ?ପି ରୋହିତ ବର୍ମା ନିଜେ ଉପସ୍ଥିତ ରହି ସମଗ୍ର ବ୍ୟବସ୍ଥାର ତଦାରଖ କରିଥିଲେ।

# ଶ୍ରମ ଆଇନ ଅନୁପାଳନ ଓ ବିସ୍ଫୋରକର ସୁରକ୍ଷିତ ବ୍ୟବହାର ନେଇ ଇମ୍ଫା ପକ୍ଷରୁ କର୍ମଶାଳା

କାଳିଆପାଣି,୧୬।୭(ନିପ୍ର): ଖଣି କ୍ଷେତ୍ରରେ ଶ୍ରମ ଆଇନର ସଠିକ୍ ଅନୁପାଳନ ଓ ବିସ୍ଫୋରକର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ), ଭୁବନେଶ୍ୱର ଅଞ୍ଚଳ–୧ର ତତ୍ତ୍ୱାବଧାନରେ ଏବଂ ଇମ୍ଫା ଲିମିଟେଡ୍ (ଆଇଏମଏଫଏ) ପକ୍ଷରୁ କାଳିଆପାଣିସ୍ଥିତ ମହାଗିରି କ୍ଲବ୍‌ରେ ଜୁଲାଇ ୧୩ ଓ ୧୪ ତାରିଖରେ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ 'ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟସ୍ଥଳ ପରିସ୍ଥିତି (ଓଏସ୍‌ଏଚ୍ ଏଣ୍ଡ ଡବ୍ଲ୍ୟୁସି) କୋଡ୍–୨୦୨୦' ଏବଂ ଖଣିରେ ବିସ୍ଫୋରକର ସୁରକ୍ଷିତ ବ୍ୟବହାର ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବନ୍ଦେ ମାତରମ୍ ଏବଂ




ଡିଜିଏମ୍‌ଏସ୍ ସଙ୍ଗୀତ ଗାନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଡିଜିଏମଏସର ଖଣି ସୁରକ୍ଷା ନିର୍ଦ୍ଦେଶକ ଏକେମିଶ୍ର ଉଭୟ କର୍ମଶାଳାକୁ ସମ୍ବୋଧିତ କରି ନୂତନ ଶ୍ରମ ଆଇନର ଗୁରୁତ୍ୱ, ଖଣି ସୁରକ୍ଷା ମାନଦଣ୍ଡ ଏବଂ ବୈଧାନିକ ପ୍ରାବଧାନର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଖଣି ସୁରକ୍ଷା ଉପନିର୍ଦ୍ଦେଶକ ନିର୍ଲିପ ମଲ୍ଲିକ ସୁରକ୍ଷିତ କାର୍ଯ୍ୟପଦ୍ଧତି ଓ ଆଇନଗତ ଅନୁପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଅଗ୍ରଣୀ ଖଣି କମ୍ପାନୀ, ସରକାରୀ ବିଭାଗ, କୋଇଲା ଖଣି, ଲୁହାପଥର ଖଣି, କ୍ରୋମାଇଟ୍ ଖଣି ଏବଂ ଅସଂଗଠିତ ଖଣି କ୍ଷେତ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଆଇଏମଏଫଏର ଲିଃର କୋମୋ (ସିଓଏମ୍‌ଓ) ମୁଖ୍ୟ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇ ନୂତନ ଶ୍ରମ ଆଇନ ଓ ସୁରକ୍ଷା ବ୍ୟବସ୍ଥା ଖଣି କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବାରେ ସହାୟକ ବୋଲି କହିଥିଲେ। ଆଇଏମଏଫଏ ଲିଃର ମାଇନିଂ ବିଜନେସ୍ ୟୁନିଟ୍ ଉପସଭାପତି ଓ ମୁଖ୍ୟ ସନ୍ଦୀପ ବି ନାରାଙ୍ଗ ସୁରକ୍ଷିତ ଏବଂ ନିରନ୍ତର ଖଣିଜ ଉତ୍ତୋଳନର ଆବଶ୍ୟକତା ଉପରେ ମତ ରଖିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଆହତ

ଠାକୁରମୁଣ୍ଡା, ୧୬।୭(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ମହୁଲଡିହା ସେକ୍ସନରେ ୧୬ ତାରିଖ ଗୁରୁବାର ଦିନ ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି।ଆହତ ଯୁବକ ଜଣକ ହେଉଛନ୍ତି ଗୈଡିଆବାହାଳି ଗ୍ରାମ ପୁରୁଣାପାଣି ସାହିର ସାଦ ହୋ



(୨୫)। ସାଦ ହୋ ଗୁରୁବାର ସକାଳେ ଘରପାଖରେ ଥିବା ପୋଖରୀକୁ ଶୌଚ ହେବାପାଇଁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ହଠାତ ମୁହାଁମୁହିଁ ହେବାରୁ ସାଦ କୁ ଅତର୍କିତ ଭାବେ ଆକ୍ରମଣ କରି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା ଭାଲୁ। ପରିବାର ଲୋକେ ଆହତ ସାଦ ହୋ ଙ୍କୁ ଏକ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଦ୍ୱିତୀୟ ସେମିରେ ଇଂଲଣ୍ଡ ପରାସ୍ତ : ଆର୍ଜେଣ୍ଟିନା–ସ୍ପେନ୍ ଟାଇଟଲ ଲଢ଼େଇ



ଆଟଲାଣ୍ଟା।୧୬।୭(ଏଜେନ୍ସି): ଇଂଲଣ୍ଡର ବିଶ୍ୱକପ୍ ଫାଇନାଲ୍ ଖେଳିବା ସ୍ୱପ୍ନ ଚୂରମାର୍ ହୋଇଗଲା।ଚଳିତ ଫିଫା ଫୁଟବଲ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲରେ ୧୯୬୬ ଚାମ୍ପିଅନ ଇଂଲଣ୍ଡକୁ ୨–୧ ଗୋଲରେ ହରାଇ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଲଗାତାର ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ରବିବାର ଟାଇଟଲ ଲଢ଼େଇରେ ଆର୍ଜେଣ୍ଟିନା–ସ୍ପେନ ମୁକାବିଲା ହେବ। ଦମଦାର ପ୍ରତ୍ୟାବର୍ତ୍ତନର ଆଉ ଏକ ବଳିଷ୍ଠ ନମୁନା ଦେଖାଇଛି ଆର୍ଜେଣ୍ଟିନା। ମ୍ୟାଚର ୮୪ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ଗୋଲରେ ପଛୁଆ ଥିବା ଆର୍ଜେଣ୍ଟିନା ୭ ମିନିଟ୍ ମଧ୍ୟରେ ଦୁଇଟି ଗୋଲ୍ ସ୍କୋର କରି ଇଂଲଣ୍ଡର ବିଶ୍ୱକପ ଅଭିଯାନ ଶେଷ କରିଥିଲା। ମ୍ୟାଚ ଆରମ୍ଭ ହେବା ପରଠାରୁ ଉଭୟ ଦଳ ପରସ୍ପର ଉପରେ ଚାପ ସୃଷ୍ଟି କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ।ଫଳରେ ଇଂଲଣ୍ଡର ଅଗ୍ରଭାଗ ଓ ଆର୍ଜେଣ୍ଟିନାର ରକ୍ଷଣଭାଗ ଖେଳାଳିମାନେ ଏକାଧିକ ଥର ଧସ୍ତାଧସ୍ତି ଓ ଠେଲାପେଲା ହୋଇଥିବା ବେଳେ ଛକାପଞ୍ଝା ଓ ବଳ କଷାକଷି ଭିତରେ ପ୍ରଥମାର୍ଦ୍ଧ ୪୫ ମିନିଟ୍ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ୫୫ ମିନଟରେ ଆଣ୍ଟୋନୀ ଗର୍ଡନଙ୍କ ଗୋଲ୍ ବଳରେ ଇଂଲଣ୍ଡ ଆଗୁଆ ହୋଇଥିଲା। ଆର୍ଜେଣ୍ଟିନାର ଦୁଇ ସେଣ୍ଟର ବ୍ୟାକ୍ ଲିସାଣ୍ଡ୍ରୋ ମାର୍ଟିନଜେ୍ ଓ ରୋମେରିଓ ବିପଜ୍ଜନକ ଖେଳ ପାଇଁ ହଳଦିଆ କାର୍ଡ ପାଇବା ଇଂଲଣ୍ଡକୁ ସୁହାଇଥିଲା।ଏହା ପରେ ଆର୍ଜେଣ୍ଟିନା ନିଜର ଆକ୍ରମଣକୁ ତୀବ୍ର କରିଥିଲା।ତେବେ ଇଂଲଣ୍ଡ ଗୋଲରକ୍ଷକ ଜୋର୍ଡାନ ପିକ୍ଫୋର୍ଡ ଏକାଧିକ ସେଭ୍ କରି ମେସିଙ୍କ ଦଳକୁ ଚାପରେ ରଖିଥିଲେ। ଶେଷରେ ୮୫ତମ ମିନିଟରେ ଆର୍ଜେଣ୍ଟିନା ସ୍ଥିତି ୧–୧ କରି ନେଇଥିଲା। ଏହାର ୭ ମିନିଟ୍ ପରେ ଆହତ ସମୟ (୯୦+୨)ରେ ମେସିଙ୍କଠାରୁ ପାଇଥିବା ଲମ୍ବା ପାସକୁ ହେଡକରି ଲେଡାରୋ ମାର୍ଟିନେଜ୍ ଆର୍ଜେଣ୍ଟିନାକୁ ଠିକଣା ସମୟରେ ୨–୧ରେ ଅଗୁଆ କରଥିଲେ।ଶେଷରେ ଆର୍ଜେଣ୍ଟିନା ୨–୧ରେ ବିଜୟୀ ହୋଇଫାଇନାଲ ଖେଳିବା ସୁଯୋଗ ସୃଷ୍ଟି କରିଥିଲା।

# ଗୋଟିଏ ଟି–୨୦ ମ୍ୟାଚ୍‌ରେ ୩ ଶତକ



ଓକଲାଣ୍ଡ,୧୬।୭(ଏଜେନ୍ସି): ପ୍ରଥମ ଥର ପାଇଁ ଗୋଟିଏ ଟି–୨୦ କ୍ରିକେଟ ମ୍ୟାଚରେ ୩ ଜଣ ବ୍ୟାଟର୍ ଶତକ ଅର୍ଜନ କରଛନ୍ତି। ଆମେରିକାରେ ଚାଲିଥିବା ମେଜର ଲିଗ ଟି–୨୦ କ୍ରିକେଟ(ଏମ୍ଏଲସି)ର ଏଲିମିନେଟର୍–୧ରେ ବିଜେତା ଏମ୍ଆଇ ନ୍ୟୁୟର୍କ ଓ ୱାଶିଂଟନ୍ ଫ୍ରିଡମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏହି ରେକର୍ଡ ହୋଇଛି।ଉଭୟ ଦଳ ପକ୍ଷରୁ ନିକୋଲାସ ପୂରନ, ଆଣ୍ଡ୍ରିଜ୍ ଗସ୍ ଓ ଷ୍ଟିଭେନ୍ ସ୍ମିଥ୍ ଶତକ ଅର୍ଜନ କରିଛନ୍ତି। ୱେଷ୍ଟଇଣ୍ଡିଜର ନିକୋଲାସ ପୂରନ ୩୧ ବଲରେ ୧୦୦ ରନ ପୂରଣ କରିଥିଲେ। ଯାହା ମେଜର ଲିଗ୍ କ୍ରିକେଟ୍‌ରେ ଦ୍ରୁତତମ ଶତକ। ତେବେ ସେ ମୋଟ ୩୩ ବଲ ଖେଳି ୧୩ ଛକା, ୫ ଚୌକା ସହିତ ୧୦୬ର ବିସ୍ଫୋରକ ପାଳି ଏବଂଦକ୍ଷିଣ ଆଫ୍ରିକୀୟ ବ୍ୟାଟର କ୍ୱିଣ୍ଟନ ଡି'କକ୍ ୨୪ ବଲରୁ ୫୧ରନ( ୨ ଚୌକା, ୬ ଛକା) ଓ କିରଣ ପୋଲାର୍ଡ ୨୫ ବଲରୁ ୬୪ ରନ( ୧ ଚୌକା, ୮ ଛକା)କରିବା ଫଳରେ ଏମ୍ଆଇ ନ୍ୟୁୟର୍କ ପ୍ରଥମେ ବ୍ୟାଟିଂ କରି ୨୬୬/୯ ରନ୍ କରିଥିଲା। ତେବେ ଆଣ୍ଡ୍ରିଜ୍ ଗସ୍ ୧୦ ଚୌକା, ୧୨ ଛକା ସହିତ ୫୧ ବଲରୁ ୧୩୨ ଓ ଷ୍ଟିଭେନ୍ ସ୍ମିଥ୍ ୪୮ ବଲରୁ ୧୧୦ରନ( ୭ ଚୌକା, ୯ ଛକା) କରିବା ସହିତ ଉଭୟ ୮୯ ବଲରେ ୨୪୧ ରନ୍ ଯୋଡ଼ି ୱାଶିଂଟନ୍ ଫ୍ରିଡମ୍‌କୁ ୬ ୱିକେଟରେ ବିଜୟୀ କରାଇଥିଲେ। ଏହି ଦୁଇ ବ୍ୟାଟର ପୁରୁଷ ଟି–୨୦ରେ ଦ୍ୱିତୀୟ ସର୍ବୋଚ୍ଚ ଭାଗୀଦାର କରିଥିଲେ। ଏଥିସହ ଟ୍ୱେଣ୍ଟି–୨୦ ଇତିହାସରେ ସର୍ବାଧିକ ରନ୍ ଚେଜ୍ କରିବା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଆଇପିଏଲର ଅନ୍ୟତମ ଫ୍ରାଞ୍ଚାଇଜ ପଞ୍ଜାବ କିଙ୍ଗ୍ସ ନାମରେ ଥିଲା। ଚଳିତ ବର୍ଷ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ୨୬୫ ରନର ବିଜୟ ଲକ୍ଷ୍ୟକୁ ପଞ୍ଜାବ କିଙ୍ଗ୍ସ ହାସଲ କରିଥିଲା।

# ଦିନିକିଆ ଓ ଟି୨୦ ବିଶ୍ୱକପ ଫର୍ମାଟରେ ପରିବର୍ତ୍ତନ

ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଏଡିନବର୍ଗରେ ଆୟୋଜିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ବୈଠକରେ ଗୃହିତ ନିଷ୍ପତ୍ତି ଅନୁଯାୟୀ ଦିନିକିଆ ଓ ଟି–୨୦ ବିଶ୍ୱକପ ଫର୍ମାଟରେ ବଡ ପରିବର୍ତ୍ତନ କରିଛି । ଏଣିକି ଦିନିକିଆ ବିଶ୍ୱକପ ୧୪ ଟିମ ସହିତ ଥ୍ରୀ ଷ୍ଟେଜ ଫର୍ମାଟରେ ଖେଳାଯିବ । ପ୍ରଥମ ଥର ପାଇଁ ମଧ୍ୟ ସୁପର ୬ ରାଉଣ୍ଡ ଲାଗୁ ହେବ । ଯାହା ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆକର୍ଷଣ ହେବ ।ଏହି ସବୁ ପ୍ରସ୍ତାବ ଉପରେ ଆଇସିସି ମୋହର ଲାଗିଛି । ପ୍ରଥମେ ସୁପର ସିରିଜ ଖେଳାଯିବ । ର୍‍ୟାଙ୍କିର ଶେଷ ୩ଟି ସ୍ଥାନରେ ଥିବା ଟିମ ରାଉଣ୍ଡ ରବିନ ଫର୍ମାଟରେ ପରସ୍ପରକୁ ସାମ୍ନା କରିବେ । ଶୀର୍ଷ ଟିମ ୨ୟ ରାଉଣ୍ଡରେ ପ୍ରବେଶ କରିବ । ଦ୍ୱିତୀୟ ରାଉଣ୍ଡରେ ୧୨ଟି ଟିମ୍‌କୁ ୨ଟି ଗ୍ରୁପରେ ଭାଗ କରାଯିବ । ଏଥିରେ ମୋଟ ୩୦ ମ୍ୟାଚ ଖେଳାଯିବ । ୩ଟି ଲେଖାଏଁ ଟିମ ପ୍ରତ୍ୟେକ ଗ୍ରୁପରୁ ଏବଂ ୭ମ ସ୍ଥାନରେ ଥିବା ଟିମ ସୁପର ସେଭେନକୁ ଉନ୍ନୀତ ହେବେ ।

# ଭାରତୀୟ କ୍ରିକେଟ ଟିମର ବାଂଲାଦେଶ ଗସ୍ତ ନେଇ ସମସ୍ୟା

ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଭାରତୀୟ କ୍ରିକେଟ ଟିମ ଚଳିତ ଇଂଲଣ୍ଡ ଗସ୍ତ ପରେ ବାଂଲାଦେଶ ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି। ତେବେ ଏହି ସିରିଜର ଆୟୋଜନ ନେଇ ସମସ୍ୟା ସୃଷ୍ଟି ହୋଇଛି ।କାର୍ଯ୍ୟସୂଚୀ ଅନୁଯାୟୀ ଏହି ଗସ୍ତରେ ଟିମ ଇଣ୍ଡିଆ ୩ଟି ଦିନିକିଆ ଓ ୩ଟି ଟି–୨୦ ମ୍ୟାଚ ଖେଳିବ। ମାତ୍ର ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଏହି ସିରିଜ ଆୟୋଜନ ପାଇଁ ପଛଘୁଂଚା ଦେଉଛି। ନିକଟରେ ବିସିବି ମିଡିଆ ରାଇଟ୍ସ ଉପରେ ରୋକ ଲଗାଇ ଥିବାରୁ ଏହି ସଙ୍କଟ ଦେଖାଦେଇଛି । ଅବଶ୍ୟ ସିରିଜ ବାତିଲ ହେବା ନେଇ କୌଣସି ଖବର ପ୍ରକାଶ ପାଇନି । ତେବେ ବିସିବି ସିରିଜ ଘୁଞ୍ଚାଇଲେ ଟିମ ଇଣ୍ଡିଆ ନିକଟରେ ସମୟ ଥିବ କି ନାହିଁ ତାହା ସ୍ପଷ୍ଟ ହୋଇନି । ତେଣୁ ବିସିସିଆଇ ଏହି ଘଟଣାରେ ବିସିବି ଉପରେ ଅସନ୍ତୁଷ୍ଟ ରହିଛି । ଆଲୋଚନା ନ କରି ମିଡିଆ ରାଇଟ୍ସ ପ୍ରକ୍ରିୟା କାହିଁକି ଆରମ୍ଭ କରାଯିବା ଉଚିତ ଥିଲା ବୋଲି କୁହାଯାଇଛି ।ଏଅନ୍ୟ ପକ୍ଷରେ କିଛି ଦିନ ଧରି ଭାରତ ଓ ବାଂଲାଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଭଲ ନାହିଁ ।ବାଂଲାଦେଶ ଟିମ ଟି–୨୦ ବିଶ୍ୱକପ ୨୦୨୬ ଖେଳିବା ପାଇଁ ଭାରତ ଆସିବାକୁ ମନା କରବା ପରେ ଆଇସିସି ବାଂଲାଦେଶକୁ ଟୁର୍ଣ୍ଣାମେଂଟରୁ ବାହାର କରି ଦେଇଥିଲା।

## ରାଜ୍ୟ ଖବର

# ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ଯାତ୍ରୀ ଉତ୍ତୋଳନ କେନ୍ଦ୍ର ଉଦ୍‌ଘାଟିତ

କଣ୍ଟିଲୋ, ୧୬।୭(ନି.ପ୍ର): ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପ୍ରସିଦ୍ଧ ଲାଭ କରିଥିବା ନୟାଗଡ଼ ଜିଲ୍ଲା ଅନ୍ତର୍ଗତ କଣ୍ଟିଲୋ ନୀଳମାଧ ପୀଠରେ ରାଜ୍ୟ ସରକାରଙ୍କ ଦ୍ୱାରା ମନ୍ଦିର ପଶ୍ଚିମ ଦ୍ୱାର ଠାରେ ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ଅନ୍ତର୍ଭୁକ୍ତ ଯାତ୍ରୀ ଉତ୍ତୋଳନକେନ୍ଦ୍ର ( ଲିଫ୍ଟ) ମେସିନକୁ ବୁଧବାର ପବିତ୍ର ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ବୟୋଜ୍ୟେଷ୍ଠ, ଶାରୀରିକ ବିକଳାଙ୍ଗ ମାନଙ୍କ ପାଇଁ ମାଗଣାରେ ସେବା ଯୋଗାଇ ଦେବା ପାଇଁ ଲୋକାର୍ପଣ କରାଯାଇଥିବା ଜଣାଯାଇଛି । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ୨୧ ମିଟର ଉଚ୍ଚ କ୍ଷମତା ବିଶିଷ୍ଟ ଲିଫ୍ଟ କୁ ଉଦଘାଟନ କରିଥିଲେ ଝ ଉଦଘାଟନ ସମୟରେ କଟକ ଲୋକ ସଭା ସାଂସଦ ଭର୍ତ୍ତୃହରି ମହତାବ ଙ୍କ ଅନୁପସ୍ଥିତିରେ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାର ବିଶ୍ୱ ବିସ୍ମୃତ ତ୍ରିପାଠୀ, ବିଜେପି କର୍ମୀ ଅଖିଳ କୁମାର ମହାରଣା, ଓଡିଶା ସେତୁ ନିର୍ମାଣ ନିଗମ କନିଷ୍ଠ ଯନ୍ତ୍ରୀ ଇଂ ଦିବ୍ୟ ରଞ୍ଜନ ବେହେରା, ବଂଶଲ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଲିଫ୍ଟ ଦାୟିତ୍ୱରେ ଥିବା ପ୍ରଜ୍ଞାଶୁ ପଲେଇ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଉଦଘାଟନ ଫଳକରେ ସ୍ଥାନିତ ଅତିଥି ମାନଙ୍କ ଅନୁପସ୍ଥିତ କୁ ସାଧାରଣ ଜନତା ଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଲିଫ୍ଟରେ ବୃଦ୍ଧ, ବରିଷ୍ଠ ନାଗରିକ, ଅସୁସ୍ଥ, ଦିବ୍ୟାଙ୍ଗ ଓ ଭିଭିଆଇପିଙ୍କୁ ଦେୟମୁକ୍ତ କରାଯିବା ସଙ୍ଗେ ସଙ୍ଗେ ପ୍ରଶିକ୍ଷକ ଓ ଅପରେଟର ନିଯୁକ୍ତି କରିବା ପାଇଁ ଦେବୋତ୍ତର କର୍ତ୍ତୃପକ୍ଷ ଦାୟିତ୍ୱ ନେଇଥିଲା ବେଳେ ଲିଫ୍ଟର ନିରାପତ୍ତା ପ୍ରମାଣପତ୍ର ସଂପୃକ୍ତ ଠିକା ସଂସ୍ଥା ଏକ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ତହସିଲଦାର ଶ୍ରୀ ତ୍ରିପାଠୀ ସମ୍ପୃକ୍ତ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ନୀଳମାଧବ ମନ୍ଦିରରେ ନିର୍ମାଣ କରାଯାଇଥିବା ଲିଫ୍ଟକୁ ଗତବର୍ଷ ମହାମହିମ ରାଷ୍ଟ୍ରପତିଙ୍କ କଣ୍ଟିଲୋ ଆଗମନ ସମୟରେ ନଡ଼ିଆ ବାଡେଇ ଲିଫ୍ଟର ଲୋକାର୍ପଣ ହୋଇ ପୁନଶ୍ଚ ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ ନେତା, ବିଧାୟକ, କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଓ ଭିଆଇପି ମାନଙ୍କ ଆଗମନ ସମୟରେ ସେମାନଙ୍କ ଉଦେଶ୍ୟରେ ଚାଲୁ କରାଯାଇ ସେମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ବନ୍ଦ ହୋଇ ଅନେକ ବାର ରହିଥିବାର ଦେଖିବାକୁ ମିଳିଥିଲା । ମାତ୍ର ଦୁଃଖର ବିଷୟ ସେମାନଙ୍କ ପାଇଁ ଲିଫ୍ଟ କାର୍ଯ୍ୟ କରୁଥିବା ବେଳେ ଗତ ତିନି ମାସ ତଳେ ନୀଳମାଧବଙ୍କ ଦର୍ଶନ ନିମନ୍ତେ ବାହାରୁ ଆସିଥିବା ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ତାଙ୍କ ପରିବାର ସଦସ୍ୟ ସାଙ୍ଗରେ ଆଣିଥିବା ଚେୟାରରେ ବସାଇ ମନ୍ଦିର ଉପରକୁ ଟେକି ଟେକି ନେଇ ଦର୍ଶନ କରାଇଥିବାର ନଜିର ରହିଛି । ସେମାନଙ୍କ ପାଇଁ ଲିଫ୍ଟ ଥାଇ ନଥିଲା ପରି । ନିକଟରେ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ ପରିବାର ସହ ନୀଳମାଧବ ମନ୍ଦିର ଦର୍ଶନ ପାଇଁ ଆସି ଲିଫ୍ଟ ଯୋଗେ ମନ୍ଦିର ଯିବାକୁ ଇଚ୍ଛା କରିଥିଲେ ମଧ ଲିଫ୍ଟ କାର୍ଯ୍ୟ କାରି ହେଉନଥିବାରୁ ବାଧ ହୋଇ ପରିଣତ ବୟସରେ ପାହାଚ ଚଢ଼ି ମାଧବ ଦର୍ଶନ କରିଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛିଛଏଠି ସାଧାରଣରେ ଚର୍ଚ୍ଚା ହେଉଛି ଉକ୍ତ ଲିଫ୍ଟକୁ କେତେଥର ନଡ଼ିଆ ବାଡେଇ ଉଦଘାଟନ କଲେ ସର୍ବସାଧାରଣଙ୍କ ସେବାରେ ଲାଗିପାରିବ । ଯେଉଁ ଲିଫ୍ଟ କୁ ଉଦଘାଟନ କରାଗଲା ତାର ନିରାପତ୍ତା ପ୍ରମାଣପତ୍ର ନଥାଇ ତରବରିଆ ଭାବେ କାହିଁକି ଉଦଘାଟନ କରାଗଲା,ତାହା ପୁନଶ୍ଚ ସାତ ଦିନ ପାଇଁ ବନ୍ଦ ରହିବ, ଏଭଳି କାର୍ଯ୍ୟ କୁ ସାଧାରଣ ଜନତା ସହଜେ ଗ୍ରହଣ କରିପାରୁ ନାହାନ୍ତି । ଉଦଘାଟନ ସ୍ଥଳରେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନ ଜଣାଇବା ପଛର ରହସ୍ୟ କଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଧାୟକ ଉପସ୍ଥିତ ଜନସାଧାରଣଙ୍କୁ ପୀଠର ଅଧିକ ବିକାଶ ପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ପାଖରେ ଆଲୋଚନା ଜାରୀ ରହିଛି ବୋଲି କହିଥିଲେ । ଲିଫ୍ଟ ଯୋଗେ ସମସ୍ତ ଅତିଥି ଓ ଦଳୀୟ କର୍ମୀ ମାନେ ମନ୍ଦିର ପରିସରକୁ ଯାଇ ଶ୍ରୀ ବିଗ୍ରହ ମାନଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ସେବାୟତ ଓ କର୍ମୀ ମାନଙ୍କ ସହିତ ମନ୍ଦିର ପରିସରରେ ବିଭିନ୍ନ ସାଙ୍ଗଠନିକ ଆଲୋଚନା କରିଥିବା ଜଣାପଡ଼ିଛି ।

### ଅଙ୍ଗନୱାଡ଼ି କର୍ମୀଙ୍କ ସାମ୍ବାଦିକ ସମ୍ମିଳନୀ

# ଡିଏସଡ଼ବ୍ଲୁଓଙ୍କ ବିରୋଧରେ ଅଭିଯୋଗ ଭିତ୍ତିହୀନ



କାକଟପୁର, ୧୬।୭ (ନି.ପ୍ର): ପୁରୀ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଡିଏସଡ଼ବ୍ଲୁଓ ତନୁପ୍ରଭା ବେଉରା ଅଙ୍ଗନବାଡ଼ି କେନ୍ଦ୍ରର କୋଣସି ସମସ୍ୟା ସମାଧାନ ନକରିବା , ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ଅନୁଦାନ ରାଶିର ହେରଫେର, ବିଭିନ୍ନ ଯୋଜନାର ଅନୁଦାନ ରାଶି ଖର୍ଚ୍ଚ ହୋଇନପାରି ପଡିରହିବା , ଅଙ୍ଗନବାଡି କର୍ମୀଙ୍କ ଉପରେ ଚାପ ପକାଇବା ଆଦି ଏକାଧିକ ଘଟଣାର ମିଥ୍ୟା ଆରୋପ ଲଗାଇ ସମାଜମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବେଉରାଙ୍କ ନାମରେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ଘଟଣାକୁ ପୁରୀ ଜିଲ୍ଲା ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଙ୍ଘ କାକଟପୁର ବ୍ଲକର ସଭାନେତ୍ରୀ ତଥା ସଙ୍ଘର ଜିଲ୍ଲା କୋଷାଧକ୍ଷା ପ୍ରିୟମ୍ୱଦା ମିଶ୍ରଙ୍କ ସମେତ କାକଟପୁର ବ୍ଲକର ବହୁ ଅଙ୍ଗନବାଡି କର୍ମୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଅଭିଯୋଗ ସଂପୂର୍ଣ୍ଣ ଭାବେ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାନେତ୍ରୀ ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି । ପୁରୀ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଭାବେ ତନୁପ୍ରଭା ବେଉରା କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ଜିଲ୍ଲାରେ ପୋଷଣ ଅଭିଯାନ ଯଥେଷ୍ଟ ଆଗରେ ଥିବା ବେଳେ ସରକାରୀ ଅନୁଦାନ ଅର୍ଥର ସଦୁପଯୋଗ ସାଙ୍ଗକୁ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ପ୍ରିସ୍କୁଲ କିଟ୍, ପୋଷଣ ବ୍ୟାନର, ଜ୍ଞାନ କେନ୍ଦ୍ରକୁ ଆସୁଥିବା ଟଙ୍କା ଓ ଅନ୍ୟାନ ଉପକରଣ କିଣାରେ ସମାଜମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବେଉରାଙ୍କ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ କୌଣସି ସଂପୃକ୍ତି ନାହିଁ । ସରକାରୀ ଗାଇଡ଼ ଲାଇନ ଅନୁଯାଇ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀମାନେ ଜିନିଷ କ୍ରୟ କରୁଥିବା ବେଳେ ୟୁସି ଦାଖଲ କରିସାରିବା ପରେ କେନ୍ଦ୍ରର ୟାଙ୍କ ଜମା ଖାତାକୁ ଟଙ୍କା ପଠାଯାଇଥାଏ । ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରିଣୀ ଭାବେ ସମାଜମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବେଉରାଙ୍କ ଅନେକ ସୁନାମ ରହିଛି । କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀଙ୍କ ସ୍ୱାର୍ଥ ସାଧନ ହୋଇନପାରିବାରୁ ସେମାନେ ସମାଜମଙ୍ଗଳ ଅଧିକାରୀଙ୍କ ବଦଳି ଦାବୀ ସହ ତାଙ୍କ ନାମରେ ଏଭଳି ମିଥ୍ୟା ଅପପ୍ରଚାର ଚଳାଇଛନ୍ତି ବୋଲି ବହୁ କର୍ମୀ ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର କାକଟପୁର ବ୍ଲକ ସଭାନେତ୍ରୀ ଶ୍ରୀମତୀ ମିଶ୍ରଙ୍କ ସହ ବିଦୁଲତା ମହାରଣା, ଚିରସ୍ମିତା ଲେଙ୍କା, ଯଶୋଦା ସେନାପତି, ଜୟଶ୍ରୀ ତ୍ରିପାଠୀ, ସୁମିତ୍ରା ଭୋଇ, ଅହଲ୍ୟା ସୁନ୍ଦରୀ ଦେଇ , ଝୁନା କୁମାରୀ ଦେଇ, ମାନସୀ ଦଳାଇ, ଲଳିତା କୁମାରୀ ଦେଇଙ୍କ ସମେତ ବହୁ ଅଙ୍ଗନବାଡି କର୍ମୀ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ ।

# ପିଏମ୍ ଶ୍ରୀ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲର ପରିଚାଳନା କମିଟି ଗଠିତ

କଣ୍ଟିଲୋ,୧୬।୭( ନି.ପ୍ର): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ୨୦୨୬–୨୭ ଶିକ୍ଷା ବର୍ଷ ମଧ ଭାଗରେ ବିଦ୍ୟାଳୟ ମାନଙ୍କରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ବା ଏସ୍ଏମ୍ସି ଗଠନ ପ୍ରକ୍ରିୟା ଜାରି ରହିଛି । ସେହିପରି ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ପିଏମ୍ ଶ୍ରୀ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲ ପରିସରରେ ଗତ ସୋମବାର ଦିନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବରେ ରଶ୍ମିତା ସାହୁ, ଉପସଭାପତି ମୀନାକ୍ଷୀ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ପରିଚାଳନା କମିଟି ସଦସ୍ୟ ଭାବରେ ଯଥାକ୍ରମେ ଶ୍ରୀୟାରାଣୀ ବେହେରା, ସୀତା ଦଳେଇ, ପାର୍ବତୀ ସାହୁ, ଗୀତାଞ୍ଜଳି ସାହୁ,ନିରୁପମା ସାହୁ, କାନ୍ତି ରଞ୍ଜିତା ପାତ୍ର,ପବିତ୍ର ମହାରଣା, ମାନସ ମାହାଣା, ମନୋଜ ଦଳେଇ, ମାନସ ସାହୁ, ସନ୍ତୋଷ କୁମାର ସାହୁ, ଅକ୍ଷୟ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଜେନା ମନୋନୀତ ହୋଇଥିବାର ସୂଚନା ମିଳିଛି ।

# ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳିତ ହେଲା ରଥଯାତ୍ରା

ଚାରିଛକ,୧୬।୭(ନି.ପ୍ର): ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଳନ ହେଉଥିବା ବେଳେ ଚାରିଛକ ଅଞ୍ଚଳର ବିଭିନ୍ନ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ତୁଳସୀପୁର ଗ୍ରାମରେ ଦୀର୍ଘ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପୁରୀ ରଥଯାତ୍ରା ନିତି ନିୟମ ଅନୁସାରେ ରଥଯାତ୍ରା ପାଳନ ହୋଇଆସୁଅଛି । ପବିତ୍ର ପ୍ରାଚୀତଟର ବନ୍ଦେଶ୍ୱର ପୀଠରେ ପୂଜା ପାଉଥିବା ପ୍ରଭୁ ଗୁରୁଦେବ ନିଜସ୍ୱ ବିମାନରେ ଏକ ବିରାଟ ପଟୁଆରେ ଘଣ୍ଟ,ପଖୋଜ,ନାମ ସଂର୍କୀତନ ସହକାରେ ପାଲିଙ୍କିରେ ବସି ତୁଳସୀପୁର ଗ୍ରାମରେ ପଂହଚିବା ପରେ ସେଠାରେ ରଥରୁଢ ହୋଇଥାନ୍ତି । ଠାକୁର ରଥରେ ବିରାଜମାନ କରିବାପରେ ରଥ ଟଣା ଆରମ୍ଭ ହୋଇଥାଏ । ଡାହୁକଭାବେ ରଘୁନାଥ ବେହେରା ଛେରା ପଂହରା କରିବା ପରେ ଭକ୍ତମାନେ ରଥ ଟାଣିଥାନ୍ତି । ଜଗନ୍ନାଥ ଏଜୁକେସନ ଟ୍ରଷ୍ଟ ପକ୍ଷରୁ ଭକ୍ତମାନଙ୍କୁ ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ସେହିପରି ଭୋଦର, ଜୁଣ୍ଡୁପୁର, ପାଳଶ୍ରୀ, ପୋଡପଡା, ଜାହାଙ୍ଗୀରପୁର ଆଦି ଗ୍ରାମରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ରଥଯାତ୍ରା ଦେଖିବାକୁ ଆଖ ପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁ କଳା ଠାକୁରଙ୍କୁ ଦର୍ଶନ କରିଥିଲେ ।

**ଅସ୍ତରଙ୍ଗ:** ଆକାଶ ମେଘା ଛନ, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗର ହୃଦୟ ଆଜି ଆନନ୍ଦରେ ଝଲସୁଛି । ୨୮ ବର୍ଷର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଆଜି ପୁଣ୍ୟ ପୀଠ ଅସ୍ତରଙ୍ଗର ମାଟିରେ ଗଡିଲା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ଗୋଟିଏ ଦିବ୍ୟ ରଥ । ଶଙ୍ଖନାଦ ଆଉ ଜୟ ଜଗନ୍ନାଥ ଉଲ୍ଲାସରେ କମ୍ପିଲା ଦିଗଦିଗନ୍ତଛ ଏହା କେବଳ ଏକ ଉତ୍ସବ ନୁହେଁ, ଏହା ଶ୍ରଦ୍ଧାର ମହାପର୍ବ । ପ୍ରଭାତରୁ ହିଁ ପବିତ୍ର ହୋଇଉଠିଥିଲା ବାଟୁଆ ଗାଦି । ମଧ୍ୟାହ୍ନ ୧୨ ଘଟିକାରେ ଶାସ୍ତ୍ରୀୟ ବିଧିରେ ସମ୍ପନ୍ନ ହେଲା ପହଣ୍ଡି ବିଜେ । ତ୍ରିରତ୍ନ ରଥାରୂଢ ହେବାପରେ ଅପରାହ୍ନ ୨ ଘଟିକାରେ ଅସ୍ତରଙ୍ଗ ପୌରପତି ବାମଦେବ ସାହୁଙ୍କ ଦ୍ୱାରା ଛେରା ପହଁରା ସମ୍ପନ୍ନ ହେବା ସହିତ ଆରମ୍ଭ ହେଲା ସେହି ଐତିହାସିକ ମୁହୂର୍ତ୍ତ । ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଟଣାଗଲା ମହାପ୍ରଭୁଙ୍କ ରଥ । କାଳିଆଙ୍କ ଦର୍ଶନରେ ଆଦ୍ରତ ହୋଇଗଲା ସହସ୍ର ଭକ୍ତଙ୍କ ଲୋଚନ । ରଥଯାତ୍ରା କମିଟି, ଅସ୍ତରଙ୍ଗ ର ଅକ୍ଳାନ୍ତ ପରିଶ୍ରମ ଓ ମୁଖ୍ୟ ଶିଳ୍ପୀ ବୃନ୍ଦାବନ ମହାରଣାଙ୍କ କାରିଗରୀରେ ର୍ନିମିତ ୨୧ ଫୁଟ ଉଚ୍ଚର ଏହି ଦିବ୍ୟ ରଥ ବାଟୁଆ ଗାଦିରୁ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରି ପହଞ୍ଚିଲା ଭଗବତୀ ମନ୍ଦିର ସମ୍ମୁଖ ଅସ୍ଥାୟୀ ଗୁଣ୍ଡିଚାରେଛ ପ୍ରତି ଗୃହ ତୋରଣରେ ସଜେଇ, ପ୍ରତି ରାସ୍ତାପଥ ରଙ୍ଗୋଲିରେ ରଞ୍ଜିତ ହୋଇଥିଲାଛ ରଥର ପ୍ରତି କାଷ୍ଠଖଣ୍ଡରେ ଖୋଦିତ ହୋଇଛି ଏକ ଯୁଗର ବ୍ୟଥା ଓ ଆଶା । କମିଟି ଉପଦେଷ୍ଟା ବରିଷ୍ଠ ନାଗରିକ ରବୀନ୍ଦ୍ର ମହାନ୍ତି ଗଦଗଦ କଣ୍ଠରେ କୁହନ୍ତି, ୧୯୯୭ରେ ମା ମଙ୍ଗଳାଙ୍କ ଶ୍ରୀଚରଣରେ ଆଜ୍ଞାମାଳ ପାଇଥିଲୁ । କିନ୍ତୁ ମହାବାତ୍ୟା ସବୁ ସ୍ୱପ୍ନ ଚୂରମାର କରିଦେଲା । ଆଜି ମା ପୁଣି ଆଜ୍ଞା ଦେଲେ । ଏହା ଆମର ରଥ ନୁହେଁ, ଏହା ମା ମଙ୍ଗଳାଙ୍କ ରଥ । କେବଳ ଅସ୍ତରଙ୍ଗ ନୁହେଁ, ଆଜି ସମଗ୍ର ଅସ୍ତରଙ୍ଗ ବ୍ଲକ ଶ୍ରଦ୍ଧାରେ ନିମଗ୍ନ ଥିଲା । ଶତାବ୍ଦୀ ପ୍ରାଚୀନ ବନ୍ତିଲୋ ଜଗନ୍ନାଥ ମନ୍ଦିରଠୁ ଆରମ୍ଭ କରି ବରଡି, ଓଳିହା ଐଶାନେଶ୍ୱର, ନଗର ପଶ୍ଚିମେଶ୍ୱର ପର୍ଯ୍ୟନ୍ତ ସବୁଠି ଗଡିଲା ରଥଛ କୁନି କୁନି ପିଲାମାନେ ନିଜ କରକମଳରେ କ୍ଷୁଦ୍ର ରଥ ଟାଣି ଭକ୍ତିର ପରିଚୟ ଦେଲେଛ ଆଜି ଅସ୍ତରଙ୍ଗ କେବଳ ଏକ ବ୍ଲକ ନୁହେଁ । ଆଜି ଅସ୍ତରଙ୍ଗ ହେଉଛି ଶ୍ରୀକ୍ଷେତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମା' ମଙ୍ଗଳାଙ୍କ ଆଶୀର୍ବାଦ ଆଉ ମହାପ୍ରଭୁଙ୍କ କରୁଣାରେ ସାକାର ହେଲା ପିଢି ପର ପିଢିର ଆକାଂକ୍ଷା । ଶ୍ରଦ୍ଧା ଥିଲେ ପ୍ରଭୁ ନିଶ୍ଚୟ ଆସନ୍ତି – ଏଇଆ ହିଁ ଆଜି ଅସ୍ତରଙ୍ଗ ପ୍ରମାଣ କଲା ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ଅଞ୍ଚଳରେ ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରରେ ବିଗ୍ରହମାନଙ୍କ ନୀତିକାନ୍ତି ଶେଷ ପରେ ଖଣ୍ଡପଡ଼ା ସହରରେ ଶ୍ରୀଜଗନ୍ନାଥଜୀଉ ଓ ପ୍ରଭୁ ପତିତପାବନଙ୍କୁ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରୁ ପହଣ୍ଡି ବିଜେ କରାଯାଇ ରଥାରୂଢ କରାଯାଇଥିଲା । ପରେ ପାରମ୍ପରିକ ପ୍ରଥାନୁଯାୟୀ ରଥ ଚାରିପାଖରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲ । ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ୨ ଟି ଯାକ ରଥ ଚାରିପାଖରେ ଛେରାପହଁରା କାର୍ଯ୍ୟ ଶେଷ କରିଥିଲେ । ଛେରା ପହଁରା କାର୍ଯ୍ୟ ଶେଷ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲାଛସଂଞ୍ଜ ନଇଁବା ପୂର୍ବରୁ ଶ୍ରୀଜଗନ୍ନାଥଜୀଉଙ୍କ ରଥ ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚି ଥିବା ବେଳେ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ପ୍ରଭୁ ଶ୍ରୀପତିତପାବନ ଜୀଉଙ୍କ ରଥଟି ରିପୋର୍ଟ ଲେଖା ହେବା ବେଳକୁ ଅଧା ବାଟରେ ପହଞ୍ଚିଥିବା ଜଣାପଡିଛି । ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଥଟଣା କାର୍ଯ୍ୟ ବହୁ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସଂନ୍ଧ୍ୟା ସମୟରେ ରଥାରୂଢ ବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ପ୍ରତିକୂଳ ପାଗ ସତ୍ତ୍ୱେ ମହାପ୍ରଭୁଙ୍କର ଘୋଷଯାତ୍ରାରେ ଆଖପାଖ ଅଞ୍ଚଳରୁ ୭ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେହିପରି ଖଣ୍ଡପଡ଼ା ବ୍ଲକ ଅଧିନ ଖଳିସାହି, କୁମ୍ଭାରପଡ଼ା, ଓ ମର୍ଦ୍ଦରାଜପୁର ଗ୍ରାମରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ଯାତ୍ରାରେ ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟମାନେ ଆନୁସଙ୍ଗିକ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ । ଖଣ୍ଡପଡା ଏସଡିପିଓ ସରୋଜ କୁମାର ସାହୁ ଓ ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।

**ଗୋପ:** ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଥିବା ବେଳେ, ଏହାର ପରିପ୍ରେକ୍ଷୀରେ ଗୋପ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ରଥଯାତ୍ରା ଅତ୍ୟନ୍ତ ଧୁମଧାମ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳନ କରାଯାଇଛି । ଅଞ୍ଚଳର ପ୍ରମୁଖ ସ୍ଥାନ ଯେପରିକି ଗୋପ ,ନୟା ହାଟ ଅନନ୍ତ୨ବାସୁଦେବ, ଏରବଙ୍ଗ ଭକ୍ତ ବଳରାମ ଦାସ ପୀଠ, ନାଗପୁର, ପଲ୍ଲୀ କଣ୍ଟି, ଜହ୍ନି ମାଲିଆ ଛକ, ଛଇତନା, ଅଣ୍ଡିରା ଇଚ୍ଛାପୁର ଆଦି ସ୍ଥାନରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମ ମାନଙ୍କରେ କୁନି କୁନି ପିଲାମାନେ ନିଜ ହାତରେ ଛୋଟ ଛୋଟ ରଥ ର୍ନିମାଣ କରି ଗାଁ ଦାଣ୍ଡରେ ଟାଣୁଥିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା । ରଥଟଣା ସମୟରେ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ନାମ ସଂକୀର୍ତ୍ତନ, ଘଣ୍ଟ, ପଖୋଜ, ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ଶ୍ରଦ୍ଧାଳୁଙ୍କ 'ଜୟ ଜଗନ୍ନାଥ' ଧ୍ୱନିରେ ସାରା ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହି ଉତ୍ସବରେ ହଜାର ହଜାର ଭକ୍ତ ସାମିଲ ହୋଇ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।



ଚାରିଛକ



ଅସ୍ତରଙ୍ଗ



ଖଣ୍ଡପଡ଼ା



ଗୋପ










ସାରା ଦେଶ ଜଗନ୍ନାଥମୟ: ଭକ୍ତିଭାବରେ ଭିଜିଲେ ଶ୍ରଦ୍ଧାଳୁ

## ଆମେରିକା ମୁଦ୍ରାନୀତି କମିଟିରେ ୩ ଭାରତୀୟ



**ୱାଶିଂଟନ,୧୬।୭(ଏଜେନ୍ସି):** ଆମେରିକାର ମୁଦ୍ରାନୀତି କମିଟିରେ ୩ ଜଣ ଭାରତୀୟଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ, ଦିଲ୍ଲୀରେ ଜନ୍ମିତ ଅର୍ଥନୀତିଜ୍ଞ ରାଜ ଚେଟ୍ଟି ଓ ଏକ୍ସବକ୍ସର ସିଇଓ ଆଶା ଶର୍ମା। ଆମେରିକାର ଫେଡେରାଲ ରିଜର୍ଭର ଅଧ୍ୟକ୍ଷ କେଭି ୱାର୍ସ ଏହି ତିନି ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। କମିଟିରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ପୂର୍ବତନ ଗଭର୍ଣ୍ଣର ମେରଭିନ କିଙ୍ଗ, ୱାଲମାର୍ଟର ପୂର୍ବତନ ସିଇଓ ଡଗ ମ୍ୟାକମିଲନ, ନୋବେଲ ବିଜେତା ଥୋମାସ ସର୍ଜେଣ୍ଟ ଓ ସିଲିକନ ଭ୍ୟାଲିର ଭେଞ୍ଚର କ୍ୟାପିଟାଲିଷ୍ଟ ମାର୍କ ଆଣ୍ଡ୍ରେସେସନ ମଧ୍ୟ ରହିଛନ୍ତି। କମିଟିରେ ରାଜନଙ୍କ ଦାୟିତ୍ୱ ହେଉଛି ବାଲାନ୍ସ ସିଟ୍ ନୀତିର ସମୀକ୍ଷା କରିବା। ରାଜ ଚେଟ୍ଟି ଡାଟା କମିଟିର ସହ-ନେତୃତ୍ୱ ନେବେ। ଆଶା ଶର୍ମାଙ୍କୁ ଏଆଇ ଓ ନିଯୁକ୍ତି ସମୀକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଫେଡେରାଲ ରିଜର୍ଭ ତରଫରୁ ପାଞ୍ଚଟି ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି।

## ବଙ୍ଗୋପସାଗରରେ ୨ ଡଙ୍ଗା ବୁଡ଼ି ୫୦୦ରୁ ଅଧିକ ଲୋକ ନିଖୋଜ

**କୋଲକତା,୧୬।୭(ଏଜେନ୍ସି):** ବଙ୍ଗୋପସାଗରରେ ମିଆଁମାର ଉପକୂଳ ନିକଟରେ ମଝି ସମୁଦ୍ରରେ ବୁଡିଗଲା ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ନେଇ ଯାଉଥିବା ଦୁଇଟି ଡଙ୍ଗା। ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ନେଇ ଆଶଙ୍କା କରାଯାଉଛି। ଘଟଣାକୁ ନେଇ ଜାତିସଂଘର ଇଣ୍ଟରନ୍ୟାସନାଲ୍ ଅର୍ଗାନାଇଜେସନ୍ ଫର୍ ମାଇଗ୍ରେସନ୍ ଓ ୟୁଏନଏଚସିଆର୍ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଜୁନ ଶେଷ ସପ୍ତାହରେ ମିଆଁମାରର ସଂଘର୍ଷପ୍ରବଣ ରାଖାଇନ୍ ରାଜ୍ୟରୁ ଦୁଇଟି ଡଙ୍ଗା ଯାତ୍ରା ଆରମ୍ଭ କରିଥିଲା। ଏଥିରେ ମିଆଁମାର ସହ ବାଂଲାଦେଶର ଶରଣାର୍ଥୀ ଶିବିରରୁ ଆସିଥିବା ରୋହିଙ୍ଗ୍ୟାମାନେ ମଧ୍ୟ ଥିଲେ। ପ୍ରଥମ ଡଙ୍ଗାରେ ପ୍ରାୟ ୨୫୦ ଜଣ ଯାତ୍ରୀ ଥିବାବେଳେ ଯାତ୍ରା ଆରମ୍ଭ ହେବାର କିଛି ସମୟ ପରେ ଏହାସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସେହିଭଳି ଅନ୍ୟ ଏକ ଡଙ୍ଗାରେ ପ୍ରାୟ ୨୮୦ ଜଣ ଯାତ୍ରୀ ଥିଲେ। ଏହି ଡଙ୍ଗାଟି ଜୁଲାଇ ୮ରେ ମିଆଁମାରର ଆୟେୟାରୱାଡି ଉପକୂଳ ନିକଟରେ ଓଲଟି ପଡ଼ିଥିଲା। ତେବେ ଦୁଇଟି ଯାକ ଡଙ୍ଗାରେ ମୋଟ ୫୩୦ ଜଣ ଲୋକ ରହିଥିଲେ। ଯେଉଁମାନଙ୍କ ଜୀବିତ ଥିବା ନେଇ ଆଶା ବହୁତ କମ୍ ରହିଛି।

## ବିଦ୍ୟୁତ୍ ତାର ଛିଡ଼ି ପଡ଼ିବାରୁ ୪ ମୃତ, ଜଣେ ଗୁରୁତର

**ନୂଆଦିଲ୍ଲୀ,୧୬।୭(ଏଜେନ୍ସି):** ମୁଣ୍ଡ ଉପରେ ବିଦ୍ୟୁତ୍ ତାର ଛିଡି ପଡିବାରୁ ୪ ଜଣଙ୍କର ଜୀବନ ଯାଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ଦିଲ୍ଲୀ ନୋଏଡାର ଛିଜାରାସି ଗାଁରେ। ଗୁରୁତର ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଉକ୍ତ ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଏହି ଘଟଣାରେ ଏକ ସ୍କୁଟି ମଧ୍ୟ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି।

ସୂଚନା ଅନୁସାରେ, ଲୋକମାନେ ରାସ୍ତାରେ ଯାଉଥିବା ବେଳେ ହଠାତ୍ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ସେମାନଙ୍କ ଉପରେ ଖସିପଡ଼ିଥିଲା। ଫଳରେ ବିଦ୍ୟୁତ୍ ଆଘାତ ସେମାନଙ୍କୁ ଲାଗିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେବା ସହ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ।

# ନବମ ଶ୍ରେଣୀରେ ତୃତୀୟ ଭାଷା ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଇବ

**ନୂଆଦିଲ୍ଲୀ,୧୬।୭(ଏଜେନ୍ସି):** ନବମ ଶ୍ରେଣୀରେ ତୃତୀୟ ଭାଷା ପ୍ରଚଳନ କରିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଜାତୀୟ ଶିକ୍ଷା ନୀତି ଅନୁଯାୟୀ ନବମ ଶ୍ରେଣୀରେ ତୃତୀୟ ଭାଷା ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସମୟରେ ସେମାନଙ୍କ ଉପରେ ଅଯଥା ଚାପ ପଡ଼ିବ। ବିଚାରପତି ବି ଭି ନାଗରତ୍ନା ଓ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ୯ମ ଶ୍ରେଣୀ ସ୍ତରରେ ତୃତୀୟ ଭାଷା ପ୍ରଚଳନ ନକରିବାକୁ ମୌଖିକ ଭାବରେ କହିଛନ୍ତି।

ଖଣ୍ଡପୀଠ କହିଛନ୍ତି ଯେ, ତୃତୀୟ ଭାଷାକୁ ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀରେ ହିଁ ପ୍ରଚଳନ କରାଯିବା ଉଚିତ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏହାକୁ ଅଧିକ ପ୍ରଭାବଶାଳୀ ଭାବରେ ପଢ଼ିପାରିବେ। ଖଣ୍ଡପୀଠ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜବାହାର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି) ପ୍ରତିଷ୍ଠା କରିବା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରିବା ସମୟରେ ଏହି ରାୟ ଦେଇଥିଲେ। ବିଦ୍ୟାଳୟଗୁଡ଼ିକରେ ଗ୍ରହଣ କରାଯାଇଥିବା ତିନି ଭାଷା ନୀତି ସମ୍ପର୍କରେ ଚିନ୍ତା ପ୍ରକଟ କରି ତାମିଲନାଡୁ ସରକାର ରାଜ୍ୟରେ ଜେଏନ୍‌ଭି ପ୍ରତିଷ୍ଠାକୁ ନିରନ୍ତର ବିରୋଧ କରିଆସୁଛନ୍ତି।

ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ତିନିଭାଷା ନୀତି ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ। କୋର୍ଟ କହିଛନ୍ତି ଯେ, ଭାଷା ଶିଖିବା କେବେବି ଅପଚୟ ନୁହେଁ। ସିବିଏସ୍‌ଇର ତିନି-ଭାଷା ନୀତିକୁ ନେଇ ବୁଧବାର ସୁପ୍ରିମ୍‌କୋର୍ଟରେ ହୋଇଥିବା ଶୁଣାଣି ସମୟରେ ଇଂରାଜୀ ଭାଷାକୁ ସ୍ୱଦେଶୀ ଭାଷା ଭାବେ ବିବେଚନା କରାଯାଇପାରିବ କି ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହା ସହିତ ନୀତି କାର୍ଯ୍ୟକାରୀ କରିବାରେ ଥିବା ଚ୍ୟାଲେଞ୍ଜ ସମ୍ପର୍କରେ ୧୦ ଦିନ ମଧ୍ୟରେ ସରକାର ଓ ସିବିଏସ୍‌ଇ ଠାରୁ ଜବାବ ମାଗିଥିଲେ। ଏହି ମାମଲାର ଶୁଣାଣି ୧୪ ଦିନ ପରେ ଜୁଲାଇ ୨୯ ତାରିଖରେ କରାଯିବ।



ପ୍ରକୃତରେ ତିନିଭାଷା ନୀତି ଚଳିତ ୨୦୨୬-୨୭ ଅଧିବେଶନରୁ କାର୍ଯ୍ୟକାରୀ କରାଯାଇଛି। ନୂତନ ନୀତି ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ଦୁଇଟି ଭାରତୀୟ ଭାଷା ଓ ଗୋଟିଏ ବିଦେଶୀ ଭାଷା ପଢ଼ିବାକୁ ପଡିବ। ଫଳସ୍ୱରୂପ, ସେମାନଙ୍କୁ ପଞ୍ଚମ ଶ୍ରେଣୀରୁ ପଢୁଥିବା ଭାଷାଗୁଡ଼ିକୁ ପରିତ୍ୟାଗ କରିବାକୁ ପଡିବ। ଆବେଦନକାରୀମାନେ ଯୁକ୍ତି ଦେଇଥିଲେ ଯେ, ସିବିଏସ୍‌ଇ ଉପଯୁକ୍ତ ପ୍ରସ୍ତୁତି ବିନା ତିନିଭାଷା ନୀତି କାର୍ଯ୍ୟକାରୀ କରିଛି। ବିଦ୍ୟାଳୟଗୁଡ଼ିକରେ ପର୍ଯ୍ୟାପ୍ତ ଶିକ୍ଷକ, ପୁସ୍ତକ ଓ ଆବଶ୍ୟକୀୟ ଶୈକ୍ଷିକ ଭିତ୍ତିଭୂମିର ଅଭାବ ରହିଛି, ଯାହା ଛାତ୍ର ଓ ଶିକ୍ଷକ ଉଭୟଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି।

# ଅହମଦାବାଦ ଏୟାର ଇଣ୍ଡିଆ ଦୁର୍ଘଟଣାରେ ସୁପ୍ରିମକୋର୍ଟଙ୍କ ବଡ଼ ଆଭିମୁଖ୍ୟ

**ନୂଆଦିଲ୍ଲୀ,୧୬।୭(ଏଜେନ୍ସି):** ଗତବର୍ଷ ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ (ଏଆଇ ୧୭୧) ଦୁର୍ଘଟଣାକୁ ନେଇ ଦେଶରେ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ୨୬୦ ଜୀବନ ନେଇଥିବା ଏହି ଭୟଙ୍କର ଦୁର୍ଘଟଣାର ତଦନ୍ତ ଚାଲିଥିବା ବେଳେ ଏବେ 'କକପିଟ୍ ଭଏସ୍ ରେକର୍ଡର'କୁ ନେଇ ସୁପ୍ରିମକୋର୍ଟରେ ଏକ ବଡ଼ ବିବାଦ ଉପୁଜିଛି। ତଦନ୍ତକାରୀ ସଂସ୍ଥା 'ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ' ଏହି ରେକର୍ଡିଂ ସାର୍ବଜନୀନ କରିବାକୁ ସିଧାସଳଖ ମନା କରିଦେଇଛି।

ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଏଏଆଇବି ସ୍ପଷ୍ଟ କରିଛି ଯେ, 'ଏୟାରକ୍ରାଫ୍ଟ (ତଦନ୍ତ ଓ ଦୁର୍ଘଟଣା) ନିୟମ, ୨୦୨୫'ର ଧାରା ୧୭(୫) ଅନୁଯାୟୀ, କକପିଟ୍‌ର ଅଡ଼ିଓ ରେକର୍ଡିଂ କିମ୍ବା ଟ୍ରାନ୍ସକ୍ରିପ୍ଟକୁ ସର୍ବସାଧାରଣ କରିବା ଉପରେ କଠୋର ବାରଣ ରହିଛି। ସଂସ୍ଥାର ଯୁକ୍ତି ଅନୁଯାୟୀ, ଯଦି ଏହି ସମ୍ବେଦନଶୀଳ ତଥ୍ୟ ସାର୍ବଜନୀନ କରାଯାଏ, ତେବେ ଏହା ଭବିଷ୍ୟତର ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବ। ପାଇଲଟମାନଙ୍କୁ ଦୋଷାରୋପ କରି ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଯୋଗୁ ଅନେକ ସାକ୍ଷୀ ମୁହଁ ଖୋଲିବାକୁ ଭୟ କରୁଛନ୍ତି, ଯାହା ତଦନ୍ତ ପାଇଁ ବାଧକ ସାଜିଛି।

ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଅନେକ ଆବେଦନକାରୀ କକପିଟ୍ ରେକର୍ଡିଂ ସାର୍ବଜନୀନ କରିବାକୁ ଦାବି କରିଥିଲେ। ତେବେ ସୁପ୍ରିମକୋର୍ଟ ବର୍ତ୍ତମାନ ପରିସ୍ଥିତିରେ ଏହି ଦାବିକୁ ଅଗ୍ରାହ୍ୟ କରିଛନ୍ତି। କୋର୍ଟ ଗ୍ରହଣ କରିଛନ୍ତି ଯେ, ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ତଦନ୍ତର ଅଖଣ୍ଡତା ବଜାୟ ରଖିବା ଜରୁରୀ। ତେଣୁ ଏହି ମାମଲାରେ ସାମୟିକ ଭାବେ ରେକର୍ଡିଂ ସାର୍ବଜନୀନ ନକରିବାକୁ କୋର୍ଟ ସମ୍ମତି ଜଣାଇଛନ୍ତି।

ଏଏଆଇବି ସୂଚନା ଦେଇଛି ଯେ, ଦୁର୍ଘଟଣାର ତଦନ୍ତ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ତର୍ଜାତୀୟ ନିୟମ ଅନୁସାରେ, ଏହାର ଚିଠା ରିପୋର୍ଟ ପ୍ରସ୍ତୁତ କରାଯାଉଛି, ଯାହା ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ସାର୍ବଜନୀନ ହୋଇପାରେ। ଏହି ରିପୋର୍ଟ ପ୍ରସ୍ତୁତ ହେବା ପୂର୍ବରୁ ଏହାକୁ ଯାଞ୍ଚ କରିବା ପାଇଁ ଆମେରିକାର 'ନ୍ୟାସନାଲ ଟ୍ରାନ୍ସପୋର୍ଟେସନ୍ ସେଫ୍ଟି ବୋର୍ଡ' ଭଳି ସମ୍ବନ୍ଧିତ ସଂସ୍ଥାମାନଙ୍କୁ ପଠାଯିବ।

ଜୁନ୍ ୧୨, ୨୦୨୫ରେ ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ଏହି ବିମାନଟି ଉଡ଼ାଣର କିଛି ମୁହୂର୍ତ୍ତ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୬୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ପ୍ରାଥମିକ ତଦନ୍ତରେ ବିମାନର ଇଞ୍ଜିନ୍‌ରେ ସମସ୍ୟା ହୋଇଥିବା ସନ୍ଦେହ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ତଦନ୍ତକାରୀ ସଂସ୍ଥା ସମସ୍ତ ବୈଷୟିକ ଦିଗକୁ ନେଇ ଗଭୀର ପରୀକ୍ଷଣ କରୁଛି। ଦେଶର ଏହି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଉପରେ ସମସ୍ତଙ୍କ ନଜର ରହିଛି। ଅକ୍ଟୋବରରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ରିପୋର୍ଟ ହିଁ ଏହି ଦୁର୍ଘଟଣା ପଛର ପ୍ରକୃତ କାରଣ ଉପରୁ ପରଦା ହଟାଇବ ବୋଲି ଆଶା କରାଯାଉଛି।

### କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

# ସୋନମ ୱାଙ୍ଗଚୁକଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନିଅ

**ନୂଆଦିଲ୍ଲୀ,୧୬।୭(ଏଜେନ୍ସି):** ପ୍ରଶ୍ନପତ୍ର ଲିକ୍ ମାମଲାରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଇସ୍ତଫା ଦାବି କରି ଆମରଣ ଅନଶନରେ ବସିଥିବା ଲାଦାଖୀ ସମାଜସେବୀ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗଚୁକ(୫୯)ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦିଲ୍ଲୀ ହାଇକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ୱାଙ୍ଗଚୁକଙ୍କ ଅନଶନ ୧୯ ଦିନରେ ପହଞ୍ଚିଥିବା ବେଳେ ତାଙ୍କ ଜୀବନ ରକ୍ଷା ପାଇଁ ଯାହା ବି ଚିକିତ୍ସା ସେବା ଆବଶ୍ୟକ, ତାହା ତୁରନ୍ତ ଯୋଗାଇ ଦେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ପ୍ରତ୍ୟେକ ନାଗରିକଙ୍କ ଜୀବନ ମୂଲ୍ୟବାନ। ଏହାକୁ ବଞ୍ଚାଇବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ପ୍ରୟାସ କରିବା ଉଚିତ ବୋଲି କୋର୍ଟ କହିଛନ୍ତି।

ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ କୋର୍ଟରେ ଏକ ଜରୁରୀକାଳୀନ ଆବେଦନ କରାଯାଇ ଦର୍ଶାଯାଇଥିଲା ଯେ ଅନଶନ ଯୋଗୁଁ ୱାଙ୍ଗଚୁକ ପ୍ରାୟ




୮.୫ କିଲୋଗ୍ରାମ ଓଜନ ହରାଇଛନ୍ତି। ଯଦି ସେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅନଶନ ନ ଭାଙ୍ଗନ୍ତି, ହୁଏତ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ପାରେ। ଏପରି ସ୍ଥିତିରେ ସରକାର ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନେଇ ଜରୁରୀ ପୋଷକ ତତ୍ତ୍ୱ ଏବଂ ଭିଟାମିନ ଯୁକ୍ତ ତରଳ ଖାଦ୍ୟ ଦେବାକୁ ଆବେଦନରେ ଅନୁରୋଧ କରାଯାଇଥିଲା। ଶୁଣାଣି ସମୟରେ କେନ୍ଦ୍ରର ପକ୍ଷ ରଖୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କୋର୍ଟ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଉ ନ ଥିବାରୁ ପ୍ରଶ୍ନ କରିଥିଲେ। ସରକାରଙ୍କ ପକ୍ଷରୁ କୁହାଯାଇଥିଲା, ଦୈନିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି, କିନ୍ତୁ ସେମାନଙ୍କ ମଧ୍ୟରେ ଅଧିକାଂଶ ବେସରକାରୀ ଡାକ୍ତର ଅଛନ୍ତି। ଏହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକଟ କରି କହିଛନ୍ତି ଯେ ୱାଙ୍ଗଚୁକଙ୍କୁ ଦୈନିକ ସରକାରୀ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ରିପୋର୍ଟ ଆଧାରରେ ଆବଶ୍ୟକ ଔଷଧ ଓ ଚିକିତ୍ସା ପ୍ରଦାନ କରାଯାଉ।

ଅନ୍ୟପକ୍ଷରେ କୋର୍ଟଙ୍କ ନିର୍ଦ୍ଦେଶ ପୂର୍ବରୁ ସୋନମ ୱାଙ୍ଗଚୁକଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, ଶରୀରରେ ଦୁର୍ବଳତା ଅଛି ଏବଂ ମାଂସପେଶୀ ଥକି ଯାଇଛି, କିନ୍ତୁ ମୋର ହୃଦୟ ଓ ମନ ଏବେ ବି ସୁସ୍ଥ ଅଛି। ବରିଷ୍ଠ ନେତାମାନଙ୍କ ଅନୁରୋଧ ସତ୍ତ୍ୱେ ସେ ସରକାରଙ୍କ ସକାରାତ୍ମକ ପ୍ରତିକ୍ରିୟା ନ ମିଳିବା ପର୍ଯ୍ୟନ୍ତ ଅନଶନ ଭାଙ୍ଗିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

### ଅସ୍ତ୍ରବିରତି ସତ୍ତ୍ୱେ ଗାଜାରେ ଇସ୍ରାଏଲର ଏୟାର୍ ଷ୍ଟ୍ରାଇକ୍

# ଦୁଇ ଦିନରେ ୧୨ ମୃତ

**ଗାଜା ସିଟି,୧୩।୭(ଏଜେନ୍ସି):** ଇସ୍ରାଏଲ ଓ ହାମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଥିଲେ ହେଁ ଗାଜା ଭୂଖଣ୍ଡରେ ଇସ୍ରାଏଲର ସାମରିକ ଆକ୍ରମଣ ଥମିବାର ନାଁ ନେଉନାହିଁ। ବୁଧବାର ହୋଇଥିବା ଇସ୍ରାଏଲୀ ଏୟାର୍ ଷ୍ଟ୍ରାଇକରେ ଅତିକମରେ ୧୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଉତ୍ତର ଗାଜାର ଜବାଲିଆ ଶରଣାର୍ଥୀ ଶିବିରରେ ଥିବା ଏକ ପୋଲିସ ଷ୍ଟେସନ ଉପରେ ହୋଇଥିବା ବୋମାବର୍ଷଣରେ ଜଣେ ମହିଳା ଓ ସିନିୟର କମାଣ୍ଡର କର୍ଣ୍ଣେଲ ମହମ୍ମଦ ମରୱାନ ସାଲେମଙ୍କ ସମେତ ୬ ଜଣ ପୋଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି। ସେହିପରି ଦକ୍ଷିଣ ଗାଜାର ଖାନ୍ ୟୁନିସ ଏବଂ ରାଫା ସୀମାବର୍ତ୍ତୀ ଅଞ୍ଚଳରେ ମଧ୍ୟ ଇସ୍ରାଏଲୀ ସେନାର ଗୁଳିମାଡ଼ ଓ ବୋମାବର୍ଷଣରେ ଜଣେ ଶିଶୁ ସମେତ ଅନ୍ୟମାନଙ୍କର ମୃତ୍ୟୁ ହୋଇଛି। ଇସ୍ରାଏଲ ସେନା ପକ୍ଷରୁ ଦାବି କରାଯାଇଛି, ପ୍ରାଣ ହରାଇଥିବା ପୋଲିସ ଅଧିକାରୀମାନେ ହାମାସର ସଙ୍ଗଠନ ସହ ଜଡ଼ିତ ଥିଲେ। ମାତ୍ର ଏହାର କୌଣସି ପ୍ରମାଣ ମିଳିନଥିବା ବେଳେ ହାମାସ କହିଛି ଯେ ପୋଲିସ ବାହିନୀ କେବଳ ଆଇନ ଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ। ଜାତିସଂଘର ମାନବାଧିକାର କାର୍ଯ୍ୟାଳୟ ମଧ୍ୟ ଗାଜାର ସାଧାରଣ ଟ୍ରାଫିକ ନିୟନ୍ତ୍ରଣ ଓ ପାଟ୍ରୋଲିଂ କରୁଥିବା ପୋଲିସ କର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରିଛି। ସୂଚନାଯୋଗ୍ୟ ଯେ, ଅକ୍ଟୋବର ମାସର ଅସ୍ତ୍ରବିରତି ଚୁକ୍ତି ପରଠାରୁ ଏପର୍ଯ୍ୟନ୍ତ ଗାଜାରେ ୧,୧୨୩ ରୁ ଅଧିକ ଲୋକ ପ୍ରାଣ ହରାଇସାରିଲେଣି, ଯେଉଁଥିରେ ଅଧିକାଂଶ ମହିଳା ଓ ଶିଶୁ ରହିଛନ୍ତି। ୨୦୨୩ ଅକ୍ଟୋବର ୭ ରୁ ଆରମ୍ଭ ହୋଇଥିବା ଏହି ଭୟାବହ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ପାଲେଷ୍ଟାଇନ ମୃତ୍ୟୁସଂଖ୍ୟା ୭୩,୨୬୪ ଅତିକ୍ରମ କରିସାରିଛି।

# ତ୍ୟାଗରାଜ ନଗରରେ ରଥଯାତ୍ରା: ଯୋଗଦେଲେ ହଜାର ହଜାର ଶ୍ରଦ୍ଧାଳୁ

**ନୂଆଦିଲ୍ଲୀ,୧୬।୭(ଏଜେନ୍ସି):** ଦିଲ୍ଲୀ ଓ ଏନ୍‌ସିଆର୍‌ରୁ ହଜାର ହଜାର ଭକ୍ତ ୫୯ତମ ରଥଯାତ୍ରା ଉତ୍ସବରେ ଯୋଗଦେବା ପାଇଁ ପ୍ରଭାତରୁ ତ୍ୟାଗରାଜ ନଗରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ସମବେତ ହୋଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭକ୍ତମାନଙ୍କୁ ରଥଯାତ୍ରାର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଦକ୍ଷିଣ ଦିଲ୍ଲୀର ସାଂସଦ ବାଂଶୁରୀ ସ୍ୱରାଜ ଏବଂ ସ୍ଥାନୀୟ ବିଧାୟକ ନୀରଜ ବସୋୟା ମଧ୍ୟ ଭକ୍ତମାନଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥରେ ଯାତ୍ରା କରିଥିଲେ। ନାରୀ ସଶକ୍ତିକରଣ ଓ ଲିଙ୍ଗ ସମାନତାର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ଭକ୍ତମାନେ ଟାଣିଥିଲେ। ପହଣ୍ଡି ବିଜେ ନୀତି ଅନୁଯାୟୀ ସକାଳ ୧୦ଟା ୩୦ ମିନିଟରେ ମହାପ୍ରଭୁମାନଙ୍କୁ ଗର୍ଭଗୃହରୁ ବାହାରକୁ ଅଣାଯାଇଥିଲା। ଦିନ ୧୨ଟା ସୁଦ୍ଧା ସେମାନଙ୍କୁ ଶ୍ରୀଜଗନ୍ନାଥ ମାର୍ଗ (ବଡଦାଣ୍ଡ)ରେ ଥିବା ରଥରେ ବିରାଜମାନ କରାଯାଇଥିଲା। ଛେରା ପହଁରା ନୀତି ମନୋନୀତ ଗଜପତି ତଥା ଅଏଲ୍ ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ ସୁଧାକର ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ ହେବା ପରେ ଅପରାହ୍ଣ ୩ଟାରେ ତ୍ୟାଗରାଜ ଷ୍ଟାଡିୟମର ମୁଖ୍ୟ ପ୍ରବେଶ ଦ୍ୱାର ସମ୍ମୁଖରୁ ରଥଯାତ୍ରା ଆରମ୍ଭ ହୋଇଥିଲା। ରଥଯାତ୍ରା ଶ୍ରୀଜଗନ୍ନାଥ ମାର୍ଗ, ବିକାଶ ସଦନ ଛକ, ଆଇଏନ୍‌ଏ ମାର୍କେଟ୍ ସର୍ଭିସ୍ ଲେନ୍, ରାଜ୍ୟସଭା କର୍ମଚାରୀ ଆବାସିକ ପରିସର ଆଦି ଦେଇ ପରିକ୍ରମା କରି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରଥଯାତ୍ରାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ଚିକିତ୍ସା ସହାୟତା,



ପାନୀୟ ଜଳ ସୁବିଧା, ନିଶୁଳ୍କ ଅନ୍ନ ପ୍ରସାଦ ବିତରଣ ଇତ୍ୟାଦି କରାଯାଇଥିଲା। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ପ୍ରାୟୋଜନରେ ଆସିଥିବା ସାଂସ୍କୃତିକ ଦଳଗୁଡ଼ିକ ରଥଯାତ୍ରା ଶୋଭାଯାତ୍ରା ସମୟରେ ଘୋଡ଼ା ନାଚ, ବାଘ ନାଚ ଓ ପାଇକ ଯୁଦ୍ଧ ନୃତ୍ୟ ପରିବେଷଣ କରିଥିଲେ।

ଚିକିତ୍ସାଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରଙ୍କ ସହ ଚାରୋଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା। ଏହା ସହିତ ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ଥାୟୀ ଓ ମୋବାଇଲ୍ ସିସିଟିଭି ନଜରଦାରି ମାଧ୍ୟମରେ ସମଗ୍ର ରଥଯାତ୍ରାକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପରିଚାଳିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ଉପସଭାପତି ଡିଏନ୍ ସାହୁ, ସାଧାରଣ ସମ୍ପାଦକ କେଡି ବିଶ୍ୱାଳ ଓ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ପଲାଇଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। କମିଟିର ସଦସ୍ୟ ପ୍ରଣତି ବିଶ୍ୱାଳ, ବିଜୟାନନ୍ଦ ସାମଲ, ଅଭୟ ପଲାଇ, ସରୋଜ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ୧୭ ଜୁଲାଇରୁ ୨୭ ଜୁଲାଇ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଓଡ଼ିଶୀ, କଥକ, ସମ୍ବଲପୁରୀ ସମେତ ବିଭିନ୍ନ ଲୋକ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯିବ। ଦାତାମାନଙ୍କ ମଧ୍ୟରେ ଲକି ଡ୍ର ୩୯ (ଭାଗ୍ୟଶାଳୀ କୁପନ୍ ଉଠାଣ)ର ଆୟୋଜନ କରାଯିବ। ଏହା ସହିତ ଶିଶୁମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଉଦ୍‌ଯାପନ ସମାରୋହରେ ସମ୍ମାନିତ କରାଯିବ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida